ଆଠ ପୃଷ୍ଠା
ମୂଲ୍ୟ : ₹ ୫.୦୦
ବର୍ଷ-୧୭, ସଂଖ୍ୟା: ୧୮୬
୧୩ ନଭେମ୍ବର, ୨୦୨୫ ଗୁରୁବାର
କେନ୍ଦ୍ରାପଡ଼ା

# ଓଡ଼ିଶା ଏକ୍ସପ୍ରେସ୍

ସର୍ବେ ଭଦ୍ରାଣି ପଶ୍ୟନ୍ତୁ...

Pages-8
Price ₹ 5.00
Vol. 17, Issue No. : 186
13th November, 2025 Thursday
Kendrapara

ODISHA EXPRESS
SIGHTS TRUTH WRITES TRUTH
ଠିକ୍ ଦେଖେ ଠିକ୍ ଲେଖେ

Website : www.odishaexpress.in E-mail : odishaexpress@gmail.com
RNI Regd. No. ODIODI/2009/28880 ଭୁବନେଶ୍ୱର ଏବଂ କେନ୍ଦ୍ରାପଡ଼ାରୁ ଏକସଙ୍ଗେ ପ୍ରକାଶିତ

## ନୀତି ବାଣୀ

**ସକୃତ୍‌କନ୍ଦୁକ ପାତେନୋତ୍ ପତତ୍ୟଧଃ ପତନ୍ନପି**
**ତଥା ତ୍ୱନାର୍ଯ୍ୟଃ ପତତି ମୃତ୍‌ପିଣ୍ଡପତନଂ ଯଥା ।**

ସାଧୁ ଲୋକର ପତନ ହେଲେ ମଧ ତା'ର ପୁଣି ଅଭ୍ୟୁଦୟ ହୁଏ ଯେପରି କନ୍ଦୁକ ଭୂମିରେ ପତିତ ହେଲେ ଉପରକୁ ଉଠେ, ମାତ୍ର ମାଟିର ପାତ୍ର ଭୂମିରେ ପଡ଼ିଲେ ଭଗ୍ନ ହୁଏ, ସେହିପରି ଅସାଧୁ ଲୋକର ପତନ ହିଁ ତା'ର ବିନାଶର କାରଣ ହୁଏ।

**ଅମ୍ବିକା ପ୍ରସାଦ ଦାସଙ୍କ**
## 'ସତ କହିବାକୁ କିଆଁ ଡରିବି' ସ୍ତମ୍ଭରେ
## ପୂର୍ବରୁ କାର୍ଯ୍ୟାନୁଷ୍ଠାନ ହୋଇଥିଲେ ଏ ଅବସ୍ଥା ହୋଇନଥାନ୍ତା

## ହାତୁଡ଼ିରେ ପିଟିପିଟି ହତ୍ୟା

**ପୁରୀ,୧୨।୧୧: ଏକ୍ସପ୍ରେସ୍ ନ୍ୟୁଜ୍**

ହାତୁଡିରେ ପିଟିପିଟି ଅତି ନିର୍ମମ ଭାବେ ପୁରୀରେ କାମ କରୁଥିବା ଜଣେ ଟାଇଲ ମିସ୍ତ୍ରୀଙ୍କୁ କରାଯାଇଛି ହତ୍ୟା। ପୁରୀ ବାଲିଘାଟ ବ୍ରାହ୍ମଣ ପୋଖରୀ ନିକଟ ତୋଟା ବେହେରା ସାହିରେ ଘଟିଛି ଏହି ଘଟଣା। ମୃତକ ଟାଇଲ ମିସ୍ତ୍ରୀ ହେଉଛନ୍ତି ପଶ୍ଚିମବଙ୍ଗ ମେଦିନୀପୁରର ଶେଖ୍ ନୋରା ଆଲମ୍। ଖବରପାଇ ଘଟଣାସ୍ଥଳରେ ମେରାଇନ ଓ ତାଳବଣିଆ ଥାନା ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ପୋଲିସ ମୃତଦେହ ଜବତ କରି ଶବ ବ୍ୟବଚ୍ଛେଦ ପାଇଁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଛି।

ମୃତ ଟାଇଲ ମିସ୍ତ୍ରୀଙ୍କୁ ତାଙ୍କ ସହଯୋଗୀ ହତ୍ୟା କରିଥିବା ନେଇ ଅଭିଯୋଗ ହୋଇଛି। ଗତ କିଛିବର୍ଷ ଧରି ପୁରୀର ବିଭିନ୍ନ ଅଞ୍ଚଳରେ ଶ୍ରମିକମାନଙ୍କୁ ଆଣି ଟାଇଲ କାମ କରୁଥିଲେ *(ଶେଷ ପୃଷ୍ଠା ଦେଖନ୍ତୁ)*

**କେନ୍ଦ୍ର ସରକାର କ୍ୟାବିନେଟ୍ ବୈଠକରେ ମାନିଲେ**
# ଦିଲ୍ଲୀ ବିସ୍ଫୋରଣ ଆତଙ୍କବାଦୀ ଆକ୍ରମଣ

**ନୂଆଦିଲ୍ଲୀ,୧୨।୧୧**
**ଏକ୍ସପ୍ରେସ୍ ନ୍ୟୁଜ୍**

ଦିଲ୍ଲୀ ବିସ୍ଫୋରଣକୁ ଆତଙ୍କବାଦୀ ଆକ୍ରମଣ ବୋଲି ମାନିଛି କେନ୍ଦ୍ର। ଆଜି ସୁରକ୍ଷା ସମ୍ପର୍କିତ କ୍ୟାବିନେଟ ବୈଠକରେ ନେଇ ଆଲୋଚନା ହେବା ପରେ ଏହାକୁ ଆତଙ୍କବାଦୀ ଆକ୍ରମଣ ବୋଲି କୁହାଯାଇଛି। ପ୍ରଧାନମନ୍ତ୍ରୀଙ୍କ ଅଧକ୍ଷତାରେ ବସିଥିବା କ୍ୟାବିନେଟ ବୈଠକରେ ଏ ନେଇ ପ୍ରସ୍ତାବ ପାସ ହୋଇଛି। ଏଥିରେ କୁହାଯାଇଛି, ଦିଲ୍ଲୀ ବିସ୍ଫୋରଣ ଏକ ଜଘନ୍ୟ ଆତଙ୍କବାଦୀ ଆକ୍ରମଣ। ଦେଶ ବିରୋଧୀ ଶକ୍ତି ଏହି ଘଟଣା କରିଛନ୍ତି। ଆତଙ୍କୀଙ୍କ ବିରୋଧରେ ଶୂନ୍ୟ ସହନଶୀଳତା ନୀତି ଅପଣାଯିବ। କ୍ୟାବିନେଟରେ ଆକ୍ରମଣକୁ ନିନ୍ଦା କରାଯାଇଛି। ଆକ୍ରମଣର ତଦନ୍ତ ପାଇଁ ପାଇଁ ନିର୍ଦ୍ଦେଶ ଦିଆଯାଇଛି। କ୍ୟାବିନେଟ ବୈଠକରେ ଅଶ୍ୱିନୀ କହିଛନ୍ତି, 'ଦୋଷୀ ଓ ସହଯୋଗୀଙ୍କୁ ଶୀଘ୍ର ଚିହ୍ନଟ କରାଯିବ। ବିଳମ୍ବ ନକରି ଦୋଷୀଙ୍କ ବିରୋଧରେ ହେବ କାର୍ଯ୍ୟାନୁଷ୍ଠାନ। ତତ୍ପରତା ସହ ଗୁରୁତ୍ୱର ସହ ତଦନ୍ତ କରାଯିବ। ଆତଙ୍କବାଦକୁ ବରଦାସ୍ତ କରାଯିବନି, ଆତଙ୍କୀ ଆକ୍କାଙ୍କୁ ଛାଡ଼ିବୁନି।'

ସେପଟେ ଦିଲ୍ଲୀ ବିସ୍ଫୋରଣକୁ ନେଇ ବଡ ତଥ୍ୟ ସାମ୍ନାକୁ ଆସିଛି। ବିସ୍ଫୋରକ ସହ ଧରା ପଡିଥିବା ଅଲ ଫଲାହ ବିଶ୍ୱବିଦ୍ୟାଳୟର ଆତଙ୍କୀ ଡାକ୍ତର ମୁଜାମିଲକୁ ଜେରା ସମୟରେ ସାଂଘାତିକ ତଥ୍ୟ *(ଶେଷ ପୃଷ୍ଠା ଦେଖନ୍ତୁ)*



## ଭୟଙ୍କର ଶବ୍ଦରେ ଫାଟିଯାଇଛି ମୃତକଙ୍କ ଫୁସଫୁସ୍-ଅନ୍ତନଳୀ

**ନୂଆଦିଲ୍ଲୀ,୧୨।୧୧: ଏକ୍ସପ୍ରେସ୍ ନ୍ୟୁଜ୍**

ଦିଲ୍ଲୀ ଲାଲକିଲ୍ଲା ମେଟ୍ରୋ ଷ୍ଟେସନ୍ ବିସ୍ଫୋରଣ ମାମଲାରେ ୧୩ ଜଣଙ୍କର ମୃତ୍ୟୁ ହୋଇଥିଲା। ଏବେ ମୃତକଙ୍କ ପୋଷ୍ଟ ମର୍ଟମ ରିପୋର୍ଟ ଆସିଛି। ଏଥିରେ ବହୁ ମୃତଦେହର ହାଡ଼ ଭାଙ୍ଗି ଯାଇଥିବା ବେଳେ ମୁଣ୍ଡରେ ଗଭୀର ଆଘାତ ଲାଗିଛି। ବିସ୍ଫୋରଣ ଏତେ ଭୟଙ୍କର ଥିଲା ଯେ, ଶବ୍ଦରେ ବହୁ ମୃତକଙ୍କ ଫୁସଫୁସ, କାନର ପରଦା ଓ ପେଟର ଅନ୍ତନଳୀ ଫାଟି ଯାଇଥଲା। ବିସ୍ଫୋରଣ ପରେ ଲୋକେ କାନ୍ଥ ଓ ଚଟଣାରେ ମାଡ଼ ହୋଇଥିଲେ। ବହୁ ଲୋକଙ୍କ ମୃତ୍ୟୁର କାରଣ ବିସ୍ଫୋରଣ ଯୋଗୁଁ ଗଭୀର ଆଘାତ ଓ ଅତ୍ୟାଧିକ ରକ୍ତ ବୋହିବା ବୋଲି କୁହାଯାଉଛି। ଏହା ସହ କ୍ରାସ୍ ଇଞ୍ଜୁରୀ ପାର୍ଟନ ମଧ ଦେଖିବାକୁ ମିଳିଛି। ଯେଉଁଥିରୁ ଅନୁମାନ କରିହେବ ବିସ୍ଫୋରଣ ପାଇଁ ବ୍ୟବହାର କରାଯାଇଥିବା ପଦାର୍ଥ ଖୁବ୍ ସାଂଘାତିକ ଥିଲା। ବର୍ତ୍ତମାନ ବିସ୍ଫୋରକରେ କେଉଁ କେମିକାଲ ଥିଲା ତାହା ଜଣାପଡିନି। ଏହାର ଫରେନସିକ୍ ଯାଞ୍ଚ କରାଯାଉଛି। ଫରିଦାବାଦ ପୁଲିସ ସ୍ପଷ୍ଟ ରୂପରେ କହିଛି, ଦିଲ୍ଲୀ ବ୍ଲାଷ୍ଟରେ ବ୍ୟବହାର ହୋଇଥିବା ଆଇ-୨୦ ଗାଡିକୁ ନେଇ କିଛି ଗୁଜବ ଚାଲିଛି। କୁହାଯାଉଛି ଯେ, *(ଶେଷ ପୃଷ୍ଠା ଦେଖନ୍ତୁ)*

# ତହସିଲଦାରଙ୍କୁ ପୁରୁଣା କବଲା ସଂଶୋଧନ କ୍ଷମତା



**ଭୁବନେଶ୍ୱର,୧୨।୧୧: ଏକ୍ସପ୍ରେସ୍ ନ୍ୟୁଜ୍**

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଜମି କ୍ରେତା-ବିକ୍ରେତାଙ୍କ ସମସ୍ୟାକୁ ଦୂର କରିବା ପାଇଁ ଓଡିଶା ସର୍ଭେ ଆଣ୍ଡ ସେଟଲମେଣ୍ଟ ରୁଲ୍‌ସର ସଂଶୋଧନ ପାଇଁ ଅନୁମୋଦନ ଦେଇଛନ୍ତି।

ବର୍ତ୍ତମାନ ପ୍ରାବଧାନ ଅନୁସାରେ ବନ୍ଦୋବସ୍ତ ପ୍ରକ୍ରିୟା ପୂର୍ବରୁ କିଣିଥିବା ଜମିର ଜମି ପଟ୍ଟା ବନ୍ଦୋବସ୍ତ ଅଧିକାରୀ କ୍ରେତାଙ୍କ ନାମରେ କରନ୍ତି। କିନ୍ତୁ ଯଦି କୌଣସି କାରଣ ଯୋଗୁଁ ବନ୍ଦୋବସ୍ତ ପ୍ରକ୍ରିୟାରେ ଏହି ଜମିପଟ୍ଟା କ୍ରେତାଙ୍କ ନାମରେ କରାଯାଇ ନଥାଏ, ତେବେ କ୍ରେତା ଏଥିପାଇଁ ରାଜସ୍ୱ ପର୍ଷଦ ବା ଅନ୍ୟ କ୍ଷମତାପ୍ରାପ୍ତ ରିଭିଜନ କୋର୍ଟରେ ଅପିଲ୍ କରିଥାନ୍ତି । ଅତ୍ୟଧିକ କାର୍ଯ୍ୟଭାର ଯୋଗୁଁ, ଏହି ଅପିଲଗୁଡିକ ବର୍ଷ ବର୍ଷ ଧରି ଫଇସଲା ନହୋଇ ପଡି ରହିଥାଏ। କିନ୍ତୁ, ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଅନୁମୋଦିତ ଉପରୋକ୍ତ ରୁଲ୍ ସଂଶୋଧନ ଦ୍ୱାରା ବର୍ତ୍ତମାନ ଏପରି ମାମଲାରେ ଜମିପଟ୍ଟା କ୍ରେତାଙ୍କ ନାମରେ ରେକର୍ଡ କରିବା ପାଇଁ *(ଶେଷ ପୃଷ୍ଠା ଦେଖନ୍ତୁ)*

## ୟୁପିଏସସି ମୁଖ୍ୟ ପରୀକ୍ଷାରେ ୨୭୩୬ କୃତକାର୍ଯ୍ୟ

**ନୂଆଦିଲ୍ଲୀ,୧୨।୧୧: ଏକ୍ସପ୍ରେସ୍ ନ୍ୟୁଜ୍**

କେନ୍ଦ୍ରୀୟ ଲୋକସେବା ଆୟୋଗ(ୟୁପିଏସସି) ସିଭିଲ ସର୍ଭିସ ମୁଖ୍ୟ ପରୀକ୍ଷା-୨୦୨୫ର ଫଳାଫଳ ପ୍ରକାଶ ପାଇଛି। ଏଥିରେ ୨୭୩୬ ପରୀକ୍ଷାର୍ଥି କୃତକାର୍ଯ୍ୟ ହୋଇଛନ୍ତି। ସେମାନେ ସାକ୍ଷାତକାର ପରୀକ୍ଷାରେ ଅଂଶଗ୍ରହଣ କରିବା ଲାଗି ଚୟନ ହୋଇଛନ୍ତି। ଗତ ଅଗଷ୍ଟ ୨୨ ତାରିଖରୁ ୩୧ ତାରିଖ ପର୍ଯ୍ୟନ୍ତ ମୁଖ୍ୟ ପରୀକ୍ଷା ଆୟୋଜିତ ହୋଇଥିଲା। ଏଥିରେ ମୋଟ ୨୭୩୬ ଜଣ ବାଜି ମାରିଛନ୍ତି। ସାକ୍ଷାତକାରରେ ସଫଳ ହେବା ପରେ ସେମାନଙ୍କୁ ଭାରତୀୟ ପ୍ରଶାସନିକ ସେବା(ଆଇଏଏସ), ଭାରତୀୟ ବିଦେଶ ସେବା(ଆଇଏଫଏସ), ଭାରତୀୟ ପୁଲିସ ସେବା(ଆଇପିଏସ) ଏବଂ ଅନ୍ୟାନ୍ୟ କେନ୍ଦ୍ରୀୟ ପଦପଦବୀରେ ନିଯୁକ୍ତି ମିଳିବ।

## ଦିନଟିଏ ବଢ଼ିଲା କଟକ ବାଲିଯାତ୍ରା

**କଟକ,୧୨।୧୧**
**ଏକ୍ସପ୍ରେସ୍ ନ୍ୟୁଜ୍**

**କଟକ:** ଆଉ ଗୋଟିଏ ଦିନ ବଢ଼ିଲା କଟକ ବାଲିଯାତ୍ରା। ବିଶ୍ୱ ପ୍ରସିଦ୍ଧ କଟକ ବାଲିଯାତ୍ରାର ଅବଧି ଆଉ ଗୋଟିଏ ଦିନ ବୃଦ୍ଧି କରିବା ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଘୋଷଣା କରିଛନ୍ତି। ଏହାଦ୍ୱାରା ବାଲିଯାତ୍ରା ଆଜି ୧୨ ତାରିଖ ପରିବର୍ତ୍ତେ ଆସନ୍ତା କାଲି ୧୩ ତାରିଖ ଦିନ ଉଦ୍‌ଯାପିତ ହେବ। ବାଲିଯାତ୍ରା ପ୍ରତି ସାଧାରଣ ଲୋକଙ୍କ ଆକର୍ଷଣ ଓ ଆଗ୍ରହ ତଥା ମେଳାରେ ବ୍ୟବସାୟୀମାନଙ୍କ କାରବାରକୁ ନଜରରେ ରଖି ମୁଖ୍ୟମନ୍ତ୍ରୀ ଏହାର ଅବଧି ବୃଦ୍ଧି କରିଛନ୍ତି। ଏଣେ ଆସନ୍ତାକାଲି ପ୍ରଖ୍ୟାତ ବଲିଉଡ ଗାୟିକା ଶ୍ରେୟା ଘୋଷାଲଙ୍କ କାର୍ଯ୍ୟକ୍ରମ ରହିଛି।

## ମହୁ ପଞ୍ଚାୟତରେ ଚୋରା ମଦର ବନ୍ୟା

**ଆଳି,୧୨।୧୧: ଏକ୍ସପ୍ରେସ୍ ନ୍ୟୁଜ୍**

କେନ୍ଦ୍ରାପଡ଼ା ଜିଲ୍ଲା ଆଳି ଥାନା ଅନ୍ତର୍ଗତ ମହୁ ପଂଚାୟତରେ ଚୋରା ମଦ ବିକ୍ରି ବ୍ୟାପକ ହୋଇଛି। ବାରମ୍ବାର ଗ୍ରାମବାସୀଙ୍କ ପକ୍ଷରୁ ଅଭିଯୋଗ ହେଉଥିଲେ ମଧ ଅବକାରୀ ବିଭାଗ କୌଣସି ପଦକ୍ଷେପ ଗ୍ରହଣ କରୁନଥିବାରୁ ବାଧ ହୋଇ ସରପଞ୍ଚ ସମିତି ସଭ୍ୟଙ୍କ ସମେତ ଶତାଧିକ ଗ୍ରାମବାସୀ ତୁରନ୍ତ ପଦକ୍ଷେପ ନେବା ପାଇଁ କେନ୍ଦ୍ରାପଡା ଜିଲ୍ଲାପାଳ, ଅବକାରୀ ବିଭାଗର ଜିଲ୍ଲା ଅଧିକାରୀ, ଆଳିକ ତହସିଲଦାର ଓ ବ୍ଲକ ଅଧିକାରୀଙ୍କୁ ଦାବି କରିଛନ୍ତି। ମହୁ ଗ୍ରାମରେ ଅବସ୍ଥା ଏପରି ହୋଇଛି ଯେ ସ୍କୁଲ ଏବଂ କଲେଜ ଛାତ୍ରମାନେ ମଦ ପିଇ ବିଭିନ୍ନ ବିଶୃଙ୍ଖଳା କରିବା ସହିତ ମହୁ ଛକରେ ଗଣ୍ଡଗୋଳ କରୁଛନ୍ତି। ବେଆଇନ ମଦ ବିକ୍ରି ଯୋଗୁଁ ମହୁ ପଂଚାୟତରେ ଅସାମାଜିକ ଲୋକମାନେ ସନ୍ଧ୍ୟା ହେଲେ ମଦ ପିଇ ଗ୍ରାମରେ ଗଣ୍ଡଗୋଳ କରୁଛନ୍ତି। ମହୁ ପଂଚାୟତରେ ଥିବା ଚୋରା ମଦ ବେପାରୀମାନେ ମଦବିକ୍ରିକୁ ହୋମ ଡେ଼ଲିଭରୀ ସିଷ୍ଟମରେ କରୁଥିବାରୁ ଗୋଟେ ଫୋନ କଲରେ ମଦ ମାଫିଆ ଘରେ ମଦ ପହଂଚଇ ଦେଇଥାନ୍ତି ବୋଲି କୁହାଯାଇଛି। ମଦ୍ୟପଙ୍କ ଉପଦ୍ରବ ଯୋଗୁଁ ଝିଅ ବହୂମାନେ ପଦାକୁ ବାହାରିବା କଷ୍ଟ ହୋଇଯାଉଛି। ମହୁ ସରପଞ୍ଚ ମହେଶ୍ୱର ତ୍ରିପାଠୀ, ବିଜେପି ଯୁବ ନେତା ନଗେନ ତ୍ରିପାଠୀ, ଅମର ନାଥ ତ୍ରିପାଠୀ, ରବୀନ୍ଦ୍ର ବିଶ୍ୱାଳଙ୍କ ସମେତ ଗ୍ରାମର ଶତାଧିକ ଯୁବକ ଓ ଗ୍ରାମବାସୀ ଉପସ୍ଥିତ ରହି ତୁରନ୍ତ କାର୍ଯ୍ୟାନୁଷ୍ଠାନ ନିଆଯିବାକୁ ଦାବି କରିଛନ୍ତି।

## ନୂଆପଡ଼ା ଉପନିର୍ବାଚନ: ୧୪ ଟେବୁଲରେ ୨୬ ରାଉଣ୍ଡ ଗଣତି



**ନୂଆପଡ଼ା,୧୨।୧୧**
**ଏକ୍ସପ୍ରେସ୍ ନ୍ୟୁଜ୍**

ନଭେମ୍ବର ୧୪ ତାରିଖରେ ନୂଆପଡ଼ା ଉପନିର୍ବାଚନ ଭୋଟ୍ ଗଣତି ହେବ। ଆଇନ ଶୃଙ୍ଖଳା ପରିସ୍ଥିତି ଉପରେ ନଜର ରହିଛି। ତ୍ରି ସ୍ତରୀୟ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି ବୋଲି ନୂଆପଡ଼ା ଜିଲ୍ଲାପାଳ ମଧୁସୂଦନ ଦାସ ସୂଚନା ଦେଇଛନ୍ତି। ଆର୍ମି ପୋଲିସ ଫୋର୍ସ ୨୪ଘଣ୍ଟିଆ ଷ୍ଟ୍ରଙ୍ଗ୍‌ରୁମ୍ ଜଗିଛନ୍ତି। ପ୍ରାର୍ଥୀଙ୍କ ଉପସ୍ଥିତିରେ ଇଭିଏମ୍ ଷ୍ଟ୍ରଙ୍ଗ୍‌ରୁମ୍ ରଖାଯାଇଛି। ସିସିଟିଭି ସର୍ଭେଲାନ୍ସରେ ଷ୍ଟ୍ରଙ୍ଗ୍‌ରୁମ୍ ରହିଛି। ଭୋଟ୍ ଗଣତି ପାଇଁ ଗଣତି କୋଠରୀ କରାଯାଇଛି।

୩୫୮ ବୁଥ୍ ପାଇଁ ୧୪ଟି ଟେବୁଲ୍ କରାଯାଇଛି। ୨୬ ରାଉଣ୍ଡରେ ଗଣତି ହେବ। ସକାଳ ୮ଟାରେ ବାଲାଟ ପେପର ଗଣନା କରାଯିବ। ଏହାପରେ ସାଢେ ୮ଟାରେ ଇଭିଏମ୍ ଗଣତି ହେବ। ପ୍ରତି ଟେବୁଲ୍ ପାଇଁ ଜଣେ ଲେଖାଏଁ କାଉଣ୍ଟିଂ ସୁପର ଭାଇଜର ଦାୟିତ୍ୱରେ ରହିବେ। ତାଙ୍କୁ କାଉଣ୍ଟିଂ ଆସିଷ୍ଟାଣ୍ଟ ସହଯୋଗ କରିବେ। ଜଣେ ମାଇକ୍ରୋ ଅବଜରଭର କାଉଣ୍ଟିଂ ଟେବୁଲରେ ରହିବେ। ଏହାସହ ରିଟର୍ଣ୍ଣିଂ ଅଫିସର ତଦାରଖ କରିବେ। ଷ୍ଟ୍ରଙ୍ଗ ଗତିବିଧି ଜାଣିବା ପାଇଁ ବିଭିନ୍ନ ରାଜନୈତିକ ଦଳର ପ୍ରତିନିଧି ବାହାରେ କ୍ୟାମ୍ପ ପକାଇ ପାରିବେ ବୋଲି ଜିଲ୍ଲାପାଳ କହିଛନ୍ତି।

ଜିଲ୍ଲାପାଳ ଆହୁରି କହିଛନ୍ତି, ନୂଆପଡ଼ା ଉପନିର୍ବାଚନରେ ରେକର୍ଡ ସଂଖ୍ୟକ ମତଦାନ ହୋଇଛି। ଏ ନେଇ ନୂଆପଡ଼ା ଜିଲ୍ଲାପାଳ ୮୩.୪୫ ପ୍ରତିଶତ ମତଦାନ ହୋଇଛି। ନୂଆପଡ଼ାରେ ସମୁଦାୟ ୨ ଲକ୍ଷ ୫୪ ହଜାର ୪୯୭ ଭୋଟର ରହିଛନ୍ତି। ସେଥିମଧ୍ୟରୁ ୨ ଲକ୍ଷ ୧୨ ହଜାର ୩୮୫ ଭୋଟର ମତଦାନ କରିଛନ୍ତି। ଏହା ମଧ୍ୟରେ ୧ ଲକ୍ଷ ୩ ହଜାର ୮୫୭ ପୁରୁଷ ଭୋଟର ଥିବାବେଳେ ୧ ଲକ୍ଷ ୮ ହଜାର ୩୮୩ ମହିଳା ଭୋଟର ରହିଛନ୍ତି।

# କିଏ କରିବ ଓଡ଼ିଶା ଶାସନ ସଂସ୍କାର: କମିଟି ନା କମିଶନ ?

**ଭୁବନେଶ୍ୱର,୧୨।୧୧**
**ଏକ୍ସପ୍ରେସ୍ ନ୍ୟୁଜ୍**

ବିକଶିତ ଓଡିଶା ଦୃଷ୍ଟିକୋଣ ୨୦୩୬ ଓ ୨୦୪୭କୁ ପୂରଣ କରିବା ପାଇଁ ରାଜ୍ୟ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ୨୭.୧୦.୨୦୨୫ରେ ଓଡିଶା ଶାସନ ସଂସ୍କାର ପାଇଁ ଏକ ଉଚ୍ଚସ୍ତରୀୟ କମିଟି ଗଠନ କରିଛନ୍ତି। ସୂଚନା ଓ ଲୋକସମ୍ପର୍କ ବିଭାଗ ୦୬.୧୧.୨୦୨୫ରେ ଜାରି କରିଥିବା ପ୍ରେସବାର୍ତ୍ତା ଅନୁସାରେ କମିଟିର ଅଧକ୍ଷ ଦାୟିତ୍ୱ ପୂର୍ବତନ ମୁଖ୍ୟ ସଚିବ ଯୁଗଳ କିଶୋର ମହାପାତ୍ରଙ୍କୁ ଦିଆଯାଇଥିବା ବେଳେ ସଭ୍ୟଭାବେ ଡାକ୍ତର ଓମ ପ୍ରକାଶ ଅଗ୍ରୱାଲ (୧୯୭୯ ବ୍ୟାଚ) ଏବଂ କର୍ଣ୍ଣାଟକର ପୂର୍ବତନ ମୁଖ୍ୟ ସଚିବ ଟିଏମ ବିଜୟ ଭାସ୍କରଙ୍କୁ ନିଯୁକ୍ତ କରାଯାଇଛି। କମିଟିର କାର୍ଯ୍ୟକାଳ ଏକବର୍ଷ ସ୍ଥିର ହୋଇଥିବା ବେଳେ ଦକ୍ଷତା ବୃଦ୍ଧି ସହିତ ଫଳାଫଳ-ଭିତ୍ତିକ କାର୍ଯ୍ୟକ୍ରମ ଓ ଡିଜିଟାଲ ଅନୁପ୍ରୟୋଗ ବୃଦ୍ଧି ପାଇଁ ସରକାରୀ ବିଭାଗଗୁଡିକ ଆବଶ୍ୟକ କରୁଥିବା ସଂସ୍କାର କାର୍ଯ୍ୟଗୁଡିକୁ କମିଟି ସୁପାରିଶ କରିବେ। ପ୍ରେସବାର୍ତ୍ତା ଶେଷରେ କୁହାଯାଇଛି ଯେ ରାଜ୍ୟ ଶାସନ ସଂସ୍କାର ପାଇଁ ୨୦୦୧ରେ କର୍ଣ୍ଣାଟକ କମିଟି ଗଠନ କରିଥିବା ବେଳେ ୨୦୧୬ ଓ ୨୦୧୯ରେ ଯଥାକ୍ରମେ କେରଳ ଓ ରାଜସ୍ଥାନ କମିଶନ ଗଠନ କରିଛନ୍ତି।

ତେବେ ଶକ୍ତି ସମୀକ୍ଷକ ଆନନ୍ଦ ମହାପାତ୍ର ବିକଶିତ ଓଡିଶା ୨୦୩୬ ଓ ୨୦୪୭ ଲକ୍ଷ୍ୟ ପୂରଣ ପାଇଁ କମିଟି ଗଠନ ପ୍ରକ୍ରିୟା ଉପରେ ସନ୍ଦେହ ପ୍ରକାଶ କରିଛନ୍ତି। ତାଙ୍କର କହିବା କଥା, ପ୍ରେସବାର୍ତ୍ତା ଶେଷରେ ସରକାର ମାନିଛନ୍ତି ଯେ ରାଜ୍ୟ ଶାସନ ସଂସ୍କାର ପାଇଁ କର୍ଣ୍ଣାଟକ ୨୦୦୧ରେ କମିଟି ଗଠନ କରିଥିଲା ବେଳେ ପରବର୍ତ୍ତୀ ସମୟରେ କେରଳ ଓ ରାଜସ୍ଥାନ ସରକାର ଶାସନ ସଂସ୍କାର କମିଶନ ଯଥାକ୍ରମେ ୨୦୧୬ ଓ ୨୦୧୯ରେ ଗଠନ କରିଥିଲେ। ଅର୍ଥାତ ଶାସନ ସଂସ୍କାର କାର୍ଯ୍ୟ ସମ୍ପାଦନ କରିବାପାଇଁ କେରଳ ଓ ରାଜସ୍ଥାନ ରାଜ୍ୟ ପୁରାତନ କମିଟି ବ୍ୟବସ୍ଥାକୁ ଉଚ୍ଛେଦ କରି କେନ୍ଦ୍ରୀୟ ମଡେଲ ଅନୁସାରେ କମିଶନ ବ୍ୟବସ୍ଥା ପ୍ରଚଳନ କରିଛନ୍ତି। ଶ୍ରୀ ମହାପାତ୍ର କହିଛନ୍ତି ଯେ କେନ୍ଦ୍ରସରକାର ସଙ୍ଘୀୟ ଶାସନ ସଂସ୍କାର ପାଇଁ ୧୯୬୬ ଓ ୨୦୦୫ରେ ଦୁଇ ଥର ସଂସ୍କାର କମିଶନ ଗଠନ କରିଥିଲେ। ଅତଏବ କେନ୍ଦ୍ର ଓ ଅନ୍ୟ ରାଜ୍ୟଗୁଡିକ ୨୦୦୫ରୁ ଶାସନ ସଂସ୍କାର ପାଇଁ କମିଶନ ବ୍ୟବସ୍ଥା ପ୍ରଚଳନ କରିଥିବାବେଳେ ଓଡିଶା ସରକାର କାହିଁକି ପୁରାତନ କମିଟି ବ୍ୟବସ୍ଥାକୁ ପ୍ରଚଳନ କରିଛନ୍ତି ? କେନ୍ଦ୍ର ଓ ରାଜ୍ୟ ମଧ୍ୟରେ ଦେଖାଦେଇଥିବା ଏପରି ନୀତିଗତ ପାର୍ଥକ୍ୟ ସୂଚିତ କରୁଛିଯେ ଓଡିଶା ଶାସନ ସଂସ୍କାର ଭଳି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକୁ ସମ୍ପାଦନ କରିବା ପାଇଁ ମୋହନଭାଇ ସରକାରଙ୍କର ଆନ୍ତରିକତାର ଅଭାବ ରହିଛି। *(ଶେଷ ପୃଷ୍ଠା ଦେଖନ୍ତୁ)*

# ଦୁର୍ବଳ ଭିତ୍ତିଭୂମି ଓ ମଦର ବହୁଳ ପ୍ରସାର: ଶୂନ୍ୟ ସଡ଼କ ଦୁର୍ଘଟଣା ମିଶନ ଫେଲ୍

**କେନ୍ଦ୍ରାପଡ଼ା,୧୨।୧୧**
**ଏକ୍ସପ୍ରେସ୍ ନ୍ୟୁଜ୍**

ରାଜ୍ୟ ସରକାର ଗତ ଜୁନ୍ ମାସରୁ ଶୂନ୍ୟ ସଡ଼କ ଦୁର୍ଘଟଣା ମିଶନ ଆରମ୍ଭ କରିଛନ୍ତି । ମାଡ୍ରାସ ଆଇଆଇଟି ସହଯୋଗରେ ଗତ ଜୁନ୍ ୩ତାରିଖ ଠାରୁ ଆଗାମୀ ୨୮ତାରିଖ ଯାଏ ଶୂନ୍ୟ ଦୁର୍ଘଟଣା ଦିବସ ଭାବେ ପାଳନ କରାଯାଇଥିଲା । ଏଥିପାଇଁ ବ୍ୟାପକ କାର୍ଯ୍ୟକ୍ରମ ସରକାର ହାତକୁ ନେଇଥିଲେ। ଏହାପୂର୍ବରୁ ଏଥିନେଇ ସରକାର ଅନେକ ପଦକ୍ଷେପ ଗ୍ରହଣ କରିଥିଲେ ମଧ୍ୟ କୌଣସି ଉଦ୍ୟମ ଫଳପ୍ରଦ ହୋଇ ନଥିବାବେଳେ ଶୂନ୍ୟ ସଡ଼କ ଦୁର୍ଘଟଣା ମିଶନ ବି ଫେଲ୍ ମାରିଛି । ଦୁର୍ଘଟଣା କମିବା ପରିବର୍ତ୍ତେ ବଢିବାରେ ଲାଗିଛି ।

ବୁଦ୍ଧିଜୀବିଙ୍କ କହିବା କଥା ଯେ, ସରକାର ଯାନବାହାନରେ ହାଇସକ୍ୟୁରିଟ୍ ନମ୍ବର ପ୍ଲେଟ୍ ଲଗାଇବା ଠାରୁ ଆରମ୍ଭ କରି ଡ଼ିଏଲ,ପଲ୍ୟୁସନ ସାର୍ଟିଫିକେଟ୍, ୧୫ବର୍ଷର ଗାଡ଼ିକୁ ସ୍କ୍ରାପ ଘୋଷଣା କରିବା ଓ ୧୫ବର୍ଷରୁ ଅଧିକ ବର୍ଷର ଗାଡ଼ିର ଆଉ ୫ବର୍ଷ ପାଇଁ ରିରେଜିଷ୍ଟ୍ରେସନ କରାଇବା ଯାଏ ବିଭିନ୍ନ ପଦକ୍ଷେପ ନେଇ ବିପୁଳ ରାଜସ୍ୱ ସଂଗ୍ରହ କଲେ ଏବଂ ଏସବୁର ଯାଂଚକୁ କଡ଼ାକଡ଼ି ମଧ୍ୟ କଲେ । ହେଲେ କେନ୍ଦ୍ରାପଡ଼ା ଜିଲ୍ଲା ପରିପ୍ରେକ୍ଷୀରେ ଦେଖିଲେ ଏଥିରୁ ଫଳ କିଛି ମିଳିଲା ନାହିଁ । ଜିଲ୍ଲା ମଧ୍ୟ ଦେଇ ଯାଇଥିବା ରାସ୍ତା ଗୁଡ଼ିକ ଅବସ୍ଥା ଯାହା ସେଥିରେ ଦୁର୍ଘଟଣା ଘଟିବା ସ୍ୱାଭାବିକ କଥା । ୫୩ନମ୍ବର ଜାତୀୟ ରାଜପଥକୁ ୮ଲାଇନ୍ ବିଶିଷ୍ଟ କରିବା ପାଇଁ କାମ ଚାଲିଥିବାରୁ ଠିକାସଂସ୍ଥା ରାସ୍ତାରେ ଯାନବାହାନ ଚଳାଚଳକୁ ସୁବ୍ୟବସ୍ଥିତ କରିବା ପରିବର୍ତ୍ତେ ବର୍ଷାଧିକ କାଳ ହେଲା ଏହାକୁ ଦୁର୍ଘଟଣା ଜୋନ୍‌ରେ ପରିଣତ କରି ରଖିଛନ୍ତି। ଫଳରେ ନିୟମିତ ଏଥିରେ ମୁଣ୍ଡ ଗଡୁଛି । ଏହି ଜାତୀୟ ରାଜପଥ କାମ କେବେ ଶେଷ ହେବ ଏବଂ ଲୋକେ ଆଶ୍ୱସ୍ତ ହେବେ ତାହା ସମୟ କହିବ। ଅନ୍ୟପକ୍ଷରେ ଜିଲ୍ଲା ମଧ୍ୟ ଦେଇ ଯାଇଥିବା କଟକ-ଚାନ୍ଦବାଲି ରାଜ୍ୟ ରାଜପଥ ଟି ଦିନକୁ ଦିନ ଅଧିକ ଦୁର୍ଘଟଣା ପ୍ରବଣ ହେବାରେ ଲାଗିଛି । ଏହି ରାସ୍ତାରେ *(ଶେଷ ପୃଷ୍ଠା ଦେଖନ୍ତୁ)*

# ଅଭୟାରଣ୍ୟ ଅଞ୍ଚଳ ତେନ୍ତୁଲିଆକୋହ୍ଲା ମୌଜାର ୧୩୫ ଏକର ସମୁଦ୍ର ଓ ବାଲିଚର ବିକ୍ରି

**ରାଜନଗର,୧୨।୧୧**
**ଏକ୍ସପ୍ରେସ୍ ନ୍ୟୁଜ୍**

ବିଶ୍ୱ ପ୍ରସିଦ୍ଧ ଭିତରକନିକା ଜାତୀୟ ଉଦ୍ୟାନ ଓ ଅଭୟାରଣ୍ୟ ସଂଲଗ୍ନ ଗହୀରମଥା ସାମୁଦ୍ରିକ ଅଭୟାରଣ୍ୟ ଅଂଚଳ ତେନ୍ତୁଳିଆକୋହ୍ଲା ମୌଜାରେ ସମୁଦ୍ର ଓ ବାଲିଚର ବିକ୍ରି ହେବା ଘଟଣା ଜଣାପଡିଛି। ଓଡିଶାର ପୂର୍ବାଂଚଳ ସୀମାରେ ଥିବା ବଙ୍ଗୋପସାଗର କୂଳର ପୁରୁଣା ସାତଭାୟା ପଚାଂୟତର ତେନ୍ତୁଳିଆ କୋହ୍ଲା ମୌଜାରେ ବ୍ୟକ୍ତିଗତ ମାଲିକାନାରେ ଥିବା ୧୩୫ ଏକର ସମୁଦ୍ର ଓ ବାଲିଚର ଜମି ୧୯୯୧ରୁ ୯୩ ମସିହା ମଧ୍ୟରେ ହସ୍ତାନ୍ତରିତ ହୋଇଥିବା ତଥ୍ୟ ହସ୍ତଗତ ହୋଇଛି ।

ସୂଚନା ଥାଉକି, ସମୁଦ୍ର କୂଳକ୍ଷୟ ଯୋଗୁଁ ୧୯୬୩ ମସିହାରେ ପୁରୁଣା ସାତଭାୟା ପଚାଂୟତର ଗୋବିନ୍ଦପୁର ଗାଁ ସ୍ଥାନାନ୍ତରିତ ହୋଇ ତେନ୍ତୁଳିଆକୋହ୍ଲାରେ ବସତି ସ୍ଥାପନ କରିଥିଲେ। ମାତ୍ର ୧୯୭୧ ମସିହା ପ୍ରଳୟଙ୍କରୀ ଲୁଣାବାତ୍ୟାରେ ସଂପୂର୍ଣ୍ଣ ନିଶ୍ଚିହ୍ନ ହୋଇଯାଇଥିଲା ତେନ୍ତୁଳିଆକୋହ୍ଲା ଗାଁ । ଏହି ଗାଁରେ ୧୮୪ ପରିବାରର ୧୧୭୫ ଲୋକ ବସବାସ କରି ଆସୁଥିଲେ । ସେହି ଲୁଣାବାତ୍ୟାରେ ୭୫୨ ଲୋକଙ୍କର ପ୍ରାଣହାନୀ ହୋଇଥିବା ବେଳେ ୩୨ ପରିବାରର ବଂଶ ନିପାତ ହୋଇଯାଇଥିଲା। ଏହି ପ୍ରଳୟଙ୍କରୀ ବାତ୍ୟାରେ ତେନ୍ତୁଳିଆକୋହ୍ଲା ଗାଁ ଘରଡିହ, ପୋଖରୀ, ଜମି ସବୁ ଏକାକାର ହୋଇ ସମୁଦ୍ର ଓ ବାଲିଚରରେ ପରିଣତ ହୋଇଯାଇଥିଲା। ସେହି ଗାଁର ବଂଚିଯାଇଥିବା



୪୨୩ଜଣ ଲୋକ ପଡୋଶୀ ଗୁପ୍ତି ପଚାଂୟତର ଓକିଲପାଳଠାରେ ବସତି ସ୍ଥାପନ କଲେ। ଅଥଚ ୧୯୮୭ ମସିହାରେ ପ୍ରଚାରିତ ଖତିଆନରେ ଏହି ତେନ୍ତୁଳିଆକୋହ୍ଲା ଗାଁର ବହୁ ଜମି ସମୁଦ୍ର ଓ ବାଲିଚର ଉଲ୍ଲେଖ ଥିଲେ ମଧ ବିଭିନ୍ନ ବ୍ୟକ୍ତି ବିଶେଷ ଓ କମ୍ପାନୀ ନାମରେ ୧୯୯୧ମସିହାରୁ ୧୯୯୩ ମସିହା ମଧରେ ମୋଟ ୧୦୦ଟି ପ୍ଲଟର ୧୩୪.୭୯ଏକର ଜମି ଖର୍ଦ୍ଦି ହୋଇଥିବା ଜଣାପଡିଛି । ଖତିଆନ ତନଖି କରିବାରୁ ଜଣାଗଲା ଯେ, ଆକୁଆ କଲଚର ପ୍ରାଇଭେଟ ଲିମିଟେଡ, ଓଡିଶା ଭୁବନେଶ୍ୱର ମାର୍ଫତ ନବୀନଚନ୍ଦ୍ର ଶର୍ମାଙ୍କ ନାମରେ ୧୦ଟି ଖାତାର ୫୯ଟି ପ୍ଲଟରେ ୮୨.୯୩ଏକର ଜମି କିଣାଯାଇଛି। ସୂର୍ଯ୍ୟୋଦ୍ୟୋଗ ଲିମିଟେଡ ପାରାଦୀପ ପକ୍ଷରୁ ଅଜୟକୁମାର ଦାସଙ୍କ ନାମରେ ଗୋଟିଏ ଖାତାରେ ୩ଟି ପ୍ଲଟରେ ୩.୦୮ଏକର ଜମି ଓ ଅଜୟଙ୍କ ପୁଅ ସୌମ୍ୟକାନ୍ତ ଦାସଙ୍କ ନାମରେ ଗୋଟିଏ ଖାତାର ୨ଟି ପ୍ଲଟରେ ୧.୫୫ଏକର ଜମି କିଣାଯାଇଛି । କଟକ ତିନିକୋଣିଆ ବଗିଚାର ପ୍ରଭାବତୀ ନନ୍ଦଙ୍କ ନାମରେ ୧୦ଟି ଖାତାର ୨୫ଟି ପ୍ଲଟରେ ୩୧.୬୦ଏକର ଜମି କିଣାଯାଇଥିବା ବେଳେ କେନ୍ଦ୍ରାପଡାର ରଣଜିତ କୁମାର ନାୟକ ଓ ଭାଗ୍ୟଧର ମୁଣ୍ଡିଙ୍କ ନାମରେ ଗୋଟିଏ ଖାତାର ୬ଟି ପ୍ଲଟରେ ୯.୭୭ଏକର ଜମି କିଣାଯାଇଛି। ଆହୁରି ମଧ ମହାକାଳପଡା ବ୍ଲକ ରାମନଗରର ନାରାୟଣ ହାଲଦାର ୪ଟି ଖାତାର ୪ଟି ପ୍ଲଟରେ ୫.୧୬ଏକର ଜମି ଓ ପାରାଦୀପଗଡର ସେକ ଗଡସଙ୍କ ନାମରେ ଗୋଟିଏ ଖାତାର ଗୋଟିଏ ପ୍ଲଟରେ ୭୦ଡିସିମିଲ ଜମି କିଣିଛନ୍ତି।

ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା, ଖତିଆନରେ ସମୁଦ୍ର ଓ ବାଲିଚର ଦର୍ଶାଯାଇଥିଲେ ମଧ ଏହାକୁ କିଣାବିକା କରାଯାଇଛି । ପ୍ରଶାସନିକ ଅଧିକାରୀଙ୍କ ଜ୍ଞାତସାରରେ ଏହି ସମୁଦ୍ର ଓ ବାଲିଚର ଖର୍ଦ୍ଦବିକ୍ରି *(ଶେଷ ପୃଷ୍ଠା ଦେଖନ୍ତୁ)*

## ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟ 'ଅଶ୍ୱମେଧ-୨୦୨୫' ଚାମ୍ପିଅନ୍

### ବାସ୍କେଟବଲ୍ କୋର୍ଟରେ ଚମକିଲେ ଏସଏସୟୁଭିଆନ୍



**କଟକ: ଏକ୍ସପ୍ରେସ ନ୍ୟୁଜ୍**

ସ୍ଥାନୀୟ ନରାଜସ୍ଥିତ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟ ଆଇଆଇଟି ଭୁବନେଶ୍ୱର ଦ୍ୱାରା ଆୟୋଜିତ ଆନ୍ତଃ ବିଶ୍ୱବିଦ୍ୟାଳୟ ପୁରୁଷ ବାସ୍କେଟବଲ୍ ଟୁର୍ଣ୍ଣାମେଣ୍ଟରେ ଚାମ୍ପିଅନ୍ ଆଖ୍ୟା ଅର୍ଜନ କରିଛି। ପ୍ରତିଯୋଗିତାରେ ସମୁଦାୟ ୧୬ଟି ଦଳ ୪ଟି ପୁଲରେ ବିଭକ୍ତ ହୋଇ ଖେଳୁଥିଲେ। ନାଇକର, ଏକ୍ସଆଇଏମଟି ଓ ଜିଜି ରମଣ ଗ୍ଲୋବାଲ ୟୁନିଭର୍ସିଟି ସହ ପୁଲ୍-ବିରେ ସ୍ଥାନ ପାଇଥିବା ଏସଏସୟୁ ଅପରାଜେୟ ଭାବରେ ସେମି ଫାଇନାଲରେ ପ୍ରବେଶ କରିଥିଲା। ସେମିରେ ସେଞ୍ଚୁରିଅନକୁ ହରାଇ ଦଳ ଫାଇନାଲକୁ ଯାଇଥିଲା। ଫାଇନାଲ ଆୟୋଜକ ଆଇଆଇଟି-ଭୁବନେଶ୍ୱର ଓ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟ ମଧ୍ୟରେ ପ୍ରାମାଣ୍ୟ ତୀବ୍ର ପ୍ରତିଦ୍ୱନ୍ଦ୍ୱିତା ଦେଖିବାକୁ ମିଳିଥିଲେ ମଧ୍ୟ ଶେଷରେ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟ ୭୧ - ୪୭ ପଏଣ୍ଟରେ ବିଜୟଲାଭ କରିଥିଲା। କୋଚ୍ ପ୍ରଭାତ କୁମାର ନାୟକଙ୍କ ତତ୍ତ୍ୱାବଧାନ ଏବଂ ଅଧିନାୟକ ଶୋଭନ କୁମାର ପ୍ରଧାନଙ୍କ ନେତୃତ୍ୱରେ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟ ଟିମକୁ ମନିଷ ଗୁପ୍ତା, ଅମୃତ ଗୌରବ ରାୟ, ଅଭିଷେକ ପଣ୍ଡା, ଆୟୁଷ୍ମାନ ନାୟକ, ଆକାଶ କୁମାର ମହାନ୍ତ, ସୌରଭ ଯାଦବ ଏବଂ ଫେଁକଲ ଖାନ୍ ପ୍ରତିନିଧିତ୍ୱ କରିଥିଲେ। ଚାମ୍ପିଅନ୍ ହୋଇ ଫେରିବା ପରେ ବୁଧବାର ବିଜୟୀ ଦଳକୁ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟ ପରିସରରେ ଭବ୍ୟ ସ୍ୱାଗତ କରାଯାଇଛି। ବିଶ୍ୱବିଦ୍ୟାଳୟର କ୍ରୀଡ଼ା ପରିଚାଳନା କମିଟି ଚାମ୍ପିଅନ୍ ଟିମ୍ ଏବଂ ଏହାର କୋଚ୍‌ଙ୍କୁ ଅଭିନନ୍ଦନ ଜଣାଇଛନ୍ତି। 'ଅଶ୍ୱମେଧ ୨୦୨୫' ନାମରେ ଆୟୋଜିତ ଏହି ମେଗା ଇଭେଣ୍ଟ ଗତ ନଭେମ୍ବର ୭ ତାରିଖରୁ ତିନିଦିନ ଧରି ଆୟୋଜିତ ହୋଇଥିଲା।

## ସ୍ୱତନ୍ତ୍ର ବିଶ୍ରାମସ୍ଥଳି ନିର୍ମାଣ ପାଇଁ ଦାବି

**ବାଙ୍କୀ: ଏକ୍ସପ୍ରେସ ନ୍ୟୁଜ୍**

ବାଙ୍କୀ-କଟକ ରାସ୍ତାର ଜାଟମୁଣ୍ଡିଆ ଗୋଲେଇ ଛକ ଏକ ଜନଗହଳ ପୂର୍ଣ୍ଣ ଛକ ଅଟେ। ଏହି ଛକ ଦେଇ କଟକ, ଅନୁଗୁଳ, ଢେଙ୍କାନାଳ, ଆଠଗଡ, ସମ୍ବଲପୁର, ଖୋର୍ଦ୍ଧା, ନୟାଗଡ ଆଦି ଅଞ୍ଚଳକୁ ଏଠାରୁ ବସ୍ ଓ ଅନ୍ୟାନ୍ୟ ଯାନବାହାନ ଦ୍ୱାରା ଲୋକମାନେ ଯିବାଆସିବା କରନ୍ତି। ଏହି ଛକ ଠାରୁ ନିକଟରେ ଥିବା ପଥପ୍ରାନ୍ତ ବିଶ୍ରାମସ୍ଥଳ ଏବେ ଦୀର୍ଘ ଦିନ ହେଲା ଖୋଲାଯାଉ ନାହିଁ। ଏହି ପରିପ୍ରେକ୍ଷୀରେ ଗୋଲେଇ ଛକ ମଝିରେ ଥିବା ଏକ ବରଗଛ ରହିଛି ଓ ଏହାକୁ ଆଶ୍ରୟ ଯୁବପରିଷଦ ସ୍ୱେଚ୍ଛାସେବୀମାନେ କିଛି ଦିନ ତଳେ ଅନାବନା ଘାସ କାଟି ସଫା କରିଥିଲେ। କିନ୍ତୁ ଏହି ବରଗଛ ମୂଳରେ ଥିବା ଇଲେକ୍ଟ୍ରିକ ଖୁଣ୍ଟର ଆଲୋକରେ ଗୋଲେଇ ଛକରେ ନିର୍ଦ୍ଦିଷ୍ଟ ସ୍ଥାନ ବରଗଛ ଥିବାରୁ ଜଣାପଡୁ ନାହିଁ। ତେଣୁ ଏହି ଇଲେକ୍ଟ୍ରିକ ଖୁଣ୍ଟକୁ ଅନ୍ୟ ଏକ ପାର୍ଶ୍ୱକୁ ଉଠାଇ ନେଲେ ତାହା ଭଲ ଭାବରେ ଦେଖାଯାଇପାରିବ ବୋଲି ବୋଲି ବହୁ ଜନସାଧାରଣ ଦାବି କରିଛନ୍ତି। ଆଉ ମଧ୍ୟ ନିକଟରେ ଏକ ଆଶ୍ରୟସ୍ଥଳ ନିର୍ମାଣ କରିବା ପାଇଁ ପରିବେଶବିତ୍ ମନୋଜ କୁମାର ମହାପାତ୍ର, ସମାଜସେବୀ ଅକ୍ଷୟ କୁମାର ସାମଲ, କୁମାର ଅମୀୟ, ଲଲାଟେନ୍ଦୁ ପଣ୍ଡା, ବିଶ୍ୱରଞ୍ଜନ ସ୍ୱାଇଁ ପ୍ରମୁଖ ସରକାରଙ୍କୁ ଅନୁରୋଧ କରିଛନ୍ତି।

## କିଟ୍ ଡେଣ୍ଟାଲ କଲେଜକୁ ଚରକ ଜାତୀୟ ପୁରସ୍କାର

**ଭୁବନେଶ୍ୱର: ଏକ୍ସପ୍ରେସ ନ୍ୟୁଜ୍**

କ୍ଲିନିକାଲ୍ ଉତ୍କର୍ଷତା ନିମନ୍ତେ ଇଣ୍ଡିଆନ୍ ଡେଣ୍ଟାଲ୍ ଆସୋସିଏସନ (ଆଇଡ଼ିଏ) ପକ୍ଷରୁ କଳିଙ୍ଗ ଇନଷ୍ଟିଚ୍ୟୁଟ୍ ଅଫ୍ ଡେଣ୍ଟାଲ ସାଇନସେସ୍ (କିଡ଼ସ୍)କୁ ଜାତୀୟ ଚରକ ପୁରସ୍କାର ପ୍ରଦାନ କରାଯାଇଛି। ଆଇଡ଼ିଏ ପକ୍ଷରୁ ଗତ ୮ ତାରିଖ ମୁମ୍ବାଇରେ ଅନୁଷ୍ଠିତ ଏକ ଉତ୍ସବରେ କିଡ଼ସ୍‌କୁ ଏହି ପୁରସ୍କାର ପ୍ରଦାନ କରାଯାଇଥିଲା। କିଡ଼ସ୍ ନିର୍ଦ୍ଦେଶକ ଡା. ଯୁଗଜ୍ୟୋତି ପାଠୀ ଏହି ପୁରସ୍କାର ଗ୍ରହଣ କରିଥିଲେ। ଏହି ପୁରସ୍କାର ପ୍ରଦାନ ଉତ୍ସବରେ ଚିଲିର କନ୍‌ସଲ୍ ଜେନେରାଲ ଗୁସ୍ତଫୋ ଗନ୍‌ଜେଲ୍‌ଜେ, ତାଇୱାଲ୍ ଏକ୍‌ସଟର୍ନାଲ୍ ଟ୍ରେଡ୍ ଡେଭେଲପମେଣ୍ଟ କାଉନ୍‌ସିଲ୍‌ର ଆଲେକ୍‌ସ ଚେନ୍, ଆଇଡିଏର ସଭାପତି ଡା ଶୁଭ୍ରାନନ୍ଦି, ମହାସଚିବ ଡା ଆଶୋକ ଧୋବଲେ ଏବଂ ନବନିର୍ବାଚିତ ସଭାପତି ଡା ମନୋଜ ଶ୍ରୀବାସ୍ତବ ପ୍ରମୁଖଙ୍କ ସମେତ ବହୁ ଗଣ୍ୟମାନ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ। ଦନ୍ତ ଚିକିତ୍ସା ଓ ଗବେଷଣା କ୍ଷେତ୍ରରେ ଜାତୀୟ ଚରକ ପୁରସ୍କାର ହେଉଛି ଏକ ସମ୍ମାନଜନକ ପୁରସ୍କାର। ଦନ୍ତ ଚିକିତ୍ସାରେ କ୍ଲିନିକାଲ୍ ଉତ୍କର୍ଷତା ଓ ନବ ସର୍ଜନା





କ୍ଷେତ୍ରରେ କିଡ଼ସ୍‌ର ପ୍ରତିବଦ୍ଧତାକୁ ଏକ ସ୍ୱୀକୃତି ଭାବେ ଏହି ପୁରସ୍କାର ପ୍ରଦାନ କରାଯାଇଛି।

ଦନ୍ତ ଚିକିତ୍ସା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନକୁ ସ୍ୱୀକୃତି ପ୍ରଦାନ ସ୍ୱରୂପ ଆଇଡିଏ ପକ୍ଷରୁ ଚରକ ଜାତୀୟ ପୁରସ୍କାର ଆରମ୍ଭ କରାଯାଇଥିଲା। ସମଗ୍ର ଭାରତରୁ ୪ଲକ୍ଷ ସାଧାରଣ ଲୋକଙ୍କ ଭୋଟ ଓ ବିଚାରକଙ୍କ ନିଷ୍ପତି ଅନୁସାରେ କିଡ୍‌ସକୁ ଏହି ପୁରସ୍କାର ପ୍ରଦାନ କରାଯାଇଛି। ଏହି ସଫଳତାରେ ଖୁସି ବ୍ୟକ୍ତ କରି କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ କିଡ୍‌ସର ସମସ୍ତ ଡାକ୍ତର, ଛାତ୍ରଛାତ୍ରୀ ଓ କର୍ମଚାରୀଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ସୂଚନାଯୋଗ୍ୟ, କିଡ୍ ଡେଂଟାଲ୍ କଲେଜରେ ସର୍ବାଧୁନିକ ଦନ୍ତ ଚିକିତ୍ସା ଉପକରଣ ଓ ଭିତିଭୂମି ରହିଛି। କିଡ୍‌ସରେ ୩ଶହରୁ ଡେଂଟାଲ୍ ଚେୟାର, ଏଆଇ ଡାଇଗ୍ନୋଷ୍ଟିକ୍‌ସ ଏବଂ ଥ୍ରିଡି ପ୍ରିଂନ୍‌ଟିଂ ଲ୍ୟାବ ଆଦି ଉପଲବ୍‌ଧ। ଏପରିକି କିଡ୍‌ସ ବିଶେଷଜ୍ଞଙ୍କ ଦ୍ୱାରା ଗ୍ରହଣ ଖଣ୍ଡିଆ ରୋଗୀଙ୍କ ପାଇଁ କ୍ଲେଫ୍‌ଟ କନେକ୍ଟ ଆପ ବିକଶିତ କରାଯାଇଛି।

## ରାସ୍ତା ମରାମତି ନାଁରେ ହରିଲୁଟ ଅଭିଯୋଗ

**ରାଜନଗର: ଏକ୍ସପ୍ରେସ ନ୍ୟୁଜ୍**

ରାଜନଗର ବ୍ଲକ ସଦର ମହକୁମାରୁ ତାଳଚୁଆକୁ ସଂଯୋଗ କରୁଥିବା ପୂର୍ତ୍ତ ବିଭାଗ ରାସ୍ତା ଯନ୍ତ୍ରୀ ଓ ଠିକାଦାରଙ୍କ ପାଇଁ ଲେଉଟିଆ କିଆରୀ ପାଲଟିଛି। ରାସ୍ତା ମରାମତି ନାଁରେ ପ୍ରତିବର୍ଷ ସ୍କିଟଅପ କାମ ହେଉଛି। ଯନ୍ତ୍ରୀଙ୍କ ଅନୁପସ୍ଥିତରେ ନିମ୍ନମାନର କାମ ଯୋଗୁଁ ବିଭିନ୍ନ ସ୍ଥାନ ଫାଟି ଆଁ ହୋଇଯାଉଛି। ଦୂର୍ଗା ପୂଜା ପୂର୍ବରୁ ଏହି ରାସ୍ତାରେ ଡଷ୍ଟ (କ୍ରସର ଗୁଣ୍ଡ) ପକାଯାଇଥିଲା। ସେଗୁଡିକ ଧୋଇ ହୋଇଯିବା ପରେ ରାସ୍ତା ଅବସ୍ଥା ପୂର୍ବଭଳି ବେହାଲ ହୋଇପଡିଥିଲା। ଏବେ ସେହି ରାସ୍ତାରେ ସ୍କିଟଅପ ମାଧ୍ୟମରେ ମରାମତି କାମ ଚାଲିଛି। କେନ୍ଦ୍ରାପଡା ସବଡିଭିଜନର ସହକାରୀ ଯନ୍ତ୍ରୀ ଇଂ ସିଦ୍ଧାର୍ଥ ଶଙ୍କର ଜେନା ରାଜନଗର ସେକ୍ସନ ଦାୟିତ୍ୱରେ ଅଛନ୍ତି। କାମ ପାଖରେ ତାଙ୍କୁ କେବେ ଦେଖିବାକୁ ମିଳେ ନାହିଁ। ସହକାରୀ ନିର୍ବାହୀ ଯନ୍ତ୍ରୀ ଇଂ କୃପାସିନ୍ଧୁ ଧଳ ରାଜନଗର ସବଡିଭିଜନରେ ନିଯୁକ୍ତି ପାଇଥିଲେ ମଧ୍ୟ କାଁ ଭାଁ ଆସି ବୁଲି ଚାଲି ଯାଇଥାନ୍ତି। ଫଳରେ ଚତୁର୍ଥ ଶ୍ରେଣୀ କର୍ମଚାରୀଙ୍କ ହାତରେ ରାସ୍ତାର ସ୍ଥାୟିତ୍ୱ ନିର୍ଭର କରେ। ରାଜନେତାଙ୍କ ଚିଠାରେ ସ୍କିଟଅପ କାମ ଦିଆଯାଉଥିବାରୁ ସେମାନଙ୍କ ବଳରେ ବଳିୟାନ ହୋଇ ଠିକାଦାରମାନେ ନିଜ ମନଇଚ୍ଛା ନିମ୍ନମାନର କାମ କରୁଥିବା ନାମ ଗୋପନ ସୂତ୍ରରେ ଜନୈକ କର୍ମଚାରୀ ପ୍ରକାଶ କରିଛନ୍ତି। ସବୁଠାରୁ ବଡକଥା ହେଉଛି, ଯେଉଁମାନଙ୍କ ନାମରେ ଚିଠା ହୋଇ କାମ ବଣ୍ଟା ହୋଇଥିଲା ସେମାନେ କାମ ନକରି ତୃତୀୟ ପକ୍ଷ (ପେଟି ଠିକାଦାର)ଙ୍କୁ ବିକି ଦେଇଥିବା ଅଭିଯୋଗ ହେଉଛି। ରାଜନଗର-ତାଳଚୁଆ ରାସ୍ତାର ରାଜନଗର ଲାଂଙ୍ଗୁରାମୁଣ୍ଡଠାରୁ ପ୍ରାୟ ୩ଶହ ମିଟର, ମଲିଆବୁଦା ଗାଁ ନିକଟରେ ପ୍ରାୟ ୩ଶହ ମିଟର କାମ ହୋଇ ସରିଥିବା ବେଳେ ଓ ଚକ୍ରବର୍ତୀ ନିକଟରେ ଦୁଇଟି ରିଚ ପ୍ରାୟ ୬ଶହ ମିଟର କାମ ଚାଲିଛି। ନିୟମାନୁଯାୟୀ ୨୦ଏମଏମ କାର୍ପେଟ ଓ ୬ଏମଏମ ସିଲକୋଟରେ ପିଚୁ କାମ ହେବା କଥା। ବାସ୍ତବରେ କାର୍ପେଟ ଓ ସିଲକୋଟକୁ ମିଶାଇ ୧୨ରୁ ୧୫ଏମଏମ ମଧ୍ୟରେ ପିଚୁ କାମ ହେଉଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ଅପରପକ୍ଷରେ ଦୁଇଟିସ୍ତରରେ କାର୍ପେଟ ୧୦ରୁ ୧୨ ଏମଏମ ଚିପ୍ସରେ ହେବାକୁ ଥିବାବେଳେ ସିଲକୋଟ ବଜୁରୀରେ ପିଚୁକାମ ହେବା କଥା। ମାତ୍ର କ୍ଷେତ୍ର ପରିଦର୍ଶନରୁ ଜଣାଗଲା ଯେ, ସଂପୂର୍ଣ୍ଣ ପିଚୁ କାମ ବଜୁରୀରେ ହେଉଛି। ସହକାରୀ ଯନ୍ତ୍ରୀ କିମ୍ବା ସହକାରୀ ନିର୍ବାହୀ ଯନ୍ତ୍ରୀ ଏହି ପିଚୁ ଛିଞ୍ଚା କାମକୁ ତଦାରଖ କରିବାକୁ ଆସୁନଥିବାରୁ ଯନ୍ତ୍ରୀ ଓ ଠିକାଦାରଙ୍କ ମଧୁଚନ୍ଦ୍ରିକା ଚାଲିଛି ବୋଲି ସାଧାରଣରେ ଚର୍ଚ୍ଚା ହେଉଛି। ଯାହାଫଳରେ ରାସ୍ତାର ସ୍ଥାୟିତ୍ୱ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏସଂପର୍କରେ ସହକାରୀ ନିର୍ବାହୀ ଯନ୍ତ୍ରୀ ଇଂ ଧଳ ଓ ଦାୟିତ୍ୱରେ ଥିବା ସହକାରୀ ଯନ୍ତ୍ରୀ ଇଂ ଜେନାଙ୍କ ମତାମତ ନେବାକୁ ଉଦ୍ୟମ କରାଯାଇଥିଲେ ମଧ୍ୟ ସେମାନେ ଫୋନ ଉଠାଇନଥିଲେ।





## ତହସିଲ ପରିଦର୍ଶନରେ ଗଞ୍ଜାମ ଜିଲ୍ଲାପାଳ

**ପୁରୁଷୋତ୍ତମପୁର: ଏକ୍ସପ୍ରେସ ନ୍ୟୁଜ୍**

ଗଞ୍ଜାମ ଜିଲ୍ଲାପାଳ ଭି.କୀର୍ତ୍ତିଭାସନ ପୁରୁଷୋତ୍ତମପୁର ତହସିଲ କାର୍ଯ୍ୟାଳୟକୁ ବୁଧବାର ଆସି ବିଭିନ୍ନ ରେକର୍ଡପତ୍ର ଯାଞ୍ଚ କରିଛନ୍ତି। ତହସିଲଦାର ବିନୋଦ କୁମାର ବେହେରା ଓ ଅତିରିକ୍ତ ତହସିଲଦାର ସଙ୍ଗୀତା ସେଠୀଙ୍କ ସହ ବିଭିନ୍ନ କାର୍ଯ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। ଏହି ତହସିଲ ଅଧିନରେ ରହିଥିବା ୧୧ଟି ରାଜସ୍ୱ ସର୍କଲର ବିଭିନ୍ନ ରେକର୍ଡପତ୍ର ଯାଞ୍ଚ କରିଥିଲେ। ଏହି ସମୟରେ ସମସ୍ତ ରେକର୍ଡପତ୍ର ଠିକ୍ ଭାବେ ରହିଥିବା ନେଇ ଖୁସି ପ୍ରକଟ କରିଛନ୍ତି। ସମସ୍ତ ରେକର୍ଡପତ୍ର ସଠିକ୍ ଭାବରେ ରଖିବା ଲାଗି ରାଜସ୍ୱ ନିରୀକ୍ଷକମାନଙ୍କୁ ପରାମର୍ଶ ଦେଇଥିଲେ। ଏହାସହ ଜନସାଧାରଣ ସେମାନଙ୍କ ବିଭିନ୍ନ କାମରେ କାର୍ଯ୍ୟାଳୟକୁ ଆସୁଥିବା ବେଳେ ସେଥିପ୍ରତି ଗୁରୁତ୍ୱ ଦେଇ ଧାର୍ଯ୍ୟ ସମୟ ମଧ୍ୟରେ କାର୍ଯ୍ୟ କରିବା ଓ ଅନ୍‌ଲାଇନ୍ ସେବାଗୁଡ଼ିକୁ ଠିକ୍ ସମୟରେ ଅପଡେଟ କରିବା, ଜନସାଧାରଣଙ୍କ ନିକଟତର ହୋଇ କାର୍ଯ୍ୟ କରିବା ପାଇଁ ସମସ୍ତ କର୍ମଚାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହି ସମୟରେ ତହସିଲର ସମସ୍ତ ରାଜସ୍ୱ କର୍ମଚାରୀ ଉପସ୍ଥିତ ଥିଲେ।

## ସୁରକ୍ଷିତ ରହିବା ପାଇଁ ସାଇବର ସୁରକ୍ଷା ଅଭିଯାନ

**ମାଲକାନଗିରି: ଏକ୍ସପ୍ରେସ ନ୍ୟୁଜ୍**

ମାଲକାନଗିରି ଜିଲା ପୋଲିସ ବିଭାଗ ମାଲକାନଗିରି ଆଦର୍ଶ ଥାନା ମିଳିତ ଉଦ୍ୟମରେ ମାଲକାନଗିରି ବ୍ଲକସ୍ଥ ଛତିଶଗଡ଼ ସୀମାନ୍ତ ପଦ୍ମଗିରି ପଞ୍ଚାୟତ ତଳସାହି ଖେଳ ପଡିଆ ଠାରେ ଏହି କାର୍ଯ୍ୟକ୍ରମ ହୋଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଏସଡ଼ିପିଓ ଦିବ୍ୟରଞ୍ଜନ ଦଳେଇ ଯୋଗଦେଇ ପ୍ରଥମେ ପଦ୍ମଗିରି ଉଚ୍ଚ ବିଦ୍ୟାଳୟ ନିକଟରେ ସାଇବର ସୁରକ୍ଷା ସଚେତନତା କାର୍ଯ୍ୟକ୍ରମର ଶୁଭାଆରମ୍ଭ କରିଥିଲେ। ବିରାଟ ସଚେତନତା ଶୋଭାଯାତ୍ରା ବାହାରି ପଦ୍ମଗିରି ବଜାର ଗାଁ ପରିକ୍ରମା କରି ତଳସାହି ଖେଳ ପଡିଆ ଠାରେ ଏକ ବିରାଟ ସଚେତନତା ସଭାର ଆୟୋଜନ କରାଯାଇଥିଲା। ମାଲକାନଗିରି ଥାନା ଅଧିକାରୀ ରିଗାନ କିଣ୍ଡୋଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥିଭାବେ ଏସ୍‌ଡ଼ିପିଓ ଦିବ୍ୟ ରଞ୍ଜନ ଦଳେଇ, ମୁଖ୍ୟବକ୍ତା ଭାବେ ସମାଜସେବୀ ରତ୍ନାକର ଦାଶ, ସମ୍ମାନୀତ ଅତିଥିଭାବେ ବ୍ଲକ ଚେୟାରମ୍ୟାନ ଗୌରୀ ପଡିଆମୀ, ପୂର୍ବତନ ଜିଲ୍ଲା ପରିଷଦ ଅଧକ୍ଷ୍ୟ ଦଶରଥ ପଡିଆମୀ, ପୂର୍ବତନ ବ୍ଲକ ଅଧକ୍ଷ ଅକ୍ଷୟ ନାୟକ, ଆଦିବାସୀ ନେତା କୃଷ୍ଣ ଚନ୍ଦ୍ର ମାଡକାମୀ, ଜିଲ୍ଲା ପରିଷଦ ସଭ୍ୟା କୁନି ଭୂମିୟା, ବିଧାୟକ ପ୍ରତିନିଧି ଅଶୋକ ବୈଦ୍ୟ, ନାଏବ ସରପଞ୍ଚ ରମିଳା ନାୟକ ପ୍ରମୁଖ ଉପସ୍ଥିତ ରହି ସାଇବର ଠକେଇରୁ ଜନସାଧାରଣ କିପରି ସୁରକ୍ଷା ପାଇପାରିବେ ସଚେତନ କରିଥିଲେ। ସାଇବର ଅପରାଧୀମାନେ ଡିଜିଟାଲ ପ୍ଲାଟଫର୍ମ, ହ୍ୱାଟ୍‌ସଆପ୍, ଇନ୍‌ଷ୍ଟାଗ୍ରାମ, ଇ-ମେଲ ଓ ମୋବାଇଲ ଫୋନ୍, ଇଣ୍ଟେରନେଟ ମାଧ୍ୟମରେ ବ୍ୟାଙ୍କ ଜମାଖାତାରୁ ଟଙ୍କା ଗାଏବ କରିଥାନ୍ତି। ସେମାନେ ନାନା ପ୍ରକାର ଲୋଭ ଦେଖାଇ ଥାନ୍ତି। ତୁମ ଆକାଉଣ୍ଟରେ ବନ୍ଦ ରହିଛି, ଏଟିଏମ୍ ଖରାପ ହୋଇଯାଇଛି, ଫୋନ ନମ୍ବରରେ ଲକି ଡ୍ର ପୁରସ୍କାର ମିଳିଛି ବିଭିନ୍ନ ପ୍ରଲୋଭନ ଦେଖାଇ ଠକିଥାନ୍ତି। ବହୁ ପ୍ରକାର ପ୍ରଲୋଭନ ଦେଖାଇ ଉକ୍ତ କଲ୍ ନମ୍ବରରୁ କଲ୍ ଆସିଲେ ନମ୍ବରକୁ ମନେରଖି ସଙ୍ଗେସଙ୍ଗେ ପୋଲିସକୁ ଖବର ଦେଲେ ପୋଲିସ ଏହାର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ। ହଠାତ ମେସେଜ କିମ୍ବା ଓଟିପି ପଠାଇବେ ନାହିଁ ବୋଲି ସଚେତନତା କରାଯାଇଥିଲା। ବିଦ୍ୟାଳୟର ଛାତ୍ରୀଛାତ୍ର ଓ ଗୁରୁକୁଳ କଳାକାରମାନଙ୍କ ଦ୍ୱାରା ସାଇବର ଠକେଇ ସମ୍ପର୍କରେ ନାଟକ ମଞ୍ଚସ୍ଥ ହୋଇଥିଲା। ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଶଣ କରାଯାଇଥିଲା। ସଚେତନତା ଶୋଭାଯାତ୍ରା ଓ କାର୍ଯ୍ୟକ୍ରମରେ ଶତାଧିକ ସ୍ଥାନୀୟ ବୁଦ୍ଧିଜୀବୀ, ଜନସାଧାରଣ ଓ ଅଭିଭାବକ ମଧ୍ୟ ଉପସ୍ଥିତ ଥିଲେ।

## ଆମ ବିଦ୍ୟାଳୟ ବିଜ୍ଞାନମେଳା



**ବେତନଟୀ: ଏକ୍ସପ୍ରେସ ନ୍ୟୁଜ୍**

ମୟୂରଭଞ୍ଜ ଜିଲ୍ଲା ବେତନଟୀ ପିଏମଶ୍ରୀ ଏମପିସି ହାଇସ୍କୁଲ ପକ୍ଷରୁ ଆମ ବିଦ୍ୟାଳୟସ୍ତରୀୟ ବିଜ୍ଞାନ ମେଳା ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ସ୍କୁଲର ପ୍ରଧାନଶିକ୍ଷକ ଅର୍ଜୁନ ସିଂଙ୍କ ଅଧକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ତଥା ବିଚାରକ ଭାବରେ ଏହି ବିଦ୍ୟାଳୟର ପୂର୍ବତନ ବିଜ୍ଞାନ ଶିକ୍ଷକ କୃଷ୍ଣ ଚନ୍ଦ୍ର ବିଶ୍ୱାଳ ଯୋଗ ଦେଇଥିଲେ। ବିଦ୍ୟାଳୟର ଶିକ୍ଷକ ସୁବୋଧ କୁମାର ସାହୁ ଅତିଥି ପରିଚୟ ସହିତ ମଞ୍ଚ ପରିଚାଳନା କରିଥିଲେ। ବେଦମନ୍ତ୍ର ପାଠ ପୂର୍ବକ ସଭାକାର୍ଯ୍ୟ ଶୁଭାରମ୍ଭ ହୋଇଥିଲା। ସଶକ୍ତ ସମାଜ ଗଠନରେ ବିଜ୍ଞାନର ଅବଦାନ ସମ୍ପର୍କରେ ବିଦ୍ୟାଳୟ ର ପ୍ରଧାନ ଶିକ୍ଷକ ଆଲୋକପାତ କରିଥିଲେ। ବିକଶିତ ସମାଜ ଗଠନରେ ବିଜ୍ଞାନର ଭୂମିକା ବିଜ୍ଞାନ ମେଳା ପ୍ରଦର୍ଶନୀର ଆବଶ୍ୟକତା ବିକଶିତ ଓ ଆତ୍ମନିର୍ଭର ଶିଳ ଭାରତ ଗଠନରେ ବିଜ୍ଞାନର ବିଭିନ୍ନ ଗଠନ ମୂଳକ ଆବିଷ୍କାର ଓ ଉଦ୍ଭାବନ ଉପରେ ମୁଖ୍ୟ ଅତିଥି ଶ୍ରୀ ବିଶ୍ୱାଳ ସାର ଗୁରୁତ୍ୱଆରପ କରିଥିଲେ। ତତ୍ପରେ ବିଦ୍ୟାଳୟର ଶିକ୍ଷକ ନିରଜ କୁମାର ମହାନ୍ତ ବରିଷ୍ଠ ଶିକ୍ଷୟିତ୍ରୀ ଇତିଶ୍ରୀ ମନ୍ତ୍ରୀ, ବିଜ୍ଞାନର ଉପକାରିତା ଓ ଅପକାରିତା ବିଷୟରେ ବକ୍ତବ୍ୟ ରଖିଥିଲେ। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର କୁନି ବୈଜ୍ଞାନିକମାନଙ୍କ ଦ୍ୱାରା ବରିଷ୍ଠ ବିଭାଗରେ ୫୭ଟି ଓ କନିଷ୍ଠ ବିଭାଗରେ ୫୧ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ବିଚାରକଙ୍କ ଦ୍ୱାରା ସମସ୍ତ ପ୍ରକଳ୍ପର ମୂଲ୍ୟାୟନ କରାଯାଇଥିଲା। ଶେଷରେ ଶିକ୍ଷକ ହେମନ୍ତ କୁମାର ଦାସ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଏବଂ ସମସ୍ତ ଅଣଶିକ୍ଷା କର୍ମଚାରୀମାନେ ସକ୍ରିୟ ସହଯୋଗ କରିଥିଲେ।

### ବାଣିଜ୍ୟ

## ରୁଷ୍‌ରୁ ତେଲ କିଣା ବନ୍ଦକଲା ଭାରତ

**ନୂଆଦିଲ୍ଲୀ: ଏକ୍ସପ୍ରେସ ନ୍ୟୁଜ୍**





ରୁଷ୍‌ରୁ ଭାରତୀୟ କମ୍ପାନିଗୁଡିକ ତେଲ କିଣିବା ବନ୍ଦ କରିଛନ୍ତି। ଡିସେମ୍ବର ମାସରେ ଆସିବାକୁ ଥିବା ତେଲ ପାଇଁ ୫ଟି ଭାରତୀୟ କମ୍ପାନି ଆଦେଶନାମା ରୁଷ୍‌କୁ ଦେଇନାହାନ୍ତି ବୋଲି ଏହି ଶିଳ୍ପ ସହ ଜଡିତ ଅଧିକାରୀମାନେ ନିଜ ନାମ ଗୋପନ ରଖି ସୂଚନା ଦେଇଛନ୍ତି। ସାଧାରଣ ପରବର୍ତ୍ତୀ ମାସ ପାଇଁ କିଣାଯିବାକୁଥିବା ତେଲ ପାଇଁ ଚଳିତବର୍ଷ ୧୦ ତାରିଖ ମଧ୍ୟରେ ଆଦେଶନାମା ଦିଆଯାଇଥାଏ। ରୁଷ୍‌ଠାରୁ ତେଲ ନକିଣିବା ପାଇଁ ଦୀର୍ଘଦିନ ହେଲା ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଚାପ ପକାଇ ଆସୁଛନ୍ତି। ରୁଷ୍‌ଠାରୁ ଭାରତ ତେଲ କିଣୁଥିବାରୁ ଟ୍ରମ୍ପ ଜରିମାନା ଭାବେ ୨୫ ପ୍ରତିଶତ ଅଧିକ ଶୁଳ୍କ ନୂଆଦିଲ୍ଲୀ ଉପରେ ଲଗାଇଛନ୍ତି। ଫଳରେ ଭାରତର ରପ୍ତାନିକାରୀମାନେ ଏବେ ଆମେରିକାରେ ୫୦ ପ୍ରତିଶତର ଚଢ଼ା ଶୁଳ୍କର ସମ୍ମୁଖୀନ ହେଉଛନ୍ତି। ଭାରତ ଓ ଆମେରିକା ମଧ୍ୟରେ ବାଣିଜ୍ୟ ରାଜିନାମା ନେଇ ଆଲୋଚନା ଚାଲିଥିଲେ ମଧ୍ୟ ଏ ନେଇ କିଛି ଅଗ୍ରଗତି ହୋଇପାରିନାହିଁ।

ଏଭଳି ସ୍ଥିତିରେ ରୁଷ୍‌ଠାରୁ ଭାରତ ତେଲ କିଣିବା ବନ୍ଦ ଖବର ସାମ୍ନାକୁ ଆସିଛି। ଯେଉଁ ୫ଟି କମ୍ପାନି ରୁଷ୍‌ଠାରୁ ତେଲ କିଣିବା ପାଇଁ ଆଦେଶ ଦେଇନାହାନ୍ତି ସେମାନେ ହେଲେ ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍ ଲିମିଟେଡ୍, ଭାରତ ପେଟ୍ରୋଲିୟମ କର୍ପୋରେସନ ଲିମିଟେଡ, ହିନ୍ଦୁସ୍ତାନ ପେଟ୍ରୋଲିୟମ କର୍ପୋରେସନ ଲିମିଟେଡ୍, ମାଙ୍ଗାଲୋର ରିଫାଇନାରି ଆଣ୍ଡ୍ ପେଟ୍ରୋକେମିକାଲ୍ସ ଲିମିଟେଡ୍ ଏବଂ ଏଚ୍‌ପିସିଏଲ୍-ମିତ୍ତଲ ଏନର୍ଜି ଲିମିଟେଡ୍। ରୁଷରୁ ଭାରତ ଆମଦାନି କରୁଥିବା ଅଶୋଧିତ ତେଲର ଦୁଇ ତୃତୀୟାଂଶ ଏହି ୫ କମ୍ପାନି କରିଥାନ୍ତି ବୋଲି କେପଲର୍ ତଥ୍ୟରୁ ଜଣାଯାଇଛି। କେବଳ ଭାରତୀୟ ତୈଳ ନିଗମ ଏବଂ ନାୟାରା ଏନର୍ଜି ଲିମିଟେଡ ରୁଷ୍‌ଠାରୁ କିଛି ପରିମାଣର ତେଲ କିଣିବା ପାଇଁ ଆଦେଶ ଦେଇଛନ୍ତି। ଆମେରିକା କଟକଣା ଲଗାଇ ନଥିବା କମ୍ପାନିଠାରୁ ଭାରତୀୟ ତୈଳ ନିଗମ ତେଲ କିଣିଛି। ନାୟାରା ରୁଷ୍ କମ୍ପାନି ରୋଜନେଫ୍ଟର ଏକ ଅଂଶ ହୋଇଥିବାରୁ ଏହି କମ୍ପାନି ରୁଷ୍‌ଠାରୁ ତେଲ କିଣିବା ପାଇଁ ନିର୍ଭର କରିଛି। ଚଳିତବର୍ଷ ରୁଷ୍‌ଠାରୁ ଭାରତ ଏହାର ମୋଟ ଅଶୋଧିତ ତେଲର ଆମଦାନୀର ୩୬ ପ୍ରତିଶତ ଆଣିଛି। ରୁଷ୍‌ରୁ ତେଲ ଆମଦାନୀ ବନ୍ଦ ହେବା ପରେ ଭାରତୀୟ କମ୍ପାନିଙ୍କୁ ଏହାର ପାରମ୍ପରିକ ବଜାର ଉପରେ ନିର୍ଭର କରିବାକୁ ପଡିବ।

## ସ୍କୁଲ ୟୁନିଫର୍ମ ମିଳି ନଥିବାରୁ ଦିଶା ବୈଠକରେ ଉଦ୍‌ବେଗ

**କେନ୍ଦ୍ରାପଡ଼ା: ଏକ୍ସପ୍ରେସ ନ୍ୟୁଜ୍**

ଶିକ୍ଷାବର୍ଷ ଆରମ୍ଭରୁ ଅଦ୍ୟାବଧି ଅଧା ସମୟ ବିତି ଯାଇଥିଲେ ମଧ୍ୟ ଛାତ୍ରଛାତ୍ରୀଙ୍କୁ ସ୍କୁଲ ୟୁନିଫର୍ମ ମିଳିପାରିଲା ନାହିଁ। ଯାହାକୁ ନେଇ ଦିଶା (ଜିଲ୍ଲା ଉନ୍ନୟନ ସମନ୍ୱୟ ଏବଂ ସମୀକ୍ଷା କମିଟି) ବୈଠକରେ ସାଂସଦ ବୈଜୟନ୍ତ ପଣ୍ଡା ଉଦ୍‌ବେଗ ପ୍ରକାଶ କରିଛନ୍ତି। କେଉଁ କାରଣ ପାଇଁ ପିଲାଙ୍କୁ ସ୍କୁଲ ୟୁନିଫର୍ମ ପ୍ରଦାନରେ ଅହେତୁକ ବିଳମ୍ବ ହୋଇଛି ତାହା ଜାଣିବା ପାଇଁ ଜିଲାପାଳ ଜିଲ୍ଲା ଶିକ୍ଷାଧିକାରୀଙ୍କୁ ପଚାରିବା ବେଳେ ସେ ଅନୁପସ୍ଥିତ ଥିଲେ। ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଆୟାଜିତ ଚତୁର୍ଥ ଦିଶା ବୈଠକରେ କମିଟିର ଅଧକ୍ଷ ସାଂସଦ ବୈଜୟନ୍ତ ପଣ୍ଡା ଅଧକ୍ଷତା କରିଥିଲେ। ଏହି ବୈଠକରେ କେନ୍ଦ୍ରାପଡ଼ା ବ୍ଲକ ଅଧକ୍ଷା ରଶ୍ମିତା ସେଠୀ ପ୍ରଶ୍ନ କରିଥିଲେ ଯେ କେନ୍ଦ୍ରାପଡ଼ା ବ୍ଲକରେ ଥିବା ଅନେକ କେତେକ ବିଦ୍ୟାଳୟରେ ପିଲାମାନଙ୍କୁ ସ୍କୁଲ ୟୁନିଫର୍ମ ବଣ୍ଟା ଯାଇ ନାହିଁ। ଫଳରେ ଛାତ୍ରଛାତ୍ରୀମାନେ ସମସ୍ୟାରେ ପଡୁଛନ୍ତି। ବିଶେଷ କରି ଗରିବ ଶ୍ରେଣୀର ପିଲାମାନେ ହଇରାଣ ହରକତ ହେଉଛନ୍ତି। କାରଣ ବିଦ୍ୟାଳୟ ପକ୍ଷରୁ ୟୁନିଫର୍ମ ଯୋଗାଇ ଦିଆଯିବା ପାଇଁ ସରକାରୀ ନିୟମ ରହିଥିବା ବେଳେ ଏହାକୁ ଉଲ୍ଲଙ୍ଘନ କରାଯାଉଛି। ଗରିବ ପିଲାମାନଙ୍କ ପକ୍ଷରେ ୟୁନିଫର୍ମ କିଣିବା କଷ୍ଟକର ହେଉଛି। ଏହାକୁ ନେଇ ଉଦ୍‌ବେଗ ପ୍ରକାଶ ପାଇଥିଲା। ଅନ୍ୟ କେତେକ ବ୍ଲକର ଅଧକ୍ଷମାନେ ମଧ୍ୟ ଏହାକୁ ସମର୍ଥନ କରିଥିଲେ। ଜିଲ୍ଲାର ଅନ୍ୟ କେତେକ ବ୍ଲକରେ ମଧ୍ୟ ସମାନ ଅବସ୍ଥା ହୋଇଥିବା ବିଭିନ୍ନ ବ୍ଲକର ଅଧକ୍ଷମାନେ କହିଥିଲେ। ସେହିପରି ମିଶନ ଶକ୍ତି ମହିଳାମାନେ ଯେଉଁ ଜିନିଷ ଉତ୍ପାଦନ କରୁଛନ୍ତି ତାହାକୁ ବିକ୍ରି କରିବା ପାଇଁ ଆବଶ୍ୟକ ବଜାର ସୁବିଧା ପାଇ ପାରୁନାହାଁନ୍ତି। ପୂର୍ବ ସରକାର ଅମଳରେ ମିଶନ ଶକ୍ତି ଗୃହ ପାଇଁ ଯେଉଁ ଯୋଜନା ହୋଇଥିଲା ସେଗୁଡିକର ଅବସ୍ଥା କ'ଣ ରହିଛି ତାହା ଜାଣିବା ପାଇଁ ସାଂସଦ ଚାହିଁଥିଲେ। କେଉଁଠାରେ ଗୃହ ନିର୍ମାଣ ହୋଇଛି ତ ଆଉ କେଉଁ ଠାରେ ଗୃହ ଅଧାପନ୍ତରିଆ ହୋଇ ପଡି ରହିଛି। ଆଉ କେତେକ ବ୍ଲକରେ ଜମାରୁ ଗୃହ ନିର୍ମାଣ ହୋଇନାହିଁ। ତେଣୁ ତୁରନ୍ତ ଅଧାପନ୍ତରିଆ ଗୃହଗୁଡିକର ନିର୍ମାଣ ଶେଷ କରି ଏହାକୁ କାର୍ଯ୍ୟକ୍ଷମ କରିବା ପାଇଁ ସାଂସଦ ଜିଲା ପ୍ରଶାସନକୁ ନିର୍ଦ୍ଦେଶ ଦେଇଥିଲେ। ବଜାର ସୃଷ୍ଟି ହୋଇ ପାରୁ ନଥିବାରୁ ମହିଳାମାନେ ଯେଉଁ ଉତ୍ପାଦ ପ୍ରସ୍ତୁତ କରୁଛନ୍ତି ତାହାକୁ ବିକ୍ରି କରି ପାରୁନାହାଁନ୍ତି। ସେମାନେ କ୍ଷତିଗ୍ରସ୍ତ ହେଉଥିବାରୁ ନିରୁତ୍ସାହିତ ହୋଇପଡୁଛନ୍ତି। ଏହାଦ୍ୱାରା ପରିବାରର ଅର୍ଥନୀତି ଦୁର୍ବଳ ହେଉଛି। ଜିଲ୍ଲାର ଅର୍ଥନୀତିକୁ ସୁଦୃଢ଼ କରିବା ପାଇଁ ମହିଳାମାନଙ୍କୁ ସଶକ୍ତ କରାଯାଉଛି। ଫଳରେ ମହିଳାମାନେ ଆତ୍ମନିର୍ଭରଶୀଳ ହୋଇପାରିବେ। ଏହାଦ୍ୱାରା ଅର୍ଥନୀତି ସୁଦୃଢ଼ ହୋଇପାରିବ। କିନ୍ତୁ ମହିଳାମାନଙ୍କ ଉତ୍ପାଦ ବିକ୍ରି ହୋଇ ନ ପାରିଲେ ସେମାନେ ନିରୁତ୍ସାହିତ ହେବେ ବୋଲି ସାଂସଦ କହିଥିଲେ। ବୈଠକରେ ଗ୍ରାମାଞ୍ଚଳର ରାସ୍ତାଘାଟ ସଂକ୍ରାନ୍ତରେ ଆଲୋଚନା ହୋଇଥିଲା। ଗ୍ରାମାଞ୍ଚଳର ରାସ୍ତାଘାଟ ବିଭିନ୍ନ ସ୍ଥାନରେ ଖାଲଖମାରେ ପରିଣତ ହୋଇଛି ବୋଲି ବ୍ଲକ ଅଧକ୍ଷମାନେ କହିଥିଲେ। ତେଣୁ ତୁରନ୍ତ ସେଗୁଡିକ ମରାମତି କରିବା ସହିତ ଆବଶ୍ୟକ ସ୍ଥଳେ ଗମନାଗମନ ସୁବିଧା କରିବା ପାଇଁ ନୂତନ ରାସ୍ତା ନିର୍ମାଣ କରିବାକୁ ସାଂସଦ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ବୈଠକରେ ଜିଲ୍ଲା ପରିଷଦ ସଭାପତି ଲିଲିତା ଦାସ, ଜିଲାପାଳ ରଘୁରାମ ଆର. ଆୟାର, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ଅଜାମ୍ବର ମହାନ୍ତି, କେନ୍ଦ୍ରାପଡ଼ା ବିଧାୟକ ଗଣେଶ୍ୱର ବେହେରା, ଅତିରିକ୍ତ ଜିଲ୍ଲାପାଳ ନବକୃଷ୍ଣ ଜେନା ପ୍ରମୁଖ ଉପସ୍ଥିତ ଥିଲେ। ବିଭିନ୍ନ ବ୍ଲକର ବିଡିଓ, ଜିଲା ସ୍ତରୀୟ ଅଧିକାରୀ ଓ ଲାଇନ୍ ଡିପାର୍ଟମେଣ୍ଟର ଯନ୍ତ୍ରୀମାନେ ଉପସ୍ଥିତ ଥିଲେ।

## ଗିନିଜ୍ ବୁକ୍ ଅଫ୍ ୱାଲ୍ଡ ରେକର୍ଡରେ ସ୍ଥାନ ପାଇଲେ ପଲକ ମୁଚ୍ଛଲ

### ସିନେମାଫିନେମା ଟିଭିଫିବି



**ମୁମ୍ବାଇ: ଏକ୍ସପ୍ରେସ ନ୍ୟୁଜ୍**

ଗିନିଜ୍ ବୁକ୍ ଅଫ୍ ୱାଲ୍ଡ ରେକର୍ଡସରେ ସ୍ଥାନ ପାଇଛନ୍ତି ଭାରତର ଲୋକପ୍ରିୟ ଗାୟିକା ପଲକ ମୁଚ୍ଛଲ। ତେବେ ସଙ୍ଗୀତ ପାଇଁ ନୁହେଁ, ନିଜର ଅଦ୍ୱିତୀୟ ମାନବୀୟ କାର୍ଯ୍ୟ ପାଇଁ। ପଲକ ପଲାଶ ଦାତବ୍ୟ ସଂଗଠନ ଜରିଆରେ ପଲକ ଦେଶ ଓ ବିଦେଶରେ ବଞ୍ଚିତ ୩,୮୦୦ରୁ ଉର୍ଦ୍ଧ୍ୱ ପିଲାଙ୍କର ହାର୍ଟ ସର୍ଜରି ପାଇଁ ପାଣ୍ଠି ସଂଗ୍ରହରେ ସେ ନିଜର ଯୋଗଦାନ ଦେଇଛନ୍ତି। ଏହି ମହତ ପ୍ରୟାସ ଜରିଆରେ ସଙ୍ଗୀତ ପ୍ରତି ନିଜ ପାସନକୁ ଦୟାଭାବର ଏକ ଜୀବନବ୍ୟାପୀ ମିଶନରେ ସେ ରୂପାନ୍ତରିତ କରିଛନ୍ତି। ପଲକଙ୍କ ଦାତବ୍ୟ ପ୍ରୟାସର ଯାତ୍ରା ପିଲାଦିନୁ ଆରମ୍ଭ ହୋଇଥିଲା।

ପିଲାଦିନେ, ଏକ ଟ୍ରେନ୍ ଯାତ୍ରା ସମୟରେ ସେ କିଛି ବଞ୍ଚିତ ପିଲାଙ୍କ ସଂସ୍ପର୍ଶରେ ଆସିଥିଲେ। ସେହି ମୁହୂର୍ତ୍ତ ତାଙ୍କ ଜୀବନକୁ ନୂଆ ମୋଡ ଦେଲା। ସେହିଦିନ ସେ ନିଜକୁ ପ୍ରତିଶ୍ରୁତି ଦେଲେ 'ଦିନେ ମୁଁ ସେମାନଙ୍କୁ ସାହାଯ୍ୟ କରିବି।' ସେହି ପ୍ରତିଶ୍ରୁତି ତାଙ୍କ ସଂଗଠନ ପଛର ବଡ ପ୍ରେରଣାପ୍ରଦ ଶକ୍ତି ପାଲଟିଲା। ଏହା ଜରିଆରେ ପଲକ ପ୍ରତ୍ୟେକ କନ୍ସର୍ଟ ଓ ବ୍ୟକ୍ତିଗତ ସଞ୍ଚୟରୁ ଆୟ ଅର୍ଥକୁ ବଞ୍ଚିତଙ୍କ ଜୀବନ ରକ୍ଷାକାରୀ ଚିକିତ୍ସାରେ ଲଗାଉଛନ୍ତି। ପଲକଙ୍କ ବଦାନ୍ୟତା ଗୋଟିଏ କାରଣ ମଧ୍ୟରେ ସୀମିତ ନୁହେଁ। ଅନେକ ବର୍ଷ ଧରି ସେ କାରଗିଲ ସହିଦଙ୍କ ପରିବାରଙ୍କୁ ସାହାଯ୍ୟ କରିଛନ୍ତି। ଗୁଜରାଟ ଭୂକମ୍ପ ପୀଡିତଙ୍କ ପାଇଁ ୧୦ ଲକ୍ଷ ଟଙ୍କା ଦାନ କରିଛନ୍ତି।

ସମାଜ ମଙ୍ଗଳ ନିମନ୍ତେ ତାଙ୍କ ଅଙ୍ଗୀକାରବଦ୍ଧତା ଗଭୀର ଦୟାଭାବର ଉଦାହରଣ, ଯାହା ନିରନ୍ତର ପ୍ରୟାସ ଦ୍ୱାରା ସଫଳ ହୋଇଛି। ପଲକ 'ମେରୀ ଆଶିକୀ', 'କୌନ୍ ତୁଝେ' ଓ 'ପ୍ରେମ୍ ରତନ ଧନ ପାୟୋ' ଭଳି ଗୀତ ଜରିଆରେ ସଙ୍ଗୀତ କ୍ୟାରିଅର୍‌ରେ ଶୀର୍ଷ ସ୍ଥାନରେ ପହଞ୍ଚିଛନ୍ତି। କିନ୍ତୁ ନିଜର ସାମର୍ଥ୍ୟ ଓ ଆୟକୁ ସେ ନିଜ ସଂଗଠନକୁ ଉତ୍ସର୍ଗ କରିଛନ୍ତି। ବୃତ୍ତିଗତ ଉପଲବ୍ଧି ସହିତ ମାନବୀୟ କାର୍ଯ୍ୟ ପ୍ରତି ଅଭୁତ ସମର୍ପଣଭାବ ତାଙ୍କୁ ଲିମକା ବୁକ୍ ଅଫ୍ ରେକର୍ଡସର ଅଧିକାରିଣୀ କରିଛି।

## ଆଜିର ରାଶିଫଳ

| ତାରିଖ<br>୧୨.୧୧.୨୦୨୫ | ଗୁରୁବାର– ନବମୀ<br>ନକ୍ଷତ୍ର– ମଘା, ସିଂହଚନ୍ଦ୍ର |
|---|---|

| | | |
|---|---|---|
| **ମେଷ** | : | ଚିନ୍ତା ବୃଦ୍ଧି ପାଇବ । |
| **ବୃଷ** | : | ପାରିବାରିକ କଳହ ଦେଖାଦେବ । |
| **ମିଥୁନ** | : | ଧନଲାଭ ଯୋଗ ରହିଛି । |
| **କର୍କଟ** | : | ସୁଖ ଖବର ପାଇବେ । |
| **ସିଂହ** | : | ଆୟ ଅପେକ୍ଷା ବ୍ୟୟ ବୃଦ୍ଧି ହେବ । |
| **କନ୍ୟା** | : | ବନ୍ଧୁଙ୍କ ସହ ମନାନ୍ତର ହୋଇପାରେ । |
| **ତୁଳା** | : | ବକେୟା ପଡ଼ିଥିବା ଅର୍ଥ ମିଳିବ । |
| **ବିଛା** | : | ଅର୍ଥ ଚିନ୍ତା ଲାଗି ରହିବ । |
| **ଧନୁ** | : | ଦିନଟି ଘାତ ପ୍ରତିଘାତ ମଧ୍ୟରେ କଟିବ । |
| **ମକର** | : | ଆଘାତ ଯୋଗ ରହିଛି । |
| **କୁମ୍ଭ** | : | ବକେୟା ପଡ଼ିଥିବା ଅର୍ଥ ଲାଭ ହେବ । |
| **ମୀନ** | : | ବନ୍ଧୁ ସହଯୋଗ ପାଇବେ । |

# ଗୋତମୁଣ୍ଡା-ଡାହିମାଲ ରାସ୍ତା କାମ ମନ୍ଥର : ଦୁର୍ଦ୍ଦଶା ଭୋଗୁଛନ୍ତି ଅଞ୍ଚଳବାସୀ



**୧୨।୧୧ : ଏକ୍ସପ୍ରେସ୍ ନ୍ୟୁଜ୍**

ଆଣ୍ଠେଇଛି ଗୋତମୁଣ୍ଡା ଡାହିମାଲ ରାସ୍ତା, ଗ୍ରାମ୍ୟ ଉନ୍ନୟନ ବିଭାଗର ଖାମଖିଆଲି ମନୋଭାବ ଯୋଗୁଁ ଦୁର୍ଦ୍ଦଶା ଭୋଗୁଛନ୍ତି ଦୁଇ ଜିଲ୍ଲାର ଅଞ୍ଚଳବାସୀ । ଦୁଇ ଜିଲ୍ଲା କଳାହାଣ୍ଡି ଓ ନବରଙ୍ଗପୁରକୁ ସଂଯୋଗ କରୁଥିବା ଗୋତମୁଣ୍ଡା ଡାହିମାଲ ରାସ୍ତା କାର୍ଯ୍ୟ ଅତି ମନ୍ଥର ଗତିଦେଇ ଚାଲୁଥିବାବେଳେ କାର୍ଯ୍ୟ ଶେଷ ଅବଧି ସରିବା ପରେ ମଧ ଅଧାରେ ଆଣ୍ଠେଇଛି ଏହି ରାସ୍ତା ନିର୍ମାଣ କାର୍ଯ୍ୟ, ଫଳରେ କଳାହାଣ୍ଡି ଓ ନବରଙ୍ଗପୁର ଜିଲ୍ଲାର ଜନସାଧାରଣ ମାନେ ଯାତାୟତରେ ଦୁର୍ଦ୍ଦଶା ଭୋଗୁଛନ୍ତି ।

ସୂଚନା ଅନୁସାରେ, ପୂର୍ବ ସରକାର ସମୟରେ ଦୁଇ ଜିଲ୍ଲାର ରାଜନେତାମାନେ କଳାହାଣ୍ଡି ଓ ନବରଙ୍ଗପୁର ଜିଲ୍ଲାକୁ ସଡ଼କ ପଥରେ ଯୋଡ଼ିବାକୁ ରାଜ୍ୟ ସରକାରଙ୍କ ନିକଟରେ ଦାବି ଉପସ୍ଥାପନ କରିଥିଲେ । କାରଣ ଏହି ଦୁଇ ଜିଲ୍ଲାର ସୀମାବର୍ତ୍ତୀ ଅଞ୍ଚଳରେ ବସବାସ କରୁଥିବା ଆଦିବାସୀ ଓ ଅନ୍ୟ ଜନଜାତି ଲୋକଙ୍କ ମଧ୍ୟରେ ଦଶନ୍ଧି ଦଶନ୍ଧି ଧରି ବନ୍ଧୁବାନ୍ଧବ ସମ୍ପର୍କ ରହିଛି । କଳାହାଣ୍ଡି ଜିଲ୍ଲାର ଧର୍ମଗଡ଼, ଦଣ୍ଡପାଟ, କୋକସରା, ଜୟପାଟଣା ଅଞ୍ଚଳର ନବରଙ୍ଗପୁର ଜିଲ୍ଲା ଝରିଗାଁ, ଚାନ୍ଦାହାଣ୍ଡି, ଉମରକୋଟ, ଡାବୁଗାଁ, ପାପଡ଼ାହାଣ୍ଡି ଅଞ୍ଚଳରେ ସାମାଜିକ, ବ୍ୟବସାୟିକ, ପାରମ୍ପରିକ ସମ୍ପର୍କ ରହିଛି । ଏହି ଦୁଇ ଜିଲ୍ଲାର ସମ୍ପର୍କର ସେତୁ ଏହି ରାସ୍ତା ନିର୍ମାଣ ପାଇଁ ରାଜ୍ୟ ସରକାର ନବରଙ୍ଗପୁର ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ବିଭାଗକୁ ୧୦କିମି ରାସ୍ତା ନିର୍ମାଣ କାର୍ଯ୍ୟ ପାଇଁ ସାହାଜଖୋଲ ଜଙ୍ଗଲର ଛାତି ଚିରି ବିଭାଗୀୟ ଅନୁଦାନ ୭କୋଟି ୫୧ଲକ୍ଷ ୩୨ହଜାର ମଞ୍ଜୁର ହୋଇଥିଲା ।

ତେବେ ଏ ମଧ୍ୟରେ ବିଭାଗୀୟ କାର୍ଯ୍ୟ ଅବଧି ସରିବା ପରେ ମଧ ଏହି ରାସ୍ତା ଅଧ ପନ୍ତରିଆ ଭାବେ ପଡ଼ି ରହିଛି । ଅନ୍ୟପଟେ କାର୍ଯ୍ୟାଦେଶ ମିଳିଥିବା ଠିକାସଂସ୍ଥା କାର୍ଯ୍ୟ ନିଜେ ନ କରି ଅନ୍ୟ ଜଣେ ଛାୟା ଠିକାଦାରକୁ ଦେଇଥିବାବେଳେ ରାସ୍ତା ନିର୍ମାଣରେ ଛାୟା ଠିକା ସଂସ୍ଥା କାର୍ଯ୍ୟ ସମ୍ପାଦନରେ ଅନିୟମିତତା କରୁଥିବା ଓ ବିଭାଗୀୟ ଅଧିକାରୀମାନେ ଠିକାସଂସ୍ଥାକୁ ଅନୁକମ୍ପା ଦେଖାଉଥିବା ନେଇ ଗୋତମୁଣ୍ଡା ଅଞ୍ଚଳର ଆଦିବାସୀ ନେତା ତଥା ଆମପାଣି ଜୋନ ଜିଲ୍ଲା ପରିଷଦ ସଭ୍ୟ ହେମନ୍ତ ମାଝୀ ସମେତ ପୂର୍ଣ୍ଣଚନ୍ଦ୍ର ନାଏକ, ରୋମାଞ୍ଚଲ ପୁଝାରି, ମୁକୁନ୍ଦ ନାଗେଶ, ନିରଞ୍ଜନ ବାଗ, ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟା ହେମାଙ୍ଗିନି ହଂସ, ଭବେଶ ଗଇନ୍ତା ପ୍ରମୁଖ ଅଭିଯୋଗ କରିଛନ୍ତି । ରାସ୍ତା ନିର୍ମାଣ ନେଇ ଅଞ୍ଚଳବାସୀ ଧର୍ମଗଡ଼ ବିଧାୟକ ସୁଧୀର ରଞ୍ଜନ ପାଟ୍ଟଯୋଶୀଙ୍କୁ ମଧ ନିକଟରେ ଅଭିଯୋଗ କରିଛନ୍ତି । ଦୁଇ ଜିଲ୍ଲାର ବୃହତ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଉଭୟ ଜିଲ୍ଲା ପ୍ରଶାସନ ତଥା ଗ୍ରାମ୍ୟ ଉନ୍ନୟନ ବିଭାଗ ଶୀଘ୍ର ଏହି ରାସ୍ତା ନିର୍ମାଣ ସମ୍ପାଦନ କରିବାକୁ ଦୁଇ ଜିଲ୍ଲାର ଅଞ୍ଚଳବାସୀ ଦାବି କରିଛନ୍ତି ।

## ନିମ୍ନମାନର କାର୍ଯ୍ୟ ପାଇଁ ଭୁଶୁଡିଲା ଡ୍ରେନ୍

**ବୈଶିଙ୍ଗା, ୧୨।୧୧ : ଏକ୍ସପ୍ରେସ୍ ନ୍ୟୁଜ୍**

ବୈଶିଙ୍ଗା ଉପକଣ୍ଠ ୧୮ନଂ ଜାତୀୟ ରାଜପଥର ଜରକା ଛକ ଠାରୁ ଦାମୋଦରପୁର ଛକ ପର୍ଯ୍ୟନ୍ତ ରାସ୍ତାର ଗୋଟିଏ ପାର୍ଶ୍ୱରେ ନିର୍ମାଣ ଚାଲିଥିବା ଡ୍ରେନ୍ କାର୍ଯ୍ୟ ଅତି ନିମ୍ନମାନର ହୋଇଥିବାରୁ ମଙ୍ଗଳବାର ସକାଳେ ୧୦/୧୨ ଫୁଟର ସ୍ଲାପ ଭୁଶୁଡି ପଡିବାରୁ ଅଳ୍ପକେ ଏକ ଦୁର୍ଘଟଣାରୁ ବର୍ତ୍ତି ଯାଇଛି ଏକ ମିନି ଟ୍ରକ୍ । କେନ୍ଦ୍ର ସରକାରଙ୍କ ରାଜପଥ ପ୍ରାଧିକରଣ ବିଭାଗ ଦ୍ୱାରା ନିର୍ମିତ ଏହି ଡ୍ରେନ୍ କାର୍ଯ୍ୟ ଦେଢ ବର୍ଷ ଧରି ଚାଲିଥିଲେ ମଧ ବାରମ୍ବାର ଅଭିଯୋଗ ସତ୍ତ୍ୱେ କାର୍ଯ୍ୟର



ଅଗ୍ରଗତି ହୋଇ ପାରୁନାହିଁ । ଏହି କାର୍ଯ୍ୟ ପାଇଁ ଟେଣ୍ଡର ନେଇଥିବା ଠିକାଦାର କଳା ତାଲିକାଭୁକ୍ତ ହୋଇଥିଲେ ମଧ ତାଙ୍କୁ ନିର୍ମାଣ କରିବା ପାଇଁ କିପରି ବିଭାଗୀୟ ଅଧିକାରୀ ଦାୟିତ୍ୱ ପ୍ରଦାନ କରିଲେ ତା' ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି । ଏହି ଡ୍ରେନ୍ ର ଧିମା ନିର୍ମାଣ ପାଇଁ ରବିବାର ଦିନ ନିକଟସ୍ଥ ବିବାହ ଭୋଜି ଖାଇବାକୁ ଆସି ଏହି ଡ୍ରେନ୍ ରେ ପଡି ଜଣଙ୍କର ଗୋଡ ଭାଙ୍ଗି ଯାଇଥିବା ଜଣାଯାଇଛି । ସେହିଭଳି ପୂର୍ବରୁ କେତେ ସାଇକେଲ ଓ ବାଇକ୍ ଆରୋହୀ ଏହି ଡ୍ରେନ୍‌ରେ ପଡି ଆହତ ହୋଇଥିବା ଖବର ପ୍ରକାଶିତ ହୋଇ ସାରିଛି ଛ ତେଣୁ ତୁରନ୍ତ ରାଜପଥ ପ୍ରଶାସନ ଏହି ଡ୍ରେନ୍ ନିର୍ମାଣରେ ସ୍ୱଚ୍ଛତା ଦିଗରେ ଗୁରୁତ୍ୱ ଦେବାକୁ ସାଧାରଣରେ ଦାବି ହେଉଛି ।

## ଗଞ୍ଜେଇ ଜବତ, ଡ୍ରାଇଭର ଫେରାର

**ବ୍ରହ୍ମପୁର, ୧୨।୧୧ : ଏକ୍ସପ୍ରେସ୍ ନ୍ୟୁଜ୍**

ବେଆଇନ ନିଶା କାରବାର ଉପରେ ଏକ ବଡ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି, ବ୍ରହ୍ମପୁର ଅବକାରୀ ବିଭାଗ ସ୍ଥାନୀୟ ବଡ଼ବଜାର ଥାନା ଅନ୍ତର୍ଗତ ଫାଷ୍ଟ ଗେଟ ଅଞ୍ଚଳରୁ ଏକ ସ୍କୋର୍ପିଓ ରୁ ୮୪ କିଲୋଗ୍ରାମ ଗଞ୍ଜେଇ ଜବତ କରିଛି । ଅବକାରୀ ବିଭାଗ ସୁପରିଣ୍ଟେଣ୍ଡେଣ୍ଟ୍ ପ୍ରବୀଣ କୁମାର ପ୍ରଧାନଙ୍କ ତତ୍ତ୍ୱାବଧାନରେ ଏକ ପାଟ୍ରୋଲିଂ ଦଳ ଏକ ସ୍କର୍ପିଓ ଭ୍ୟାନ୍ (ଗାଡ଼ି ନଂ.ଓ ଡି ୩୩ଏ ଏଚ–୨୭୫୮) କୁ ଅଟକାଇ ସମ୍ପୂର୍ଣ୍ଣ ଯାଞ୍ଚ କରିଥିଲା । ଯାଞ୍ଚ ସମୟରେ, ଅଧିକାରୀମାନେ ସ୍କର୍ପିଓରେ ରଖାଯାଇଥିବା ୪ଟି ଧଳା ବସ୍ତା ପାଇଥିଲେ । ପ୍ରତ୍ୟେକ ବସ୍ତାରେ ପ୍ରାୟ ୨୧ କିଲୋଗ୍ରାମ ଲେଖାଏଁ ଗଞ୍ଜେଇ ଥିଲା । ଯାହାର ପରିମାଣ ୮୪ କିଲୋଗ୍ରାମଛ ସ୍କୋପିଓରୁ ଏକ ପୋକ ସ୍ମାର୍ଟ ମୋବାଇଲ ଫୋନ ଜବତ କରାଯାଇଥିବାବେଳେ ସ୍କର୍ପିଓ ଛାଡି ଡ୍ରାଇଭର ଘଟଣା ସ୍ଥଳରୁ ଫେରାର ହୋଇଯାଇଥିବା ଅବକାରୀ ବିଭାଗ ପକ୍ଷରୁ କୁହାଯାଇଛି । ଜବତ ସମ୍ପର୍କରେ ପି.ଆର. ନଂ. ୧୩୫/୨୫–୨୬ ଅନୁଯାୟୀ ଏକ ମାମଲା ରୁଜୁ କରାଯାଇଛି । ଏସଆଇ ସୁଶ୍ରୀ ସଂଗୀତା ମହାପାତ୍ର, ବ୍ରହ୍ମପୁର ଅବକାରୀ ନଂ(୨), ଏଏସଆଇ ଅଜୟ କୁମାର ସାହୁ, ସନ୍ତୋଷ କୁମାର ପାଢ଼ୀ, ଇ/ସି ମନୋରଞ୍ଜନ ମହାପାତ୍ର, ସରୋଜ କୁମାର ପରିଡ଼ା ଓ ଅବକାରୀ କନେଷ୍ଟବାଲ ବବୁଲ ମୁଦୁଲି ପ୍ରମୁଖ ଏହି ଚଢଉରେ ଅଂଶ ଗ୍ରହଣ କରିଥିଲେ ।

## ଆମ ବସ ସେବା ପ୍ରତି ଜନସାଧାରଣଙ୍କ ଆଗ୍ରହ ବୃଦ୍ଧି



**ଖଣ୍ଡପଡ଼ା, ୧୨।୧୧ : ଏକ୍ସପ୍ରେସ୍ ନ୍ୟୁଜ୍**

ସହରାଞ୍ଚଳରୁ ଗ୍ରାମାଞ୍ଚଳକୁ ଯାତାୟତ କରୁଥିବା ଆମ ବସ ସେବା ପ୍ରତି ଖଣ୍ଡପଡ଼ା ବ୍ଲକ ଅଞ୍ଚଳର ଜନସାଧାରଣଙ୍କ ଆଗ୍ରହ ସମୟାନୁକ୍ରମେ ବୃଦ୍ଧି ପାଇବାରେ ଲାଗିଥିବା ଜଣାପଡିଛି । ଦୈନିକ ଆମ ବସ ସେବା ଯୋଗେ ସୁଲଭ ମୂଲ୍ୟରେ ଯାତାୟତ କରୁଥିବା ଜନସାଧାରଣଙ୍କ ଠାରୁ ଆରମ୍ଭ କରି ଛାତ୍ରଛାତ୍ରୀମାନେ ଏ ନେଇ ଖୁସି ପ୍ରକଟ କରିଛନ୍ତି । ପ୍ରକାଶଥାଉକି ଏକଦା ଘରୋଇ ଯାତ୍ରୀବାହୀ ବସ ଯୋଗେ ଯାତାୟତ କରୁଥିବା ଛାତ୍ରଛାତ୍ରୀଙ୍କ ଠାରୁ ଆରମ୍ଭ କରି ଯାତ୍ରୀମାନେ ଶୋଷଣର ଶିକାର ହେଉଥିଲେ । ମୋ ବସ ସେବା ଉପଲବ୍ଧ ହେବା ପରେ ଅଞ୍ଚଳବାସୀ ବେଶ ଉପକୃତ ହେଉଥିବା ଜଣାପଡିଛି । ବିଭିନ୍ନ ସ୍ଥାନରେ ଦୀର୍ଘ ସମୟ ଧରି ଅପେକ୍ଷା କରି ମୋ ବସ ଯୋଗେ ଜନସାଧାରଣ ଯାତାୟତ କରୁଥିବା ନଜରକୁ ଆସୁଛ । ତେବେ ଆଜକୁ ବର୍ଷକ ତଳେ ଭାପୁର ବ୍ଲକ ଅଞ୍ଚଳରୁ ଖଣ୍ଡପଡ଼ା ଦେଇ ନୟାଗଡ ସହରକୁ ଯାତାୟତ କରୁଥିବା ଶୀତତାପ ନିୟନ୍ତ୍ରିତ ମୋ ବସ ସେବା କେତେକ ଘରୋଇ ଯାତ୍ରୀବାହି ବସ ମାଲିକଙ୍କ ଦୌରାତ୍ମ୍ୟ ଯୋଗୁଁ ବନ୍ଦ ହୋଇଯାଇଥିବାରୁ ଖଣ୍ଡପଡ଼ା ନିର୍ବାଚନମଣ୍ଡଳୀବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି । ଉକ୍ତ ମୋ ବସ ସେବା ପୁର୍ନବାର ପ୍ରଚଳନ ନିମନ୍ତେ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ, ଜିଲ୍ଲାପ୍ରଶାସନ ଓ ଖଣ୍ଡପଡ଼ା ବିଧାୟକ ଦୃଷ୍ଟି ଦେବାକୁ ଦାବି ହେଉଛି ।

## ନୁର୍ତାଙ୍ଗ –ଜଁକୋଟୀ ରାସ୍ତା କାର୍ଯ୍ୟ ନ ସରୁଣୁ ନଦୀର ପଥର ପ୍ୟାକିଂ ଧସିଲା

# ଧସିବାର ଦୁଇ ମାସ ପରେ ବି ହେଉନି କାର୍ଯ୍ୟ : ଗାଁକୁ ବିପଦ

**ମାହାଙ୍ଗା, ୧୨।୧୧**
**ଏକ୍ସପ୍ରେସ୍ ନ୍ୟୁଜ୍**

ମାହାଙ୍ଗା ବ୍ଲକ ଅନ୍ତର୍ଗତ ଆନନ୍ଦପୁର ପଂଚାୟତସ୍ଥିତ ନୁର୍ତାଙ୍ଗ –ଜଁକୋଟୀ ଠାରେ ଗ୍ରାମ୍ୟ ଉନ୍ନୟନ ରାସ୍ତା କାର୍ଯ୍ୟ ଅଧପନ୍ତାରିଆ ହୋଇ ପଡିଥିବାବେଳେ ଏଠାରେ ଶୁକ ନଦୀ ଢୋଲ ପୋଲ ନିକଟ ଦକ୍ଷିଣ ପାର୍ଶ୍ୱରେ ପ୍ରାୟ ୨୦୦ ମିଟର ପଥର ପ୍ୟାକିଙ୍ଗ କାର୍ଯ୍ୟ ସରିଥିବାବେଳେ ଦୁଇ ମାସ ତଳେ ଏହା ଧସେଇ ଯାଇ ନଦୀରେ ଲୀନ ହେବାକୁ ବସିଲାଣି । ପ୍ରକାଶ ଯେ, ୩୦୦ ମିଟର ଏହି ରାସ୍ତା ଓ ପଥର ପ୍ୟାକିଙ୍ଗ କାର୍ଯ୍ୟ ପାଇଁ କୋଟି କୋଟି ଟଙ୍କା ଟେଣ୍ଡର କରାଯାଇ ଜୈନିକ ଠିକାଦାର ଏହି ରାସ୍ତା କରୁଥିଲେ । କିନ୍ତୁ ଏହି ରାସ୍ତା କାର୍ଯ୍ୟ ଅର୍ଦ୍ଧନିର୍ମିତ ଅବସ୍ଥାରେ ଥିବାବେଳେ ନିମ୍ନମାନର କାମ ଯୋଗୁ ୪ ଥର ଶୁକ ନଦୀ ଗର୍ଭରେ ଲୀନ ହୋଇଯାଉଛି । ଯେଉଁ ସମୟରେ ଏହି ରାସ୍ତା କାର୍ଯ୍ୟ କରାଯାଉଛି ସେହି ସମୟରେ



ବିଭାଗୀୟ ଯନ୍ତ୍ରୀ ଉପସ୍ଥିତ ରହୁନଥିବାରୁ ଠିକାଦାର ମନମୁଖି କାର୍ଯ୍ୟ କରୁଛନ୍ତି । ଯାହା ଫଳରେ ପ୍ରତି ବର୍ଷ ଏହି ରାସ୍ତା କାର୍ଯ୍ୟ ପାଇଁ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରାଯାଉଥିଲେ ମଧ ସୁଫଳ ମିଳିପାରୁନାହିଁ ବୋଲି ଅଂଚଳବାସୀ ଅଭିଯୋଗ କରିଛନ୍ତି । ଏହି ରାସ୍ତା ଦେଇ ପ୍ରତ୍ୟହ ଶହ ଶହ ଲୋକ ବ୍ଲକ, ତହସିଲ, ଥାନା, ବ୍ୟାଙ୍କ, ଡାକଘର, ମହାବିଦ୍ୟାଳୟ, ସ୍କୁଲ ଓ ପ୍ରତିଷ୍ଠିତ ବ୍ୟବସାୟ କେନ୍ଦ୍ର ବାଲିଚନ୍ଦ୍ରପୁର ଓ ତ୍ରିବେଣୀଶ୍ୱରକୁ ଯାତାୟତ କରିଥାନ୍ତି । କିନ୍ତୁ ବର୍ତ୍ତମାନ ଏହି ରାସ୍ତା ବିପଦପୂର୍ଣ୍ଣ ଅବସ୍ଥାରେ ରହିଅଛି । କେତେବେଳେ ଯେ ଅଘଟଣ ନ ଘଟିବ କେହି କହିପାରିବେ ନାହିଁ । ଯେଉଁଥି ପାଇଁ ପ୍ରଶାସନ ଦାୟି ରହିବେ । ଅପରପକ୍ଷେ ପଥର ପ୍ୟାକିଙ୍ଗ କାର୍ଯ୍ୟ, ଧସିଥିବାରୁ ରାସ୍ତା ଅଧା ଖାଇ ଯାଇଥିବା ଦ୍ୱାରା ଏହା କେତେବେଳେ ସଂପୁର୍ଣ୍ଣ ଧସି ଯାଇ ଗାଁ କୁ ପାଣି ପଶିବାର ଯଥେଷ୍ଟ ସମ୍ଭବନା ରହିଛି । ଯାହାକି କେତେବେଳେ ଧନଜୀବନ ନଷ୍ଟ ହେବ ବୋଲି ଅନୁମେୟ । ଫଳରେ ସ୍ଥାନୀୟ ଅଂଚଳବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି । ତେଣୁ ଜନସାଧାରଣଙ୍କ ବୃହତ ସ୍ୱାର୍ଥ ଦୃଷ୍ଟିରୁ ତୁରନ୍ତ ଏହି ରାସ୍ତା ମରାମତି ଏବଂ ଧସେଇ ଯାଇଥିବା ପଥର ପ୍ୟାକିଙ୍ଗ କାର୍ଯ୍ୟ କରାଯିବା ପାଇଁ ସାଧାରଣରେ ଦାବୀ ହେଉଛି । ଏଭଳି କାର୍ଯ୍ୟ କରୁଥିବା ଠିକାଦାର ଓ ଦାୟିତ୍ୱରେ ଥିବା ଯନ୍ତ୍ରୀଙ୍କ ବିରୁଦ୍ଧରେ ତଦନ୍ତ କରି ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ବୋଲି ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି । ତେଣୁ ବିଭାଗୀୟ ମନ୍ତ୍ରୀ ଓ ସ୍ଥାନୀୟ ବିଧାୟକ ଏବଂ ଜିଲ୍ଲାପାଳ ସ୍ୱତନ୍ତ୍ର ଦୃଷ୍ଟି ଦେଇ ଏହାର ଏକ ଉଚ୍ଚସ୍ତରୀୟ ତଦନ୍ତ କରାଇବା ସହ ତୁରନ୍ତ ରାସ୍ତା ମରାମତି କାର୍ଯ୍ୟ କରିବା ପାଇଁ ସ୍ଥାନୀୟ ଲୋକେ ନିବେଦନ କରିଛନ୍ତି ।

## ବାଣ ବିସ୍ଫୋରଣରେ ମହିଳା ଗୁରୁତର

**ନିଶ୍ଚିନ୍ତକୋଇଲି, ୧୨।୧୧ : ଏକ୍ସପ୍ରେସ୍ ନ୍ୟୁଜ୍**

ନିଶ୍ଚିନ୍ତକୋଇଲି ବ୍ଲକ ନତକାଇ ଗ୍ରାମରେ ବାଣ ବିସ୍ଫୋରଣଛ ଫଳରେ ଜଣେ ମହିଳା ଗୁରୁତର । ଗୁରୁତର ମହିଳା ଜଣକ ୩୩ ବର୍ଷୀୟ ପ୍ରଭାସିନୀ ମଳିକ ବୋଲି ଜଣାପଡିଛି । ସୂଚନା ମୁତାବକ, କଟକ ନତକାଇ ଗ୍ରାମର ଜଣାଶୁଣା ବାଣ କାରିଗର ଭାଗ୍ୟଧର ମଳିକଙ୍କ ଘରେ ଆଜି ମଧ୍ୟାହ୍ନରେ ଆକସ୍ମିକ ଭାବେ ବାଣ ବିସ୍ଫୋରଣ ଘଟିଥିଲା । ଯେଉଁଥିରେ ପ୍ରଭାସିନୀ ମଳିକ ଗୁରୁତର ଭାବେ ଆହତ ହୋଇଥିଲେ । ଏନେଇ ତାଙ୍କୁ ସଂକଟପନ୍ନ ଅବସ୍ଥାରେ ସ୍ଥାନୀୟଲୋକ ଉଦ୍ଧାର କରି ନିଶ୍ଚିନ୍ତକୋଇଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ । ହେଲେ ଅବସ୍ଥା ସଂକଟାପନ୍ନ ଥିବାରୁ ତାଙ୍କୁ କଟକ ବଡ ଡାକ୍ତରଖାନାକୁ ସ୍ଥାନାନ୍ତରିତ କରାଯାଇଛି । ତାଙ୍କ ଦେହର ୭୫ ଭାଗ ପୋଡ଼ିଯାଇଥିବା ବେଳେ ତାଙ୍କ ଘରଟି ସମ୍ପୂର୍ଣ୍ଣ ପୋଡ଼ିଯାଇଛି । ନିଶ୍ଚିନ୍ତକୋଇଲି ଦମକଳ ବାହିନୀର କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଛନ୍ତି ।

## ଗଞ୍ଜେଇ ଜବତ, ୨ ଗିରଫ

**ବୁଗୁଡ଼ା, ୧୨।୧୧**
**ଏକ୍ସପ୍ରେସ୍ ନ୍ୟୁଜ୍**

ସ୍ଥାନୀୟ ଅବକାରୀ ବିଭାଗ ତରଫରୁ ଚଢାଉ କରାଯାଇ ବାଲିପଦରଠାରେ ୨ ଜଣ ଗଞ୍ଜେଇ ବେପାରୀଙ୍କୁ ଗିରଫ କରି ସେମାନଙ୍କଠାରୁ ୬ କେଜି ଗଞ୍ଜେଇ ଓ ସ୍କୁଟି ଜବତ କରାଯାଇଥିବା ଜଣାଯାଇଛି । ଗିରଫ ବେପାରୀ ଦ୍ୱୟ ହେଲେ କେ.ନୂଆଗାଁ ଥାନା ଅନ୍ତର୍ଗତ ବାଲିପଦରର ବିପିନ ମଲ୍ଲିକ ଓ ବାଲିଗୁଡ଼ା ଥାନା ଅନ୍ତର୍ଗତ ଦିଗପୋଡି ଗ୍ରାମର ଶଙ୍କର ଦିଗାଲ । ଏ ନେଇ ବୁଗୁଡା ଅବକାରୀ ଥାନାରେ କେସ୍ ନଂ ୧୦୬/୨୫–୨୬ରେ ଏକ ମାମଲା ରୁଜୁ କରାଯାଇଥିବା ନେଇ ଅବକାରୀ ଥାନା ଅଧିକାରୀ ଜ୍ୟୋତି ରଞ୍ଜନ ସେନାପତିଙ୍କଠାରୁ ପ୍ରକାଶ ପାଇଛି । ପ୍ରକାଶ ଯେ, ସମ୍ପୃକ୍ତ ବେପାରୀ ଦ୍ୱୟ କନ୍ଧମାଳରୁ ଗଞ୍ଜେଇ ଧରି ନୟାଗଡ ଯାଉଥିବା ବେଳେ କୌଣସି ସୂତ୍ରରୁ ଖବର ପାଇ ବୁଗୁଡ଼ା ଅବକାରୀ ଦଳ ବୁଗୁଡା ଥାନା ଅନ୍ତର୍ଗତ ବାଲିପଦର ଗ୍ରାମଠାରେ ସେମାନଙ୍କୁ କାବୁ କରି ଗିରଫ ସହ କୋର୍ଟ ଚାଲାଣ କରିଥିଲେ ।

## ଗୋଠ ଛଡ଼ା ଦନ୍ତା ଉତ୍ପାତ, ଭାଙ୍ଗିଲା ଘର

**ରାଉରକେଲା, ୧୨।୧୧ : ଏକ୍ସପ୍ରେସ୍ ନ୍ୟୁଜ୍**

ରାଉରକେଲାର କୋଏଲ ନଗର ଅଞ୍ଚଳରେ ଜଣେ ବୃଦ୍ଧାଙ୍କୁ କଚାଡି ମାରିଥିଲା ଗୋଠଛଡ଼ା ଦନ୍ତା । ବନବିଭାଗ ହାତୀକୁ ଘଉଡ଼ାଇବା ପରେ ସେ କୋଏଲ ନଦୀ ପାରି ହୋଇ କୁଆଁରମୁଣ୍ଡାର ରିଡ଼ଁ ଜଙ୍ଗଲକୁ ଚାଲି ଯାଇଥିଲା । ବନ କର୍ମଚାରୀ ହାତୀକୁ ଘଉଡାଇବାରୁ ସେ ନଦୀ ପାରି ହୋଇ ଜବାପାନପୋଷରେ ପହଞ୍ଚିଥିଲା । ସେଠାରେ ଦୁଇଟି ଘର ଭାଙ୍ଗିବା ସହ ଚାଷ ଜମିରେ ଫସଲ ନଷ୍ଟ କରି ଲାଠିକଟା ବ୍ଲକ ହାତୀବନ୍ଧା ପଞ୍ଚାୟତର ସୋନାପର୍ବତ ଜଙ୍ଗଲରେ ଆଜି ସକାଳେ ପହଞ୍ଚିଛି । ହାତୀ ଉପରେ ବନ କର୍ମଚାରୀ ନଜର ରଖିଛନ୍ତି ।

# ଏନ୍‌ଏସିର କଡା ପଦକ୍ଷେପ, ଫସଲ ଖିଆ ଗାଈଗୋରୁ ଅଟକ

**ବୁଗୁଡ଼ା, ୧୨।୧୧ : ଏକ୍ସପ୍ରେସ୍ ନ୍ୟୁଜ୍**

ସମ୍ପ୍ରତି ବୁଲା ଗାଈଗୋରୁଙ୍କ ଯୋଗୁଁ ବୁଗୁଡା ସହରର ଟ୍ରାଫିକ ବ୍ୟବସ୍ଥା ଭୁଶୁଡି ପଡିଥିବା ବେଳେ ସେମାନଙ୍କ ପ୍ରାଦୁର୍ଭାବ ଯୋଗୁଁ ଚାଷୀଙ୍କ ଫସଲ ହାନି ମଧ ଘଟୁଛି । ବୁଲା ଗାଈଗୋରୁ ପଲ ରାତିରେ ଲୋକଙ୍କ କ୍ଷେତରେ ପଶି ଫସଲ ଖାଇବା ସହ ନଷ୍ଟ କରୁଛନ୍ତି । ଚାଷୀ ରାତିରେ ନିଜର ଫସଲକୁ ଜଗିବାକୁ ଯାଇ ଅନିଦ୍ରା ହେବାକୁ ପଡୁଛ । ଏଥିରୁ ବର୍ତ୍ତିବା ପାଇଁ ଚାଷୀମାନେ ମିଳିତ ହୋଇ ଫସଲ ହାନି କରୁଥିବା ଗାଈଗୋରୁଙ୍କୁ ଆଣି ସ୍ଥାନୀୟ ବାଗଦେବୀଙ୍କ ମନ୍ଦିର ପରିସରରେ ଅଟକାଇ ରଖି ଗତ ନଭେମ୍ବର ୧ ତାରିଖରେ ଏନ୍‌ଏସି କାର୍ଯ୍ୟାଳୟ କର୍ତ୍ତୃପକ୍ଷଙ୍କୁ ଅବଗତ କରାଇ ଏହାର ପ୍ରତିକାର ବ୍ୟବସ୍ଥା ପାଇଁ ଦାବି କରିଥିଲେ । ଅନ୍ୟପକ୍ଷରେ ମନ୍ଦିର ପରିସରରେ ଅଟକ ଥିବା ଗାଈଗୋରୁ ଯୋଗୁଁ ପୁଣ୍ୟ ମାସ



କାର୍ତ୍ତିକରେ ମନ୍ଦିରକୁ ଯାଉଥିବା ଭକ୍ତଙ୍କୁ ମଧ ଅନେକ ସମସ୍ୟାର ସମ୍ମୁଖୀନ ହେବାକୁ ପଡିବାରୁ ସେଗୁଡିକୁ ମୁକ୍ତ କରାଯିବା ସହ ସଚେତନ ପରେ ବୁଲା ଗାଈଗୋରୁଙ୍କୁ ଅଟକ ରଖାଯାଇ ସମ୍ପୃକ୍ତ ଗାଈଗୋରୁଙ୍କ ମାଲିକମାନଙ୍କ ଉପରେ ନିଶ୍ଚିତ ଭାବେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କାର୍ଯ୍ୟନିର୍ବାହୀ ଅଧିକାରୀ ବିଭୁତି ଭୂଷଣ ବେହେରାଙ୍କଠାରୁ ପ୍ରତିଶ୍ରୁତି ମିଳିଥିଲା । ଏହାପରେ ଏନ୍‌ଏସି ପକ୍ଷରୁ ଗାଈଗୋରୁଙ୍କୁ ବାହାରକୁ ଛାଡିବାକୁ ଅମାନିଆ ଗୋପାଳକଙ୍କୁ ଡାକବାଜି ଯନ୍ତ୍ର ଯୋଗେ ସଚେତନ ଓ ସତର୍କ କରାଯିବା ସତ୍ତ୍ୱେ କୌଣସି ପ୍ରଭାବ ପଡିନଥିଲା । ଫଳରେ ଫସଲ ହାନିକାରକ ଗାଈଗୋରୁଙ୍କୁ ଚାଷୀମାନେ ପୁଣି ବାଗଦେବୀ ମନ୍ଦିର ପରିସରରେ ଅଟକ ରଖି ଅବଗତ କରାଇବା ପରେ ଏନ୍‌ଏସି ପ୍ରଶାସନ ପକ୍ଷରୁ କଡା ପଦକ୍ଷେପ ଗ୍ରହଣ କରାଯାଇଛି । ଗୋପାଳମାନଙ୍କଠାରୁ ପ୍ରତି ପ୍ରାଣୀ ପିଛା ୧ ହଜାର ଟଙ୍କା ଲେଖାଏଁ ଦଣ୍ଡ ଆଦାୟ କରାଯାଇ ମୁକ୍ତ କରାଯାଇଥିଲା ବେଳେ ଯେଉଁ ଗୋପାଳକମାନେ ସେମାନଙ୍କ ଗାଈଗୋରୁ ନେଇନଥିଲେ ସେଗୁଡିକୁ ଟ୍ରକରେ ବୋଝେଇ କରି କରଚୁଲି ଗ୍ରାମସ୍ଥ ଗୋଶାଳାକୁ ପଠାଇ ଦିଆଯାଇଥିଲା । ତେବେ ଏନ୍‌ଏସି ପ୍ରଶାସନର ପ୍ରଶାସନର ଏତାଦୃଶ ପଦକ୍ଷେପକୁ ବିଭିନ୍ନ ମହଲରେ ସ୍ୱାଗତ କରାଯାଇଥିବା ଜଣାଯାଇଛି ।

## କେନାଲକୁ ଡେଇଁ ଯୁବତୀ ନିଖୋଜ

**ଜଗତସିଂହପୁର, ୧୨।୧୧ : ଏକ୍ସପ୍ରେସ୍ ନ୍ୟୁଜ୍**

ପୋଲ ଉପରୁ କେନାଲକୁ ଡେଇଁ ଯୁବତୀ ନିଖୋଜ । ଏଭଳି ଘଟଣା ଦେଖିବାକୁ ମିଳିଛି ତିର୍ତ୍ତୋଲ ଥାନା ବାଲିପାଟଣା ନିକଟ ତାଳଦଣ୍ଡା କେନାଲ ନିକଟରେ । ଜଣେ ଯୁବତୀ କେନାଲରୁ ଡେଇଁ ନିଖୋଜ ହୋଇଯାଇଛନ୍ତି । ଯୁବତୀ ଜଣକ ବାଲିପାଟଣା ଗାଁର ବୋଲି ଜଣାପଡିଛି । ତେବେ କେନାଲକୁ ଡେଇଁବାର କାରଣ ବର୍ତ୍ତମାନ ପର୍ଯ୍ୟନ୍ତ ଜଣାପଡିନାହିଁ । ଖବର ପାଇ ଅଗ୍ନିଶମବାହିନୀ କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ଖୋଜାଖୋଜି ଜାରି ରଖିଛନ୍ତି ।

## ମହିଳାଙ୍କୁ ପନିକିରେ ହାଣିଲେ ପଡ଼ୋଶୀ

**ପୁରୁଷୋତ୍ତମପୁର, ୧୨।୧୧**
**ଏକ୍ସପ୍ରେସ୍ ନ୍ୟୁଜ୍**

ଗଞ୍ଜାମ ଜିଲା ପୁରୁଷୋତ୍ତମପୁର ଥାନା ଅନ୍ତର୍ଗତ ବେଢ଼ ଦେଉଳପଲ୍ଲୀ ଗାଁରେ ଏକ ଅଭାବନୀୟ ଘଟଣା ଘଟିଛି । ଜମିଜମା ସମ୍ବନ୍ଧୀୟ ପୂର୍ବ ଶତ୍ରୁତାକୁ ନେଇ ମଙ୍ଗଳବାର ରାତିରେ କୁନି ମହାନ୍ତି ନାମକ ମହିଳାଙ୍କୁ ତାଙ୍କ ପଡ଼ୋଶୀ ପନିକିରେ ହାଣି ପକାଇଛନ୍ତି । ତାଙ୍କୁ ଚିକିତ୍ସା ଲାଗି ପୁରୁଷୋତ୍ତମପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଅଣାଯାଇଥିବା ବେଳେ ଅବସ୍ଥା ଗୁରୁତର ରହିଥିବାରୁ ବ୍ରହ୍ମପୁର ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି । ଖବରପାଇ ପୋଲିସ ଘଟଣାସ୍ଥଳକୁ ଯାଇ ତଦନ୍ତ କରିବା ସହ ଜଣଙ୍କୁ ଆଣି ପଚରାଉଚରା କରୁଛି ।

# ହୀରାକୁଦ ଜଳଭଣ୍ଡାରରେ ଅତିରିକ୍ତ ସ୍ପିଲୱେ ନିର୍ମାଣକୁ ନେଇ ଅନିଶ୍ଚିତତା

**ସମ୍ବଲପୁର, ୧୨।୧୧**
**ଏକ୍ସପ୍ରେସ୍ ନ୍ୟୁଜ୍**

ହୀରାକୁଦ ଜଳଭଣ୍ଡାରରେ ଅତିରିକ୍ତ ସ୍ପିଲୱେ ନିର୍ମାଣକୁ ନେଇ ଅନିଶ୍ଚିତତା ଲାଗି ରହିଛି । ବହୁଦିନର ବ୍ୟବଧାନ ପରେ ଗତ ମାର୍ଚ୍ଚ ମାସରେ ବିଶ୍ୱବ୍ୟାଙ୍କ ଓ କେନ୍ଦ୍ର ଜଳ ଆୟୋଗର ପ୍ରତିନିଧି ଦଳ ସମ୍ବଲପୁର ଆସି ହୀରାକୁଦ ଜଳଭଣ୍ଡାରର ବାମ ଓ ଡାହାଣ ଡାଇକ୍, ମୁଖ୍ୟବନ୍ଧ ଅଞ୍ଚଳ ବୁଲିବା ସହିତ ଅତିରିକ୍ତ ସ୍ପିଲୱେ ନିର୍ମାଣସ୍ଥଳ ନିରୀକ୍ଷଣ କରିଥିଲେ । ପ୍ରତିନିଧି ଦଳର ସକାରାତ୍ମକ ଆଭିମୁଖ୍ୟ ସବୁ ମହଲରେ ଅତିରିକ୍ତ ସ୍ପିଲୱେ ନିର୍ମାଣ ନେଇ ଆଶା ସଂଚାର କରିଥିଲ । ତେବେ ୭ ମାସ ଅତିକ୍ରାନ୍ତ ହେବା ପରେ ବି ଏଦିଗରେ ସାମାନ୍ୟତମ ଅଗ୍ରଗତି ଘଟିନାହିଁ ।

୧୯୯୭ ମସିହାରେ କେନ୍ଦ୍ର ଜଳ ଆୟୋଗ ଓ ରାଜ୍ୟ ସରାକର ମିଳିତ ଭାବେ ମହାନଦୀରେ ସମ୍ଭାବ୍ୟ ସର୍ବାଧିକ ବନ୍ୟା (ପିଏମ୍‌ଏଫ୍) ସଂପର୍କରେ ଆକଳନ କରିଥିଲେ । ହୀରାକୁଦ ଜଳଭଣ୍ଡାରରକୁ ଏକ ସଙ୍ଗରେ ୨୪.୫୦ ଲକ୍ଷ କ୍ୟୁସେକ୍ ବନ୍ୟାଜଳ ପ୍ରବେଶ ଆଶଙ୍କା ଥିବା ଏହି ଆକଳନରୁ ଜଣାପଡ଼ିଥିଲ । ବର୍ତ୍ତମାନର ବ୍ୟବସ୍ଥାରେ ଏକସଙ୍ଗରେ ହୀରାକୁଦ ଜଳଭଣ୍ଡାରରୁ ସର୍ବାଧିକ ୧୫ଲକ୍ଷ କ୍ୟୁସେକ ବନ୍ୟାଜଳ ନିଷ୍କାସନ ବ୍ୟବସ୍ଥା ଥିବାବେଳେ ତାକୁ ୨୫ ଲକ୍ଷ କୁସେକ ପର୍ଯ୍ୟନ୍ତ ବାଢ଼ଇବା ପାଇଁ ଅତିରିକ୍ତ ସ୍ପିଲୱେ ନିର୍ମାଣ ନିମନ୍ତେ ପ୍ରସ୍ତାବ ଦିଆଯାଇଥିଲା । ମହାନଦୀର ଉପର ମୁଣ୍ଡରେ ଛତିଶଗଡ଼ ସରକାରଙ୍କ ଅନେକ ବ୍ୟାରେଜ୍ ନିର୍ମାଣ ଓ ନିଜ ରାଜ୍ୟର ସୁରକ୍ଷା ପାଇଁ ମନଇଚ୍ଛା ବର୍ଷାଜଳ ନିଷ୍କାସନ ଦୃଷ୍ଟିରୁ ହୀରାକୁଦ ଜଳଭଣ୍ଡାର ପାଇଁ ବିପଦ ବଢ଼ିଛି । ଏଣୁ, କେନ୍ଦ୍ର ଜଳ ଆୟୋଗ ଓ ବିଶ୍ୱବ୍ୟାଙ୍କ ସହଯୋଗରେ ରାଜ୍ୟ ସରକାରଙ୍କ



ଦ୍ୱାରା ଅତିରିକ୍ତ ସ୍ପିଲୱେ ନିର୍ମାଣ ପାଇଁ ରାଜ୍ୟ ସରକାର ୨୦୧୮ ମସିହାରେ ନୂଆ କରି ସ୍ପିଲୱେ ଡିଭିଜନ୍ ଖୋଲିଥିଲେ । ପ୍ରାଥମିକତା ଭିତ୍ତିରେ ଟେଣ୍ଡର ଆହ୍ୱାନ ବି କରାଯାଇଥିଲା ।

୩୬୯.୫୩ କୋଟି ଟଙ୍କାରେ ଟେଣ୍ଡର ହାତେଇଥିବା ଟାଟା ଇନ୍‌ଫ୍ରା ପ୍ରୋଜେକ୍ଟ ଲିମିଟେଡ୍ କିନ୍ତୁ ମାତ୍ର ୧୨ କୋଟି ଟଙ୍କାର କାମ କରିବା ପରେ ଜମି ହସ୍ତାନ୍ତର ପ୍ରକ୍ରିୟା ବିଳମ୍ବ ହେବାର ଆଳ ଦେଖାଇ ୨୦୨୦ ମସିହାରେ ଏହି ପ୍ରକଳ୍ପରୁ ଓହରି ଯାଇଥିଲାଛ ଏହାପରେ ଜଳସମ୍ପଦ ବିଭାଗ ସିଧାସଳଖ ଟେଣ୍ଡର ନଡାକି ନଭେମ୍ବର ୨୦୨୧ରେ ଓଡ଼ିଶା ନିର୍ମାଣ ନିଗମ (ଓସିସି)କୁ ଅତିରିକ୍ତ ସ୍ପିଲୱେ ନିର୍ମାଣ ଦାୟିତ୍ୱ ନ୍ୟସ୍ତ କରିଥିଲା । ପ୍ରକଳ୍ପ କାମ ବିଳମ୍ବ ହେବା ଓ ର୍ନିମାଣ ଖର୍ଚ୍ଚ ବୃଥିବାରୁ ବ୍ୟୟ ଅଟକଳ ୩୬୯.୫୩ କୋଟି ଟଙ୍କାରୁ ବି ୬୨୪.୩୮ କୋଟି ଟଙ୍କାରେ ପହଞ୍ଚି ଥିଲା । ମାଟି କେନାଲ ଜାଗାରେ ସିମେଣ୍ଟ କଂକ୍ରିଟ କେନାଲ ନିର୍ମାଣ ପ୍ରସ୍ତାବ ରଖାଯାଇଥିଲା । ପରବର୍ତ୍ତୀ ସମୟରେ ଏହି ବ୍ୟୟ ଅଟକଳ ୭୮୬ କୋଟି ଟଙ୍କାକୁ ବୃଦ୍ଧି କରାଯାଇଥିଲା । ତେବେ, ବିଶ୍ୱବ୍ୟାଙ୍କ ଓ କେନ୍ଦ୍ର ଜଳ ଆୟୋଗ ଟିମ୍‌ର ଗସ୍ତ ସମୟରେ ଏହି ବ୍ୟୟ ଅଟକଳ ୮୮୪ କୋଟି ଟଙ୍କାକୁ ବୃଦ୍ଧି ପାଇଥିଲାଛ ଇତିମଧ୍ୟରେ ଏହି ପ୍ରକଳ୍ପ ନିର୍ମାଣ କାମ ବନ୍ଦ ହେବାକୁ ପ୍ରାୟ ୫ ବର୍ଷ ହୋଇଯିବଛ ଟାଟା ଇନ୍‌ଫ୍ରା ପ୍ରୋଜେକ୍ଟ ଲିମିଟେଡ୍ ଯେତିକି କାମ କରିଥିଲା, ସେତିକିରେ ହିଁ ପଡ଼ି ରହିଛି । ଇତିମଧ୍ୟରେ ଅତିରିକ୍ତ ସ୍ପିଲୱେ ନିର୍ମାଣ ପାଇଁ ହୀରାକୁଦ ସହରର ଫାଷ୍ଟ ଗ୍ୟାପ୍, ରିରୋଲିଂ ମିଲ୍ ଏରିଆ, କେବୁଲ୍ କଲୋନି, ପ୍ରେମନଗର, ଗାନ୍ଧୀନଗର, ଲକ୍ଷ୍ମୀନଗର, ଗୁଜାତଳ ଆଦି ଅଞ୍ଚଳର ୧୪୧୫ ପରିବାର ବିସ୍ଥାପିତ ହେବାକୁ ଥିବାବେଳେ ଜମି ଅଧିଗ୍ରହଣ ପ୍ରକ୍ରିୟା ପ୍ରାୟତଃ ଶେଷ ପର୍ଯ୍ୟାୟରେ ରହିଛି । ଏ ସଂକ୍ରାନ୍ତରେ ଅତିରିକ୍ତ ସ୍ପିଲୱେ ଡିଭିଜନର ଅଧୀକ୍ଷଣ ଯନ୍ତ୍ରୀ ତଥା ହୀରାକୁଦ ବନ୍ଧର ଭାରପ୍ରାପ୍ତ ଅତିରିକ୍ତ ମୁଖ୍ୟଯନ୍ତ୍ରୀ ଜ୍ୟୋର୍ତିମୟ ବେହେରାଙ୍କୁ ପଚାରିବାରୁ ସେ କହିଲେ, ଏହି ପ୍ରକଳ୍ପ ପାଇଁ ବିଶ୍ୱ ବ୍ୟାଙ୍କ ସହିତ ଏକ ଚୁକ୍ତି ହେବାକୁ ଯାଉଛି । ଏଥି ସହିତ କେନ୍ଦ୍ରୀୟ ଜଳ ଆୟୋଗ ପକ୍ଷରୁ ଅତିରିକ୍ତ ସ୍ପିଲୱେର ନୂଆ ଡିଜାଇନ୍‌କୁ ଅନୁମୋଦନ ମିଳିବା ବାକି ରହିଛି । ଅନୁମୋଦନ ମିଳିବା ପରେ ଟେଣ୍ଡର ଆହ୍ୱାନ କରାଯିବ ବୋଲି ଇଂ. ବେହେରା କହିଛନ୍ତି ।

**ସରକାର ବହୁ ଆଗକୁ ଚିନ୍ତା କରି ଜମି ବିକିବା ଉଚିତ୍ । ଶିଳ୍ପ, ହସ୍ପିଟାଲ ଏବଂ କଲେଜ ନିର୍ମାଣ ପାଇଁ ସରକାର ଜାଗା ଯୋଗାଇ ଦେଉଛନ୍ତି, ଏହା ଏକ ଉଦାର ନିଷ୍ପତ୍ତି ହୋଇପାରେ, କିନ୍ତୁ ଏମାନଙ୍କୁ ସହରଠାରୁ ଦୂରରେ, ଗାଁଗଣ୍ଡା ଆଖପାଖରେ ମଧ୍ୟ ଜାଗା ଯୋଗାଇ ଦିଆଯାଇପାରିବ । ଏଭଳି ହେଲେ ସେସବୁ ଅଞ୍ଚଳର ବିକାଶ ମଧ୍ୟ ହୋଇପାରିବ । ତେଣୁ ରାଜଧାନୀ ହେଉ କିମ୍ବା କୌଣସି ବଡ଼ ସହରର ଆଖପାଖର ସରକାରୀ ଜାଗାକୁ ଆଗପଛ ବିଚାର ନକରି ଘରୋଇ ସଂସ୍ଥା ହାତକୁ ଟେକିଦେଲେ ଦରକାର ସମୟରେ ପସ୍ତେଇବାକୁ ପଡ଼ିବ ।**

ଭୁବନେଶ୍ୱର ଓ କେନ୍ଦ୍ରାପଡ଼ା ରୁ ଏକସଙ୍ଗେ ପ୍ରକାଶିତ ଭୁବନେଶ୍ୱର
୧୩ ନଭେମ୍ବର, ୨୦୨୫
ଗୁରୁବାର

# ଓଡ଼ିଶା ଏକ୍ସପ୍ରେସ

## ସରକାରୀ ନିର୍ମାଣ ପାଇଁ ଜାଗା ଆଉ ଥିବ ତ?

**ଭ**ବିଷ୍ୟତ ଚିନ୍ତା ନକରି ଯେଉଁଭଳି ଭାବରେ ମୂଲ୍ୟବାନ ସରକାରୀ ଜାଗା ସବୁକୁ ବ୍ୟବସାୟୀଙ୍କ ହାତକୁ ଟେକି ଦିଆଯାଉଛି ଏ ଧାରା ଜାରି ରହିଲେ ଆଗକୁ ହୁଏତ ସରକାର ତାଙ୍କ ନିଜ ପାଇଁ ଜାଗା ଖଣ୍ଡେ ପାଇବେନି କୌଣସି ନିର୍ମାଣ କିମ୍ବା ସଂପ୍ରସାରଣ ପାଇଁ ।

ସରକାର ବହୁ ଆଗକୁ ଚିନ୍ତା କରି ଜମି ବିକିବା ଉଚିତ୍ । ଶିଳ୍ପ, ହସ୍ପିଟାଲ ଏବଂ କଲେଜ ନିର୍ମାଣ ପାଇଁ ସରକାର ଜାଗା ଯୋଗାଇ ଦେଉଛନ୍ତି, ଏହା ଏକ ଉଦାର ନିଷ୍ପତ୍ତି ହୋଇପାରେ, କିନ୍ତୁ ଏମାନଙ୍କୁ ସହରଠାରୁ ଦୂରରେ, ଗାଁଗଣ୍ଡା ଆଖପାଖରେ ମଧ୍ୟ ଜାଗା ଯୋଗାଇ ଦିଆଯାଇପାରିବ । ଏଭଳି ହେଲେ ସେସବୁ ଅଞ୍ଚଳର ବିକାଶ ମଧ୍ୟ ହୋଇପାରିବ । ତେଣୁ ରାଜଧାନୀ ହେଉ କିମ୍ବା କୌଣସି ବଡ଼ ସହରର ଆଖପାଖର ସରକାରୀ ଜାଗାକୁ ଆଗପଛ ବିଚାର ନକରି ଘରୋଇ ସଂସ୍ଥା ହାତକୁ ଟେକିଦେଲେ ଦରକାର ସମୟରେ ପସ୍ତେଇବାକୁ ପଡ଼ିବ । ରାଜଧାନୀରେ ବେସରକାରୀ ସଂସ୍ଥାଗୁଡ଼ିକ ଆସ୍ଥାନ ଜମାଇବା ସମୟରେ ସରକାରଙ୍କୁ ହୁଏତ ରାଜଧାନୀ ବାହାରକୁ ଯିବାକୁ ପଡ଼ିବ କୌଣସି ସରକାରୀ ନିର୍ମାଣ ପାଇଁ । ତେଣୁ ଏବେଠୁ ସେ ବିଷୟରେ ଯୋଜନା ପ୍ରସ୍ତୁତ କରିବା ଉଚିତ୍, ତା'ଛଡ଼ା ପରିବେଶ ପ୍ରଦୂଷଣ, ବାୟୁ ପ୍ରଦୂଷଣ ରୋକିବା ପାଇଁ କିଛି କିଛି ଖାଲି ସ୍ଥାନ ମଧ୍ୟ ରହିବା ଦରକାର । ଏବେ ଦେଖାଯାଉଛି ସହରର ଆଖପାଖରେ ମଧ୍ୟ ଆଉ ସରକାରୀ ଜାଗା ନାହିଁ । ଖାଲି ଜାଗା ନରହିବା ଫଳରେ ହିଁ ବର୍ଷାଦିନେ ଭୁବନେଶ୍ୱର ସମେତ ଅଧିକାଂଶ ସହର ପାଣିରେ ଉବୁଟୁବୁ ହେଉଛି ।

ଆଉ ଏକ ପ୍ରଶ୍ନ ହେଉଛି– ଯେଉଁସବୁ ହସ୍ପିଟାଲ, ସ୍କୁଲ୍, କଲେଜ ଏବଂ ବୈଷୟିକ ଅନୁଷ୍ଠାନ ପାଇଁ ସରକାରୀ ଜାଗା ଯୋଗାଇ ଦେଉଛନ୍ତି ସେମାନେ ଆମ ରାଜ୍ୟର ଲୋକଙ୍କୁ ମାଗଣା ବା ରିହାତି ସେବା ଯୋଗାଉଛନ୍ତି କି? ଗରିବ ପିଲାଙ୍କୁ ମାଗଣାରେ ଆଡ୍‌ମିସନ କରାଯାଉଛନ୍ତି କି? ସମୁଦ୍ର, ଚିଲିକା ଏବଂ ଅନ୍ୟାନ୍ୟ ମନଲୋଭା ପର୍ଯ୍ୟଟନସ୍ଥଳୀ ଆଖପାଖର ଜାଗାକୁ ମଧ୍ୟ ବ୍ୟବସାୟୀମାନେ କିଣି ନେଉଛନ୍ତି ତାରକା ହୋଟେଲ ନିର୍ମାଣ ପାଇଁ । ସେଥିରେ ସେମାନେ ଲାଭବାନ ହେଉଛନ୍ତି ସତ, କିନ୍ତୁ ସାଧାରଣ ଲୋକଙ୍କର କ'ଣ ଲାଭ ହେଉଛି?

ସମୁଦ୍ର, ହ୍ରଦ, ଜଙ୍ଗଲ ଏସବୁ ସ୍ଥାନ ଖୋଲାମେଲା ଥାଏ ବୋଲି ହିଁ ଏହା ଖୁବ୍ ସୁନ୍ଦର ଲାଗେ । ସହରର ଜନଗହଳି ଏଠି ନଥାଏ । ଆମେ ଯଦି ସେସବୁ ସ୍ଥାନକୁ ଘରୋଇ ସଂସ୍ଥା ହାତକୁ ଟେକିଦେବା କିଛିଦିନ ଭିତରେ ସେଠି ମଧ୍ୟ କଂକ୍ରିଟ ଜଙ୍ଗଲ ଗଢ଼ିଉଠିବ । ସେସବୁ ସ୍ଥାନର କମନୀୟତା ଆଉ ରହିବନି । ତେଣୁ ଏସବୁ ଦିଗ ପ୍ରତି ସରକାର ଚିନ୍ତା କରି ଜାଗା ବିକ୍ରି କରିବା ଉଚିତ୍ ।

ଏତେ କଥା କହିବାର ଉଦ୍ଦେଶ୍ୟ ହେଲା, ଖବରରୁ ଜଣାଯାଇଛି– କେନ୍ଦ୍ରାପଡ଼ା ରାଜନଗର ବ୍ଲକ୍‌ର ଏକ ଘରୋଇ ମହାବିଦ୍ୟାଳୟ ପକ୍ଷରୁ ୪ ଏକର ୫୪ ଡେସିମିଲ ସମୁଦ୍ର ଜାଗା କିଣାଯାଇଛି । ୧୯୯୭ ମସିହାରେ ଗହିରମଥା ସାମୁଦ୍ରିକ ଅଭୟାରଣ୍ୟ ଘୋଷଣା ପୂର୍ବରୁ ରାଜସ୍ୱ ଗ୍ରାମ ସାନ ଗହିରମଥା ଓ ବଡ଼ ଗହିରମଥାରେ ଗୋଟିଏ ବି ପରିବାର ରହୁନଥିଲେ । ୧୯୯୭ ପୂର୍ବରୁ ଦୁଇଟି ରାଜସ୍ୱ ଗାଁର ୫୦ ପ୍ରତିଶତ ଜମି ସମୁଦ୍ର ଭିତରକୁ ଚାଲିଯାଇଥିଲା । ଏଭଳି ସ୍ଥିତିରେ ସମୁଦ୍ର ଗର୍ଭରେ ଥିବା ଜମିକୁ ମହାବିଦ୍ୟାଳୟ କିଣିଲା କେମିତି?

ଏଇଭଳି ଭାବରେ ଯଦି ସରକାରୀ ଜାଗାକୁ ଦାୟିତ୍ୱହୀନ ଭାବରେ ବିକ୍ରି କରିଦିଆଯାଏ ତା'ହେଲେ ଆଗକୁ ହୁଏତ କୌଣସି ସରକାରୀ ନିର୍ମାଣ ପାଇଁ ପୁଣି ଘରୋ ସଂସ୍ଥା ପାଖରୁ ଜଗା କିଣିବାକୁ ପଡ଼ିପାରେ । ତେଣୁ ବହୁ ଆଗକୁ ଚିନ୍ତା କରି ସହରର ନକ୍ସା ପ୍ରସ୍ତୁତ କରାଯିବା ଉଚିତ୍ ।

# ପୂର୍ବରୁ କାର୍ଯ୍ୟାନୁଷ୍ଠାନ ହୋଇଥିଲେ ଏ ଅବସ୍ଥା ହୋଇନଥାନ୍ତା

**ସତ କହିବାକୁ କିଆଁ ଡରିବି**

◆ ଅମ୍ବିକା ପ୍ରସାଦ ଦାସ ◆

**ରାଜ୍ୟର ଅନ୍ୟ ଅଞ୍ଚଳ ତ ଭିନ୍ନ କଥା, ଖୋଦ୍ ରାଜଧାନୀରେ ମୁଖ୍ୟମନ୍ତ୍ରୀ, ମନ୍ତ୍ରୀମାନେ ରହୁଥିବା ଇଲାକାରେ ମୁଖ୍ୟମନ୍ତ୍ରୀଙ୍କ ଅଧୀନସ୍ଥ ସାଧାରଣ ପ୍ରଶାସନ ବିଭାଗର ପ୍ରାୟ ୫ଶହ ଏକର ମୂଲ୍ୟବାନ ଜମି ଚାଲିଯାଇଛି ଜବରଦଖଲକାରୀଙ୍କ କବ୍‌ଜାକୁ । ସେମାନଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ନେଇ ସେସବୁକୁ ବିଭାଗ ପାଖକୁ ଫେରାଇ ଆଣିବା ପରିବର୍ତ୍ତେ କେବଳ ମାମଲା ରୁଜୁ କରି କାମ ସାରିଦେଉଛନ୍ତି ଅଧିକାରୀମାନେ । ଏହିପରି ମାମଲାର ସଂଖ୍ୟା ୧୦ ହଜାରରୁ ଅଧିକ ।**

୨୦୨୬ ମାର୍ଚ୍ଚ ସୁଦ୍ଧା ଜବରଦଖଲକାରୀଙ୍କ କବଳରୁ ସବୁ ସରକାରୀ ଜମିକୁ ସରକାରଙ୍କ ନିୟନ୍ତ୍ରଣକୁ ଆଣିବା ଲାଗି ମୋହନ ମାଝୀଙ୍କ ସରକାର ଦୃଢ଼ ଘୋଷଣା କରିଛନ୍ତି । ସରକାରଙ୍କର ଏହି ଘୋଷଣା କାର୍ଯ୍ୟକାରୀ ହେବା କିଛି ବଡ଼କଥା ନୁହେଁ । କିନ୍ତୁ ସରକାରଙ୍କର ଇଚ୍ଛାଶକ୍ତିକୁ ନେଇ ଲୋକଙ୍କ ମନରେ ନିୟୁତ ଡଲାରର ପ୍ରଶ୍ନ । ସତରେ କ'ଣ କଣ୍ଟ ଅନୁଯାୟୀ ଜବରଦଖଲ ହଟିବ?

ରାଜ୍ୟ ବ୍ୟାପୀ ମାଫିଆମାନଙ୍କ କବ୍‌ଜାରେ ହଜାର ହଜାର ଏକର ମୂଲ୍ୟବାନ ସରକାରୀ ଜମି । ଗୋଟେପଟେ ସରକାର ଋଣଯନ୍ତାରେ ପଡ଼ି ଛଟପଟ, ଅନ୍ୟପଟେ ମାଫିଆମାନଙ୍କ କବ୍‌ଜାରେ ଥିବା ସରକାରୀ ଜମି ବିକାକିଣା କରି ସେମାନେ ଉଠାଇ ଚାଲିଛନ୍ତି ବିପୁଳ ମୁନାଫା । ଜବରଦଖଲକାରୀଙ୍କ କବଳରୁ ମୂଲ୍ୟବାନ ଜମିକୁ ସରକାରୀ ଖାତାକୁ ଫେରାଇ ଆଣିବା ଲାଗି ଯଦିଓ କୌଣସି ଆଇନ୍‌ଗତ ପ୍ରତିବନ୍ଧକ ନାହିଁ ଏବଂ ଆଇନ୍ ଅଦାଲତ ମଧ୍ୟ ଜବରଦଖଲକାରୀଙ୍କ ବିରୋଧରେ ଅତ୍ୟନ୍ତ ଶାଣିତ ଟିପ୍ପଣୀ ଦେଇ ସରକାରୀ ସମ୍ପତ୍ତି ସରକାରଙ୍କ ପାଖକୁ ଫେରିଆସୁ ବୋଲି ବରାବର କହୁଛନ୍ତି ତେବେ ଉଚ୍ଛେଦ ପ୍ରକ୍ରିୟା କେବଳ ଘୋଷଣାରେ ଅଟକିଯାଇଛି କାହିଁକି? ଏହା ପଛର କାରଣ ହେଲା– ସରକାର କେବେବି କାହା ଉପରେ ଉତ୍ତରଦାୟିତ୍ୱ ନ୍ୟସ୍ତ କରୁନାହାନ୍ତି । ତେଣୁ ଚେଇଁ ଶୋଇଥିବ ଯିଏ ତାକୁ ଉଠାଇବ କିଏ? ଏହାହିଁ ବାସ୍ତବ ସ୍ଥିତି ।

ମୂଲ୍ୟବାନ ସରକାରୀ ଜମି ଜବରଦଖଲକାରୀଙ୍କ କବ୍‌ଜାକୁ ଗଲାବେଳେ ଦାୟିତ୍ୱରେ ଥିବା ଅଧିକାରୀମାନେ କରୁଛନ୍ତି କ'ଣ? ସେମାନେ କେବେବି ଆଖିଦୃଶିଆ କାର୍ଯ୍ୟାନୁଷ୍ଠାନ ନେଇଛନ୍ତି? କେବଳ ସରକାରୀ କଳ ସକ୍ରିୟ ହେଲେ ଅଧିକାରୀ ଟିକେ ଚେଇଁ ଉଠନ୍ତି– ପୁଣି ସରକାର ଭୁଲିଗଲେ ଅଧିକାରୀ ଓ କର୍ମଚାରୀ ନାହିରେ ତେଲ ଦେଇ ଶୋଇପଡ଼ନ୍ତି । ଏଇ ଶୋଇ ରହିବାକୁ କେବେବି ସ୍ୱାଭାବିକ କୁହାଯାଇପାରିବନି । ପକେଟକୁ ମୋଟା ଅଙ୍କର ଆସିଲେ ହିଁ ଅନେକେ ଶୋଇଯିବାର ଅଭିନୟ କରିଥାନ୍ତି ।

ରାଜ୍ୟର ଅନ୍ୟ ଅଞ୍ଚଳ ତ ଭିନ୍ନ କଥା, ଖୋଦ୍ ରାଜଧାନୀରେ ମୁଖ୍ୟମନ୍ତ୍ରୀ, ମନ୍ତ୍ରୀମାନେ ରହୁଥିବା ଇଲାକାରେ ମୁଖ୍ୟମନ୍ତ୍ରୀଙ୍କ ଅଧୀନସ୍ଥ ସାଧାରଣ ପ୍ରଶାସନ ବିଭାଗର ପ୍ରାୟ ୫ଶହ ଏକର ମୂଲ୍ୟବାନ ଜମି ଚାଲିଯାଇଛି ଜବରଦଖଲକାରୀଙ୍କ କବ୍‌ଜାକୁ । ସେମାନଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ନେଇ ସେସବୁକୁ ବିଭାଗ ପାଖକୁ ଫେରାଇ ଆଣିବା ପରିବର୍ତ୍ତେ କେବଳ ମାମଲା ରୁଜୁ କରି କାମ ସାରିଦେଉଛନ୍ତି ଅଧିକାରୀମାନେ । ଏହିପରି ମାମଲାର ସଂଖ୍ୟା ୧୦ ହଜାରରୁ ଅଧିକ ।

ଭୁବନେଶ୍ୱରରେ ଜମି ଦର ଅମୂଲ ମୂଲ । ବର୍ଗଫୁଟ ପିଛା ଜମିର ଦର ୧୦ ହଜାରରୁ ଅଧିକ । ସ୍ଥାନ ବିଶେଷରେ ୨୦ ହଜାରରୁ ମଧ୍ୟ ଅଧିକ ଦାବି କରନ୍ତି ବିକ୍ରେତା । ଏପରିସ୍ଥଳେ ମୁଖ୍ୟମନ୍ତ୍ରୀଙ୍କ ଅଧୀନସ୍ଥ ସାଧାରଣ ପ୍ରଶାସନ ବିଭାଗର ୨୪,୯୯୦ ଏକର ଜମି ମଧ୍ୟରୁ ୫ଶହ ଏକର ଜମି ଜବରଦଖଲକାରୀଙ୍କ କବ୍‌ଜାକୁ ଚାଲିଗଲା କେମିତି? ଜୟଦେବ ବିହାର ଅଞ୍ଚଳର ସର୍ବାଧିକ ୧୪୮ ଏକର, ଚନ୍ଦ୍ରଶେଖରପୁରରେ ୩୩ ଏକର, ଗାଡ଼କଣରେ ୩୧ ଏକର, ପଟିଆରେ ୨୮ ଏକର, ବରମୁଣ୍ଡାରେ ୨୪ ଏକର, କପିଳପ୍ରସାଦରେ ୨୨ ଏକର, ବିଜେବି ନଗରରେ ୧୦ ଏକରରୁ ଅଧିକ ଜମି ସମେତ ରାଜଧାନୀର ମୋଟ ୫୭ଟି ସ୍ଥାନରେ ସରକାରୀ ଜମି ଜବରଦଖଲ ହୋଇଥିବା କଥା ନିଜେ ମୁଖ୍ୟମନ୍ତ୍ରୀ ବିଧାନସଭାରେ ସୂଚାଇଛନ୍ତି ।

ରାଜଧାନୀର ରାସ୍ତାକଡ଼ ଜମିକୁ ମାଫିଆମାନେ ହାତେଇନେଇଛନ୍ତି । ପ୍ରଥମେ ତାଲାବନ୍ଦ ଭଙ୍ଗା କ୍ୟାବିନ୍ ପକାନ୍ତି, ତା'ପରେ ନଜର ରଖନ୍ତି ସରକାରୀ କାର୍ଯ୍ୟାନୁଷ୍ଠାନ ଉପରେ । ଯଦି ସରକାରୀ ବାବୁ ଆସି କିଛି ନ କହିଲେ ତା'ପରେ ସରକାରୀ ଜମିରେ ବାଡ଼ଘେରା ଓ ପରେ ଗଢ଼ିଉଠେ ସ୍ଥାୟୀ ଗୃହ । ଅସାଧୁ ସରକାରୀ ଅଧିକାରୀଙ୍କ ସହ ସଲାସୁତୁରାରେ ଜବରଦଖଲ ପ୍ରକ୍ରିୟା ଜାରି ରହିଥିବାରୁ କେବଳ ସରକାରୀ ଘୋଷଣା କେତେଦୂର ଏଥିରେ ଲଗାମ ଲଗାଇପାରିବ ସେଥିନେଇ ସନ୍ଦେହ ଉପୁଜିବା ସ୍ୱାଭାବିକ ।

ଅନେକଙ୍କ ମତରେ ସରକାରଙ୍କ ମୂଲ୍ୟବାନ ଜମି ଜବରଦଖଲ ପୂର୍ବରୁ ଯଦି ସତର୍କତାମୂଳକ କାର୍ଯ୍ୟାନୁଷ୍ଠାନ ନିଆଯାଇପାରନ୍ତା ତେବେ ପରେ ବିପୁଳ ଅର୍ଥ ବ୍ୟୟରେ ସାମୟିକ ଉଚ୍ଛେଦ ପ୍ରହସନ ଦେଖିବାକୁ ମିଳନ୍ତାନି କି ଜମିକୁ ନେଇ ବିବାଦ, ହଣାକଟା ଯାଏ କଥା ଯା'ନ୍ତା ନାହିଁ । ସରକାରୀ ଜମି ଜବରଦଖଲ ନ ହେବା ପାଇଁ ଯେପରି ସରକାରଙ୍କର ଦୃଢ଼ ଇଚ୍ଛାଶକ୍ତିର ଆବଶ୍ୟକତା ରହିଛି ଅନୁରୂପ ଆବଶ୍ୟକତା ରହିଛି ଉଚ୍ଛେଦ ଅଭିଯାନ ବେଳେ । ସରକାରୀ ରାଜକୋଷରୁ ମୋଟା ଅଙ୍କର ଦରମା ନେଇ ସରକାରୀ ସମ୍ପତ୍ତି ଜଗାରଖା ଦାୟିତ୍ୱରେ ଥିବା ଅଧିକାରୀ ଓ କର୍ମଚାରୀଙ୍କୁ ଉତ୍ତରଦାୟୀ କରାଯାଉନଥିବାରୁ ଜମି ଜବରଦଖଲ ବଢୁଛି ସିନା କମିବାର ନାଁ ନେଉନି ।

ରାଜଧାନୀ ସମେତ ସାରା ରାଜ୍ୟରେ ସରକାରୀ ଜମିରୁ ଜବରଦଖଲ ହଟାଇବାକୁ ମୋହନ ମାଝୀଙ୍କ ସରକାର ୬ ମାସିଆ କଣ୍ଟ ଦେଇଛନ୍ତି । ତେବେ ସରକାରଙ୍କ କଥା ଓ କାମରେ ତାଳମେଳ ରହୁଛି କି ନାହିଁ ତାହା ଜଣାପଡ଼ିବ ଆଉ ସାଢ଼େ ୪ ମାସ ପରେ । ଜମିବାଡ଼ି ଦାୟିତ୍ୱରେ ଥିବା ଅଧିକାରୀ, କର୍ମଚାରୀମାନେ ଗତ ଦୁଇ ଦଶନ୍ଧି ମଧ୍ୟରେ କେତେ ସମ୍ପତ୍ତି ଆହରଣ କରିଛନ୍ତି ତା'ର ପ୍ରକୃତ ଖୋଳତାଡ଼ ହେଲେ ଢୋଲ ଭିତରେ ଥିବା ମୂଷାମାନେ ଗୋଟି ଗୋଟି କରି ପଦାକୁ ଆସିବେ । ଏତେ କର୍ମଚାରୀ, ଅଧିକାରୀ ଥିବାବେଳେ ଜବରଦଖଲକାରୀଙ୍କ କବ୍‌ଜାକୁ ସରକାରଙ୍କର ମୂଲ୍ୟବାନ ଜମି ଚାଲିଗଲା କେମିତି ଓ ସରକାରଙ୍କ ପାଖରେ ସମସ୍ତ ଶକ୍ତି ଉପଲବ୍ଧ ହୋଇ ମଧ୍ୟ ଜବରଦଖକାରୀଙ୍କ ପାଖରୁ ତାହା ଉଦ୍ଧାର କରାନଯିବା ପଛରେ କେଉଁମାନେ ସେ ସମ୍ପର୍କରେ ଯାଞ୍ଚ କରି ଯଦି ଉତ୍ତରଦାୟିତ୍ୱ ନ୍ୟସ୍ତ କରାଯିବ ତେବେ ଉଚ୍ଛେଦ ଘୋଷଣା ପଛରେ ସରକାରଙ୍କ ପ୍ରକୃତ ନିଷ୍ଠା ରହିଥିବା ଜଣାପଡ଼ିବ । ନଚେତ୍ ଘୋଷଣା ଯେ କେବଳ ଗଣମାଧ୍ୟମରେ ସୀମିତ ରହିଯିବ ଏକଥା କହିଲେ ନିହାତି ଭୁଲ୍ ହେବନି ।

# ଆଉ କ'ଣ ଅଖଣ୍ଡ ଭାରତ ସମ୍ଭବ...!

■ ଡଃ ଅମୂଲ୍ୟ କୁମାର ପଣ୍ଡା ■

ଆୟତନ ଓ ଜନସଂଖ୍ୟା ଦୃଷ୍ଟିରୁ ଭାରତକୁ ସାଧାରଣତଃ ଏକ ଉପମହାଦେଶ ବୋଲି କୁହାଯାଏ । ପୃଥିବୀର ବୃହତ୍ତମ ମହାଦେଶ ଏସିଆର ଦକ୍ଷିଣାଂଶର କେନ୍ଦ୍ରସ୍ଥଳୀରେ ଭାରତବର୍ଷ ଅବସ୍ଥିତ । ଭାରତର ଉତ୍ତରରେ ସୁଦୀର୍ଘ ହିମାଳୟ ପର୍ବତଶ୍ରେଣୀ ଦୁର୍ଭେଦ୍ୟ ପ୍ରଚୀର ସଦୃଶ ଦଣ୍ଡାୟମାନ । ତାହା ଭାରତବର୍ଷକୁ ଏସିଆ ମହାଦେଶର ଅନ୍ୟ ଅନ୍ୟ ଅଞ୍ଚଳମାନଙ୍କରୁ ପ୍ରାୟ ବିଚ୍ଛିନ୍ନ କରି ରଖିଛି । ଉତ୍ତର–ପଶ୍ଚିମରେ ସୁଲେମାନ ଓ ହିନ୍ଦୁକୁସ ପର୍ବତମାଳା ଅବସ୍ଥିତ। ଏହା ଭରତ ଉପଦେଶକୁ ଋଷିଆ, ଆଫଗାନିସ୍ଥାନ ଓ ଇରାନଠାରୁ ପୃଥକ୍ କରିଅଛି । ଇତିହାସ ସହିତ ଭୂଗୋଳ ଅଙ୍ଗାଙ୍ଗୀ ଭାବେ ଜଡ଼ିତ । ଭୌଗୋଳିକ ଅବସ୍ଥିତି ଓ ପ୍ରାକୃତିକ ଗଠନ ଭାରତର ଇତିହାସର ଗତି ନିର୍ଦ୍ଧାରଣ କରିଅଛି । ହିମାଳୟ ପର୍ବତ ଏକ ପ୍ରାଚୀର ସଦୃଶ । ଏହାର ଦୁର୍ଗମ ଗିରିପଥ ଅତିକ୍ରମ କରିବା କଷ୍ଟସାଧ୍ୟ । ଗିରିପଥଗୁଡ଼ିକ ବର୍ଷର ଅଧିକାଂଶ ସମୟ ତୁଷାରାଚ୍ଛନ୍ନ ରହେ । ତେଣୁ ହିମାଳୟ ପର୍ବତ ଅତିକ୍ରମ କରି ଅତୀତରେ ବୈଦେଶିକ ଶତ୍ରୁମାନେ ଭାରତ ଆକ୍ରମଣ କରିବା ଦୁଃସାଧ୍ୟ ଥିଲା । ଭାରତର ସୈନ୍ଧବ–ଗାଙ୍ଗେୟ ସମତଳ ଭୂମି ସିନ୍ଧୁ, ଗଙ୍ଗା, ବ୍ରହ୍ମପୁତ୍ର ଏବଂ ସେମାନଙ୍କର ଉପନଦୀଗୁଡ଼ିକର ଅବବାହିକା ଦ୍ୱାରା ଗଠିତ । ଏହି ଅଞ୍ଚଳର ଜଳବାୟୁ ସ୍ୱାସ୍ଥ୍ୟକର ଏବଂ ମୃତ୍ତିକା ଉର୍ବର ଓ କୃଷୀ ଉପଯୋଗୀ । ତେଣୁ ଏଠାରେ ପ୍ରଥମେ ଦ୍ରାବିଡ଼ ଓ ଆର୍ଯ୍ୟ ସଭ୍ୟତାର ଅଭ୍ୟୁଦୟ ହୋଇଥିଲା । ପରବର୍ତ୍ତୀ କାଳରେ ଏହି ଅଞ୍ଚଳରେ ନନ୍ଦ, ମୌର୍ଯ୍ୟ, କୁଶାଣ ଗୁପ୍ତ, ଆଫଗାନ୍ ଓ ମୋଗଲ୍ ସାମ୍ରାଜ୍ୟ ବିସ୍ତାର ଲାଭ କରିଥିଲା । ଉତ୍ତର–ପଶ୍ଚିମରେ ଖାଇବର ଓ ବୋଲାନ୍ ଗିରିପଥ ଅତିକ୍ରମକରି ପ୍ରଥମେ ଦ୍ରାବିଡ଼ ଓ ଆର୍ଯ୍ୟମାନେ ଭାରତରେ ପ୍ରବେଶ କରିଥିଲେ । ବଙ୍ଗୋପ ସାଗର, ଆରବ ସାଗର ଏବଂ ଭାରତ ମହାସାଗରରେ ନୌଯାତ୍ରା କରି ଭାରତୀୟମାନେ ଚୀନ, ଜାପାନ ସମେତ ଦକ୍ଷିଣ–ପୂର୍ବ ଏସିଆ ଏବଂ ପଶ୍ଚିମ ଏସିଆ ଅନ୍ତର୍ଗତ ବିଭିନ୍ନ ଦେଶ ଏବଂ ଉଇରୋପର ବିଭିନ୍ନ ଅଞ୍ଚଳ ସହିତ ବାଣିଜ୍ୟ ବେବସାୟ କରିବାକୁ ସମର୍ଥ ହୋଇଥିଲେ । ବିଶେଷତଃ କଳିଙ୍ଗର ଅଧିବାସୀମାନେ ଜାଭା, ସୁମାତ୍ରା, ବାଲି, ବୋର୍ଣ୍ଣିଓ ଆଦି ପୂର୍ବ ଭାରତୀୟ ଦୀପପୁଞ୍ଜ ଓ ମାଳୟ ଉପଦ୍ୱୀପରେ ବାଣିଜ୍ୟକେନ୍ଦ୍ର ଓ ବସତିସ୍ଥାପନ କରିଥିଲେ । ସେମାନଙ୍କ ଦ୍ୱାରା ହିନ୍ଦୁ, ବୌଦ୍ଧ ଧର୍ମ ଆଦି ଧର୍ମ ସଂସ୍କୃତି ସେହି ଦେଶ ଗୁଡିକରେ ପ୍ରସାର ଲାଭ କରିଥିଲା । ସେହିପରି ଭାରତର ଉପକୂଳବର୍ତ୍ତୀ ଅଞ୍ଚଳମାନଙ୍କରେ ୧୪୯୮ ଖ୍ରୀଷ୍ଟାବ୍ଦରୁ ୧୬୯୨ ଖ୍ରୀଷ୍ଟାବ୍ଦ ମଧ୍ୟରେ ପର୍ତ୍ତୁଗୀଜ, ଓଲନ୍ଦାଜ, ଇଂରେଜ ଓ ଫରାସୀ ପ୍ରଭୃତି ଇଉରୋପୀୟମାନେ ବାଣିଜ୍ୟକୋଠି ତଥା ଉପନିବେଶମାନ ସ୍ଥାପନ କରିଥିଲେ ।

ଅମର ଏହି ଭାରତକୁ ଭାରତମାତାର ନାମ କରଣ ତଥା ମାନବୀକରଣ ମା' ଠାକୁରାଣୀ ଆଖ୍ୟା ଦିଆଯାଇଥିବା ଏକ ପବିତ୍ର ନାମକୁ ବୁଝାଯାଏ ଯାହା ହିନ୍ଦୁତ୍ୱର ଏକ ଦୃଢ ପରିଚୟ ନାମ । ସାଧାରଣତଃ ଭାରତ ନାମ ରୂପୀ ମାଆ ସ୍ୱରୂପକୁ ଏକ ମହିଳା ଭାବରେ ଗେରୁଆ ରଙ୍ଗର ଶାଢ଼ି ପିନ୍ଧେଇ ଭାରତର ଜାତୀୟ ପତାକା ଧରିଥିବା ଦେବୀ ସ୍ୱରୂପକୁ ପ୍ରଦର୍ଶନ କରାଯାଏ ଓ ସାଥିରେ ଏକ ସିଂହ ବାହାନ ମଧ୍ୟ ଥାଏ ଯାହା ଖୁବ୍ ସୁନ୍ଦର ଓ ଭକ୍ତିର ପ୍ରତୀକ ଅଟେ । ଉନବିଂଶ ଶତାବ୍ଦୀର ଶେଷ ଭାଗରେ ବ୍ରିଟିଶ ଶାସନ ବିରୁଦ୍ଧରେ ହୋଇଥିବା ସିପାହୀ ବିଦ୍ରୋହ ପରିପ୍ରେକ୍ଷୀରେ ଭାରତ ଉପମହାଦେଶକୁ ମାନବୀକରଣ କରାଯାଇଥିଲା । ସନ ୧୮୮୨ରେ ବଙ୍କିମ ଚନ୍ଦ୍ର ଚାଟାର୍ଜୀଙ୍କ ଲିଖିତ ଆନନ୍ଦ ମଠ ପୁସ୍ତକରେ ଭାରତର ପ୍ରତୀକ ଭାବରେ ଭାରତମାତାଙ୍କର ବର୍ଣ୍ଣନା କରାଯାଇଥିଲା । ହିନ୍ଦୁ ମତ ବା କଳ୍ପନାରେ ଜନ୍ମଭୂମିକୁ ସର୍ବଦା ମାତା କୁହାଯାଏ । ରାମାୟଣ ଓ ମହାଭାରତରେ ମଧ୍ୟ ଜନ୍ମଭୂମିକୁ ମାତା ଭାବରେ ସମ୍ବୋଧନ କରାଯାଇଛି । ଲକ୍ଷ୍ମଣଙ୍କୁ ରାମ କହିଛନ୍ତି, ଜନନୀ ଜନ୍ମଭୂମିଶ୍ଚ ସ୍ୱର୍ଗାଦପୀ ଗରୀୟସୀ । ଏହି ଚିନ୍ତନକୁ ବଙ୍କିମଚନ୍ଦ୍ର ଅଧିକ ସାକାର କରି ସରଳ କରିଦେଇଛନ୍ତି । ଏହି ଚିନ୍ତନରେ ସମଗ୍ର ଭାରତ ଭୂଖଣ୍ଡରେ ବାସ କରୁଥିବା ହିନ୍ଦୁ, ମୁସଲମାନ, ଶିଖ, ଖ୍ରୀଷ୍ଟିଆନ, ଜୈନ, ବୁଦ୍ଧ ଧର୍ମାବଲମ୍ବୀ, ପାର୍ଶୀ ଓ ଅନ୍ୟାନ୍ୟ ଲଘୁ ସମ୍ପ୍ରଦାୟଙ୍କୁ ଏକାଠି କରି ବ୍ରିଟିଶ ଶାସନ ବିରୁଦ୍ଧରେ ଲଢ଼ିବା ଉଦ୍ଦେଶ୍ୟରେ ଏହା ଲେଖା ଥିଲା ଯାହାକୁ ପରବର୍ତ୍ତୀ ବଦଳେଇ ଏକ ହିନ୍ଦୁ ଠାକୁରାଣୀର ମାନ୍ୟତା ଦିଆ ଯାଇଥିଲା । ଅନ୍ୟ ଜାତି ଓ ଧର୍ମର ଲୋକମାନେ ଏହାକୁ ଏକ ଧର୍ମର ଠାକୁରାଣୀ ଭାବେ ଚିନ୍ତନ କରି ପ୍ରତ୍ୟାଖ୍ୟାନ କରିଥିଲେ । ଭାରତ ମାତାଙ୍କୁ ହିନ୍ଦୁ ଦେବାଦେବୀ ଭାବରେ ଚିତ୍ରଣ କରିବା ଏକ ଦୀର୍ଘକାଳୀନ ଦ୍ୱନ୍ଦ୍ୱାତ୍ମକ ବିଷୟ । ଭାରତୀୟ ରାଜନୀତିରେ ଏହାର ପ୍ରବେଶକୁ ରବୀନ୍ଦ୍ରନାଥ ଠାକୁର ଓ ବି.ଆର. ଆମ୍ବେଦକର ଏହାକୁ କ୍ଷତିକାରକ କହି ବିରୋଧ କରିଥିଲେ ଓ ଅନେକ ସ୍ଥାନରେ ଏହାକୁ କାଢ଼ିଦିଆଯାଇଥିଲା । କିନ୍ତୁ ସେତେବେଳକୁ ଏହା ଏତେ ଆଦୃତ ହୋଇଥିଲା ଯେ ଏହା ଲୋକଙ୍କ ମନର ବହୁତ ଗଭୀରକୁ ଚାଲିଯାଇଥିଲା ଓ ଏହା ଦେଶ ଭକ୍ତିର ପ୍ରତୀକ ହୋଇସାରିଥିଲା । ବିଂଶ ଶତାବ୍ଦୀ ଶେଷ ଆଡ଼କୁ ଏହା ହିନ୍ଦୁ ରାଷ୍ଟ୍ର ଓ ଅଖଣ୍ଡ ଭାରତର ଧାରଣ ସାଥିରେ ଓତପ୍ରୋତ ଭାବରେ ଜଡ଼ିତ ହୋଇଗଲା । ସେତେବେଳ ଅଖଣ୍ଡ ଭାରତରେ ଏବେକାର ପାକିସ୍ଥାନ, ବାଙ୍ଗଲାଦେଶ, ନେପାଳ, ଶ୍ରୀଲଙ୍କା ଓ ଆଫଗାନିସ୍ଥାନର କିଛି ଅଂଶ ସାମିଲ ଥିଲେ । ଭାରତର ସଂବିଧାନରେ ଭାରତ ଏକ ଧର୍ମ ବିରପେକ୍ଷ ଦେଶ ଭାବରେ ଗ୍ରହଣ କରାଯାଇଥିବାରୁ ଏହାକୁ କୌଣସି ମତେ ଗ୍ରହଣ କରାଯାଇପାରୁନି ଯଦିଓ ଏହା ଆରଏସଏସ ସଂସ୍ଥାର ବିଶେଷ ଅଙ୍ଗ ଭାବରେ ବିଶ୍ୱାସ କରାଯାଉଛି । ହିନ୍ଦୁ ଧର୍ମ ହଜାର ହଜାର ବର୍ଷରୁ ଆରମ୍ଭ ହୋଇଥିବା ବେଳେ ଭାରତ ମାତାର ଚିତ୍ରଣ, ଧରିତ୍ରୀ ମାତା ବା ବସୁମାତା ଭଳି ଲୋକଙ୍କ ମନରେ ବସା ବାନ୍ଧି ଯାଇଛି ଯାହା ଆଜି ବି ଅଛି ଓ ଆଗକୁ ପିଢି ପରେ ପିଢି ରହି ଚାଲିବ ଏଥିରେ ତିଳେମାତ୍ର ସନ୍ଦେହ ନାହିଁ ।

ସମସ୍ତ କଥା ସହିତ ଗୋଟିଏ କଥା ସତ ଯେ ସବୁଠୁ ସୁନ୍ଦର୍ ଏଇ ଆମ ଏହି ପବିତ୍ର ଭାରତ ଭୂଇଁ । ମାତୃଭୂମି, ପୁଣ୍ୟ ଭୂମି, ଦେବ ଭୂମି, କର୍ମ ଭୂମି ସବୁଠୁ ପବିତ୍ର ଏହି ଭାରତ ଭୂଇଁ । ଏହାରି କୋଳରେ କେତେ ମହାତ୍ମା ଜନମ ନେଇଛନ୍ତି । ଏହି ଭୂମିକୁ କାହିଁ କେଜାଣି ବାହ୍ୟଶତ୍ରୁ ଆକ୍ରମଣ କରିଛନ୍ତି । ତଥାପି ସେମିତି ମୁଣ୍ଡ ଟେକି ଠିଆ ହୋଇଛି ଏହି ମାଟି । କେତେ ଶତ୍ରୁ ଆସି ଏହାର ସୌନ୍ଦର୍ଯ୍ୟକୁ ନଷ୍ଟ କରିବାକୁ ଚାହିଁଛନ୍ତି ହେଲେ ଏହାର ବୀର ସନ୍ତାନ ମାନେ ସେମିତି ଲଢେଇ କରି ଆସିଛନ୍ତି । ଏହି ଭାରତ ଉପରେ ଆଲେକଜାଣ୍ଡାର, ଶକ, ହୁଣ, କୁଶାଣ ପରି ଅନେକ ବାହ୍ୟଶତ୍ରୁ ଆକ୍ରମଣ କରିଛନ୍ତି । ମାତ୍ର ପରବର୍ତ୍ତୀ ସମୟରେ ସମସ୍ତେ ଭାରତୀୟ ସଂସ୍କୃତିରେ ମିଶି ଯାଇଛନ୍ତି । ସେମାନଙ୍କର ଚିହ୍ନ ବର୍ଣ୍ଣ ମଧ୍ୟ ଦେଖିବାକୁ ମିଳି ନାହିଁ । ବଙ୍କିମଚନ୍ଦ୍ରଙ୍କ ଦୃଷ୍ଟିରେ ଏହାର ତିନୋଟି ସ୍ୱରୂପ ଥିଲା, ମା' ସରସ୍ୱତୀ, ଲକ୍ଷ୍ମୀ ଓ ମା' ଦୁର୍ଗାଙ୍କର । ସ୍ୱାମୀ ବିବେକାନନ୍ଦଙ୍କ ଦୃଷ୍ଟିରେ ସେ ୩୩ କୋଟି ଦେବୀ ଦେବତାଙ୍କ ମା' ଥିଲେ । ପରବର୍ତ୍ତୀ ସମୟରେ ମୋଗଲ ଆକ୍ରମଣର ଭାରତର ବୀରପୁତ୍ର ମାନେ ଉପଯୁକ୍ତ ଜବାବ ଦେଇଥିଲେ । ଏହା ପରେ ଇଂରେଜ ମାନଙ୍କର ଶାସନ ଆସିଲା । ମୁସଲମାନ ମାନଙ୍କ ନାମରେ ଭାରତ ମାତାର ବିଭାଜନ ପାଇଁ ଦାବି ହେଲା । ପ୍ରଥମେ ଏହି ଦାବିକୁ ସମସ୍ତେ ଅଗ୍ରାହ୍ୟ କଲେ । ହେଲେ ଶେଷରେ ଏହା ଭାଗ ଭାଗ ହୋଇଗଲା । ୧୯୪୭ ମସିହା ଅଗଷ୍ଟ ୧୪ ତାରିଖ ଥିଲା ସେହି କଳାଦିନ ଯେଉଁ ଦିନ ଭାରତ ମାତାର ଶରୀରକୁ କାଟି ପାକିସ୍ତାନ ତିଆରି କରାଯାଇଥିଲା । ମାତୃଭୂମିର ବିଭାଜନର ହୋଇଥିଲା । ୧୯୪୭ ଜୁନ ମାସ ଦୁଇ ତାରିଖ ଥିଲା ସେହି କଳା ଦିନ ଯେଉଁ ଦିନ ଦିଲ୍ଲୀରେ ଏକ ବୈଠକରେ ବସି ନିର୍ଦ୍ଧାରଣ ହେଉଥିଲା ଭାରତର ଭବିଷ୍ୟତ ଓ ଦୁଇଖଣ୍ଡ ହୋଇଥିଲା ଅଖଣ୍ଡ ଭାରତ । ଏହି ବୈଠକରୁ ହୋଇଯାଇଥିଲା ସ୍ୱତନ୍ତ୍ର ପାକିସ୍ତାନ ଦେଶ । ଭାରତ ମାତାର ଶରୀରକୁ କାଟି ପାକିସ୍ତାନ ତିଆରି କରାଯାଇଥିଲା । ସିନ୍ଧୁ ନଦୀ ତା'ର ସନ୍ତାନଙ୍କ ପାଇଁ ପର ହୋଇଗଲା । ଯେଉଁଠାରେ ମୁନି ଋଷି ମାନେ ବସି ବେଦ ରଚନା କରିଥିଲେ, ସେହି ସ୍ଥାନ ଭାରତ ଠାରୁ ଅଲଗା ହୋଇଗଲା । ଆଜି ଖାଲି ଅଖଣ୍ଡ ଭାରତ ବୋଲି ଶୁଣୁଛୁ କିନ୍ତୁ ପ୍ରକୃତରେ ଆମ ଏ ପବିତ୍ର ଭାରତବର୍ଷ ଖଣ୍ଡ ଖଣ୍ଡ ଓ ଆମ ଭାରତ ମାତା ଆଖିରେ ବହୁଛି ଲୋତକର ସୁଅ ।

*ଅରଙ୍ଗାବାଦ, ବରୀ, ଯାଜପୁର*
*ମୋ. ୮୨୪୯୫୦୨୭୭୬*

# ପଢ଼ିବା, ଗଢ଼ିବା : ଓଡ଼ିଶାର ଶୁଭାରମ୍ଭ

■ ସତ୍ୟ ମହାପାତ୍ର ■

ଆଜିକାଲି ବିଭିନ୍ନ କ୍ଷେତ୍ରରେ ସୁଯୋଗ ସୀମିତ । ପିଲାମାନଙ୍କ ଭିତରେ ଥିବା ଲୁକ୍କାୟିତ ପ୍ରତିଭାକୁ ଚିହ୍ନଟ କରନ୍ତୁ । ପିଲାମାନଙ୍କୁ ନିଜ ଇଚ୍ଛାରେ ଉଡିବାକୁ ଦିଅନ୍ତୁ, ସ୍ୱପ୍ନ ଦେଖିବାକୁ ସୁଯୋଗ ଦିଅନ୍ତୁ ଏବଂ ସ୍ୱପ୍ନକୁ ପୂରଣ କରିବା ପାଇଁ ଜଣେ ଜଣେ ମେର ଭାବେ କାମ କରନ୍ତୁ ବୋଲି ନିକଟରେ ଓଡ଼ିଶା ଲୋକପ୍ରିୟ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରାଜ୍ୟସ୍ତରୀୟ ଗୁରୁ ଦିବସ ଉତ୍ସବ ଏବଂ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ସମାରୋହରେ ଯୋଗଦେଇ ଶିକ୍ଷକ ଶିକ୍ଷୟିତ୍ରୀ ମାନଙ୍କୁ ଆହ୍ୱାନ ଦେଇଛନ୍ତି ।

ଆଜିର ଶିକ୍ଷା ପଦ୍ଧତିରେ ଆମ ପାଇଁ ସବୁଠାରୁ ବଡ଼ ଦୁଇଗୋଟି ଆହ୍ୱାନ ରହିଛି । ପ୍ରଥମଟି ହେଲା ଡ୍ରପଆଉଟ ହାରକୁ ଆଶାତୀତ ଭାବେ ହ୍ରାସ କରିବା ଏବଂ ଦ୍ୱିତୀୟଟି ହେଉଛି ସମସ୍ତଙ୍କ ପାଇଁ ଗୁଣାତ୍ମକ ଶିକ୍ଷା ପ୍ରଦାନ ବ୍ୟବସ୍ଥା । ଡ୍ରପ ଆଉଟ ହାରକୁ ରୋକିବା ପାଇଁ ମିଡ ଡେ ମିଲ ବା ମଧ୍ୟାହ୍ନ ଭୋଜନ କାର୍ଯ୍ୟକ୍ରମ ଏକ ସଫଳ ପଦକ୍ଷେପ ଭାବେ ସାବ୍ୟସ୍ତ ହୋଇଛି । ବର୍ତ୍ତମାନ ଆମେ ମଧ୍ୟାହ୍ନ ଭୋଜନ କାର୍ଯ୍ୟକ୍ରମକୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ସମ୍ପ୍ରସାରିତ କରିଛୁ ଏବଂ ପିଲାମାନଙ୍କୁ ପୁଷ୍ଟିକର ଖାଦ୍ୟର ମଧ୍ୟ ବ୍ୟବସ୍ଥା କରିଛୁ । ଜନଜାତି ବର୍ଗର ପିଲାମାନଙ୍କୁ ମଧ୍ୟ ମେଧା ସିଂ ହାତଖର୍ଚ୍ଚ ଯୋଜନା ଜରିଆରେ ସହାୟତା ପ୍ରଦାନ କରାଯାଉଛି । ଏହି ସବୁ ଯୋଜନା ଆଗାମୀ ଦିନରେ ଡ୍ରପଆଉଟ ହାର କମ କରିବାରେ ନିଶ୍ଚିତ ରୂପେ ସଫଳ ହେବ। ସେହିଭଳି ରାଜ୍ୟର ଛାତ୍ରଛାତ୍ରୀ ମାନଙ୍କୁ ଗୁଣାତ୍ମ ଶିକ୍ଷା ପ୍ରଦାନ ପାଇଁ ଲୋକପ୍ରିୟ ମୋହନ ମାଝୀଙ୍କ ସରକାର ନୂତନ ଶିକ୍ଷାନୀତି ଲାଗୁ କରିଛନ୍ତି ।

ନୂତନ ଶିକ୍ଷା ନୀତି ଅଧୀନରେ ଛାତ୍ରଛାତ୍ରୀଙ୍କୁ ସୃଜନଶୀଳ ଓ ସ୍ୱାବଲମ୍ବୀ କରିବା ପାଇଁ ଷ୍ଟେଟ କରିକୁଲମ ଫ୍ରେମୱାର୍କ ଆରମ୍ଭ କରାଯାଇଛି । ପିଲାମାନଙ୍କ ପାଇଁ ଗପ, ଗୀତ, ଖେଳ ଓ ବିଭିନ୍ନ ଶିକ୍ଷଣୀୟ କାର୍ଯ୍ୟ ମାଧ୍ୟମରେ ଭାଷା ସମ୍ପର୍କିତ ଦକ୍ଷତା ବୃଦ୍ଧି ପାଇଁ ନିପୁଣ ଓଡ଼ିଶା କାର୍ଯ୍ୟକ୍ରମ ଗତବର୍ଷ ଠାରୁ ଆରମ୍ଭ ହୋଇଛି। ଆଜି ଠାରୁ ପଢ଼ିବା, ଗଢ଼ିବା ଓଡ଼ିଶା କାର୍ଯ୍ୟକ୍ରମ ଆରମ୍ଭ ହେଲା। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟ ଗୁଡ଼ିକୁ ସୁନ୍ଦର ଓ ଆକର୍ଷଣୀୟ ପଠନ ସ୍ଥାନରେ ପରିଣତ କରି ସରଳ କାହାଣୀ ପୁସ୍ତକ ମାଧ୍ୟମରେ ପିଲାମାନଙ୍କର ପଢ଼ିବା ଓ ବୁଝିବା ଶକ୍ତିକୁ ବିକଶିତ କରାଯିବ । ସରକାର ପ୍ରାଥମିକ ସ୍ତରରେ ଗୁଣାତ୍ମକ ଶିକ୍ଷା ପ୍ରଦାନକୁ ସୁନିଶ୍ଚିତ କରିବା ଲକ୍ଷ୍ୟରେ ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ଯୋଜନା ଆରମ୍ଭ ହୋଇଛି। ଏହି ଯୋଜନାରେ ପ୍ରତ୍ୟେକ ପଞ୍ଚାୟତରେ ଗୋଟିଏ ଲେଖାଏଁ ଆଦର୍ଶ ବିଦ୍ୟାଳୟ ସ୍ଥାପନ ହେବ। ପ୍ରଥମ ପର୍ଯ୍ୟାୟରେ ୫ରୁ ୭କୋଟି ଟଙ୍କା ଖର୍ଚ୍ଚରେ ୮୩୫ଟି ବିଦ୍ୟାଳୟ ନିର୍ମାଣ ପାଇଁ କାର୍ଯ୍ୟକ୍ରମ ସ୍ଥିର ହୋଇଛି । ଏଥି ସହିତ ତିନି ବର୍ଷ ମଧ୍ୟରେ ପ୍ରାଥମିକ ସ୍ତରରେ ୪୫ ହଜାର ଶିକ୍ଷକ ପଦବୀ ମଧ୍ୟ ପୂରଣ କରାଯିବ । ୨୦୩୬ ସୁଦ୍ଧା ସମୃଦ୍ଧ ଓଡ଼ିଶା ଗଠନ ପାଇଁ ଓଡ଼ିଶାର ମୋହନ ଚରଣ ମାଝୀଙ୍କ ନେତୃତ୍ୱର ଡବଲ ଇଞ୍ଜିନ ସରକାର ଲକ୍ଷ୍ୟ ରଖିଛନ୍ତି । ବର୍ତ୍ତମାନ ଛାତ୍ରଛାତ୍ରୀଙ୍କ ପ୍ରତିଭା ଉପରେ ଆମ ସମୃଦ୍ଧ ଓଡ଼ିଶାର ଭିତ୍ତି ନିର୍ଭରଶୀଳ। ପିଲାମାନଙ୍କୁ କିପରି ଗାଇଡ଼ କରି ଭଲ ମଣିଷ କରିବେ ତାହାର ଦାୟିତ୍ୱ କେବଳ ବିଦ୍ୟାଳୟ ବା ଶିକ୍ଷକ ଶିକ୍ଷୟିତ୍ରୀଙ୍କର ନୁହେଁ ବରଂ କହିବାକୁ ଗଲେ ବଣମଲ୍ଲୀ ପରି ଅନେକ ପ୍ରତିଭାବାନ ବିକଶିତ କଳିକା ମାନଙ୍କୁ ଆଗେଇ ନେବା ସହ ସେମାନଙ୍କୁ ସୁଚାରୁରୂପେ ଶିକ୍ଷାବ୍ରତୀ ହେବା ଦାୟିତ୍ୱ ଆମ ସମସ୍ତଙ୍କର ।

ସୂଚନାଥାଉକି ରାଜ୍ୟସ୍ତରୀୟ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର କାର୍ଯ୍ୟକ୍ରମରେ ଶିକ୍ଷା ପ୍ରଦାନ କ୍ଷେତ୍ରରେ ଶ୍ରେଷ୍ଠତା ଅର୍ଜନ କରି ପ୍ରଥମ ସ୍ଥାନରେ ଥିବା ଝାରସୁଗୁଡ଼ା ଜିଲ୍ଲାକୁ ୩ କୋଟି ଟଙ୍କା, ଦ୍ୱିତୀୟ ସ୍ଥାନରେ ଖୋର୍ଦ୍ଧା ଜିଲ୍ଲାକୁ ୨ କୋଟି ଟଙ୍କା ଏବଂ ତୃତୀୟ ସ୍ଥାନରେ ଥିବା ଜଗତସିଂହପୁର ଜିଲ୍ଲାକୁ ୧ କୋଟି ଟଙ୍କାର ପୁରସ୍କାର ପ୍ରଦାନ କରାଯାଇଛି । ସେହିଭଳି ୭୦ଜଣ ଶିକ୍ଷକଙ୍କ ସମେତ ତିନୋଟି ଜିଲ୍ଲା ଶିକ୍ଷା ପ୍ରଶିକ୍ଷଣ ପ୍ରତିଷ୍ଠାନ, ତିନି ଜଣ ଜିଲ୍ଲା ଶିକ୍ଷା ଅଧିକାରୀ ଏବଂ ୧୦ଜଣ ବ୍ଲକ ଶିକ୍ଷା ଅଧିକାରୀଙ୍କୁ ମଧ୍ୟ ପୁରସ୍କୃତ ହୋଇଛନ୍ତି। ମୁଖ୍ୟମନ୍ତ୍ରୀ ଜାତୀୟ ଶିକ୍ଷା ନୀତି ଉପରେ ଆଧାରିତ Odisha Curriculumk Frame work for school Education-2025 ପୁସ୍ତକ, ନିପୁଣ ଓଡ଼ିଶା ଏକ ବର୍ଷ ପୂର୍ତ୍ତି ଉପଲକ୍ଷେ ଏକ କଫି ଟେବୁଲ ବୁକ ନିକଟରେ ଉନ୍ମୋଚନ ହେବାସହ ମୁଖ୍ୟମନ୍ତ୍ରୀ ପଢ଼ିବା, ଗଢ଼ିବା ଓ ଓଡ଼ିଶା ଅଭିଯାନର ଶୁଭାରମ୍ଭ କରିଥିଲେ । ଆମ ସମାଜରେ ଗୁରୁ ଶିଷ୍ୟର ପରମ୍ପରା ଆଦିମ କାଳରୁ ରହି ଆସିଛି । ଶିକ୍ଷକମାନେ ବିଦ୍ୟାର୍ଥୀ ମାନଙ୍କୁ ବ୍ୟକ୍ତିତ୍ୱ ନିର୍ମାଣ, ଶୃଙ୍ଖଳା, ଆଦର୍ଶ ସମାଜ ନିର୍ମାଣ ଆଦି ବିଷୟରେ ଶିକ୍ଷାଦେଇ ସେମାନଙ୍କୁ ଗଢ଼ି ତୋଳିଥାନ୍ତି । ରାଜ୍ୟରେ ସର୍ବୋତ୍ତମ ଶିକ୍ଷାଦାନ ବ୍ୟବସ୍ଥା ପାଇଁ ଲୋକପ୍ରିୟ ମୋହନ ଚରଣ ମାଝୀଙ୍କ ସରକାର ଆମ ସରକାର ପ୍ରଚେଷ୍ଟା କରୁଛନ୍ତି । ଜୀବନ କୌଶଳ, ଏଆଇ, ଧନ୍ଦାମୂଳକ ଶିକ୍ଷା ମାଧ୍ୟମରେ ଛାତ୍ରଛାତ୍ରୀ ମାନଙ୍କ ଦକ୍ଷତା ବିକାଶ କରାଯାଉଛି ଯାହାଫଳରେ ଆଗାମୀ ଦିନରେ ଛାତ୍ରଛାତ୍ରୀମାନେ ପାଠପଢ଼ା ଶେଷ କରିବା ପରେ ଆତ୍ମନିର୍ଭର ହୋଇପାରିବେ ।

ରାଜ୍ୟରେ ଡ୍ରପ ଆଉଟ ହ୍ରାସ କରିବା ପାଇଁ ରାଜ୍ୟ ସରକାର ଅନେକ ପଦକ୍ଷେପ ନେଉଛନ୍ତି । ଚାଇଲ୍ଡ ଟ୍ରାକିଂ ସର୍ଭେ ମାଧ୍ୟମରେ ଅଧାରୁ ପାଠ ଛାଡ଼ିଥିବା ପିଲାମାନଙ୍କୁ ପୁଣି ଥରେ ବିଦ୍ୟାଳୟକୁ ଫେରେଇ ଆଣିବା ପାଇଁ ଉଦ୍ୟମ କରାଯାଉଛି । ଯାହା ଅନ୍ୟ ରାଜ୍ୟମାନଙ୍କ ପାଇଁ ଉଦାହରଣ ପାଲଟିଛି । ଶିକ୍ଷା ବିଭାଗର ବଜେଟରେ ସର୍ବାଧିକ୩୧ ହଜାର କୋଟି ଟଙ୍କାର ପ୍ରାବଧାନ କରାଯାଇଛି । ଭାରତର ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ପୂର୍ବଭାରତର ବିକାଶ କେନ୍ଦ୍ର ଓଡ଼ିଶା ହୋଇଥିବାବେଳେ ଶିକ୍ଷା କ୍ଷେତ୍ରରେ ଓଡ଼ିଶାରେ ନୂଆ ସୋପାନରେ ପହଞ୍ଚିଛି ।

*ଓଡ଼ିଶା ହାଇକୋର୍ଟ, କଟକ*
*ମୋ. ୯୬୫୮୧୦୫୫୩୨*



# ସପ୍ତମ ଋତୁ ପଞ୍ଚମ ସ୍ୱର

ସାହିତ୍ୟ ଆସର



**ସପ୍ତମ ଋତୁ ସାହିତ୍ୟର ଋତୁ । ଏ ଋତୁରେ କୋଇଲି ଗାଏ, ବଉଳ ବାସେ, ମଲ୍ଲୀ ହସେ, କାକର ଝରେ, ବୁଢ଼ିଆଣୀ ଜାଲରେ ତାରକସି ଫୁଲ ଫୁଟେ । ଭଅଁର ଓ ପ୍ରଜାପତିଙ୍କୁ ମତୁଆଲା କରେ ରଜନୀଗନ୍ଧା । ବର୍ଷା ରିମ୍‌ଝିମ୍ ଗାଏ, ପ୍ରକୃତି ଇନ୍ଦ୍ରଧନୁ ଆଙ୍କେ । ପଞ୍ଚମ ତାନରେ ସବୁବେଳେ ଗାଏ କୋଇଲି.......**

## ଡାଇରୀ ସାଇତା କବିତା

● **ରମେଶ ମଙ୍ଗରାଜ**



**୪୫୪**

ଦେହରେ ମାଦକ ଭରା
ଆଖିତଳେ ଆଖିଏ ଚମକ
ଚାଲିଲେ ଦୁଲୁକେ ମହି
ହସିଦେଲେ ଖେଳଇ ପୁଲକ ।୧।

କଥାରେ କଦମ୍ବ ଫୁଟେ
ଝୁମିଗଲେ ମୟୂର ନାଚଇ
ଗାଇଲେ ପଞ୍ଚମ ସୂରେ
କୋଇଲିଟା ଯାଏ ଚୁପ୍ ହୋଇ ।୨।

ତା' ଛୁଆଁ ପାଇବା ପାଇଁ
ଛକିଥାନ୍ତି ହଜାରେ ଭଅଁର
ଗୋଟିଏ ଚାଉଳେ ଗଢ଼ା
ଉର୍ବଶୀ ସେ' ମର୍ତ୍ତ୍ୟ ବୈକୁଣ୍ଠର ।୩।

**୪୫୫**

ନୂଆଣିଆ ଚାଳଘରେ
କଟୁଛି ତା' ନିଆରା ଜୀବନ
ଅନ୍ଧାର ରାତିରେ କେତେ
ତା' କୁଟିରେ ପଡ଼େ ପାଦଚିହ୍ନ ।୧।

ସକାଳକୁ ହଜିଯାଏ
ପାଦ ଚିହ୍ନ ରାତି ତାରା ଭଳି
ସଂଜ ହେଲେ ତା' ଗଳିରେ
ଦେହ ଲୋଭି କରନ୍ତି ଗହଳି ।୨।

କିଏ ଆସି କିଏ ଗଲା
କାହିଁକି ସେ ହିସାବ ରଖିବ
ବୟସେ ବେଉଷା ତା'ର
ଆଜି ଅଛି କାଲି ସରିଯିବ ।୩।

**୪୫୬**

ବଜାରୀ ବସନ୍ତ ତମେ
ଦୁଷ୍ଟାମୀର ସୀମାକୁ ଡେଇଁଛ
ଛତରା ଭଅଁର ହୋଇ
ଛାଇ ଭଳି ଫୁଲକୁ ଛୁଇଁଛ ।୧।

ବେହିଆ ଚାତକ ପରି
ଅନେଇଛ ବରଷା ରାଣୀକି
ଅଲାଜୁକ ଜହ୍ନ ଭଳି
ଖୋଜୁଅଛ ଫୁଲେଇ କଇଁ କି ।୨।

ସବୁ ଦୁଷ୍ଟାମର ପଛେ
ମତଲବ ତୁମର ରହିଛି
ମନଖୋଲି ଭଲପାଅ
ପାଇଯିବ ତମେ ସବୁ କିଛି ।୩।

**ମହୁଲ, ଅଙ୍ଗାରପଡ଼ା, ଖୋର୍ଦ୍ଧା**
**ମୋ. ୯୧୭୮୬୨୬୨୮୦**

## ଶୀତ ଆଜିକାଲି

● **ଲକ୍ଷ୍ମୀପ୍ରିୟା ପୃଷ୍ଟି**

ଯେତେ ମନାକଲେ ଆଖିତ ମାନେନା
ତୋଅରି ସପନ ଆଙ୍କେ
ଫଗୁଣ ସେପାଇଁ ମନ ଊଣା କରି
ମୋଠାରୁ ଦୁରେଇ ରୁଷେ
ଫୁଲ ମନାକରେ ମହକ ଦେବାକୁ
ମୁହଁ ତା ଛିଞ୍ଚାଡ଼ି ଦେଇ
ତୁ ଭାବୁ ବୋଧେ ମୁଁ ଗୋଟେ ଅନାଡି
ପାରେନି କାହାକୁ ଛୁଇଁ... ।

ଶୀତ ଆଜିକାଲି ଭାରି ବେପରୁଆ
ଅନାମିକା ଗପ ଭଳି
ଡ଼ାକେନି ପାଖକୁ ସୁଖ ବାଣ୍ଟିବାକୁ
ଦୁଃଖକୁ କରାଏ ମେଳି ।
କେଶର ରଙ୍ଗର କିଆରି ଭିତରେ
ବସି ମାରୁଥାଏ ମଜା
ଏପଟେ କବିର ତନ୍ଦ୍ରା ତଟରେ
ପଡୁଥାଏ ତାର ଖୋଜା ।





ମାଣ ଖଟୁଲିରେ ଶୀତ ଶୋଭାପାଏ
ନୂଆ ମାଣ, ନୂଆ ଧାନରେ
ବରଷକେ ମାଆ ଲକ୍ଷ୍ମୀ ସା'ନ୍ତାଣି
ପୂଜା ପା'ନ୍ତି ମଗୁଶୀରରେ,
ଶୀତ ଗୋଟାପଣେ ସୁନାପୁଅ
ସାଜେ
ଅମାରେ ଧାନକୁ ଭରି
ଶୀତ ମିଠା ମିଠା ଆଳାପର ସ୍ୱର
ଭାବ ଦରିଆର ବାରି ।

ତୁ ଚିହ୍ନାଇଲୁ ଶୀତ କାଳେ ତୋର
ଗପର ନାୟକଟିଏ
ରାତି ଅଧେ ଆସି ନିରୋଳାରେ ବସି
କାହାଣୀ ତା କହୁଥାଏ,
ହେଲେ ମୁଁ ଭାବେ ଶୀତ ମୋ ପାଇଁ
ଝରା ବଉଳର ସ୍ମୃତି
ବିନା ନିମନ୍ତ୍ରଣେ ନାଚି ନାଚି ଆସି
ଗାଉଥାଏ ତୋର ଗୀତି..... ।

*ଦଶରଥପୁର, ଯାଜପୁର*
*ମୋ. ୭୩୭୭୩୧୮୭୮୯*

## ଶୀତ ସକାଳର ସ୍ମୃତି

### କଥା ଏତିକି

● **ସୁନୀଲ ବୋଷ**



**କୋ**ଇଲା ଆଞ୍ଚରୁ ଧୂଆଁ ଉଠୁଥିଲା। କଟକ ରେଡିଓ ଷ୍ଟେସନ ଖୋଲିବାର ସୂଚନା ଦେଉଥିଲା । ଚା' ଦୋକାନୀ ଜଣକ ରେଡିଓ ଖୋଲି ରଖିଥିଲା । ସକାଳର ବସ୍‌କୁ ଅପେକ୍ଷା କରିଥିବା କିଛି ଲୋକ ଚା' ଖୋଜୁଥିଲେ । ଶୀତ ତା'ର ସ୍ଥିତି ବେଶ୍ ଜମେଇ ନେଇଥିଲା, ତେଣୁ ଚା' ଦୋକାନ ପାଖରେ ଭିଡ଼ ଜମିଥିଲା ।

ନିଦ ମଳମଳ ଆଖିରେ ଚା' ଦୋକାନର ଛୋଟିଆ ପିଲାଟା କୋଇଲା ଆଞ୍ଚର ମୁହଁକୁ ବିଞ୍ଚୁବିଞ୍ଚୁ ଢୁଳେଇ ପଡୁଥିଲା । କିଛି ବାକିଆ ନିଦ ରହିଥିଲା ତା' ଆଖିରେ । ଦୋକାନୀଟି ଧୂଆ ହୋଇ ଥୁଆ ହୋଇଥିବା ଚା' ଗ୍ଲାସ୍‌ରେ ଅଳ୍ପ ପାଣି ନେଇ ତା' ଉପରକୁ ଛାଟିଦେଲା । ପିଲାଟା ତା' ଭୁଲ୍ ବୁଝିପାରିଲା ବୋଧେ ! ଏଥର ଜୋର୍‌ରେ ଜୋର୍‌ରେ ବିଞ୍ଚିବାକୁ ଲାଗିଲା ଚୁଲି ।

ଧୀରେଧୀରେ ଆଞ୍ଚ ଉପରୁ ଧୂଆଁ ଧିମେଇ ଆସିଲା । କୋଇଲା ଲାଲ ଦିଶିଲା । ଲୋକଟା ଚା' ଡେକ୍‌ଚି ବସାଇଲା । ସେତେବେଳକୁ କଟକ ଷ୍ଟେସନ ଖୋଲିସାରିଥାଏ । ଭକ୍ତି ସଙ୍ଗୀତ କାର୍ଯ୍ୟକ୍ରମ 'ବନ୍ଦନା'ରେ ସୁନନ୍ଦା ପଟ୍ଟନାୟକଙ୍କ ଗୀତ ବାଜୁଥାଏ । ସୁନନ୍ଦା ପଟ୍ଟନାୟକଙ୍କ ଗୀତ ସହିତ ସେ ଶୀତ ସକାଳ ଏଯାଏ ମନେଅଛି ।

ବସ୍‌କୁ ଅପେକ୍ଷା କରିଥିବା ଯାତ୍ରୀମାନେ ଚା' ଟିକେ ପିଇଦେଇ ବସ୍ ଚଢ଼ିବା ଆଶାରେ ଥାଆନ୍ତି । ଚା' ଦୋକାନୀଟି କିନ୍ତୁ ମୋଟେ ବ୍ୟସ୍ତ ହେଉନଥାଏ ସେଥିପାଇଁ । ତା' ଚା'ର ନାଁ ଡାକ ରହିଛି, ଏକଥା ସିଏ ଜାଣେ । ନହେଲେ ଏତେ ଲୋକ କାହିଁକି ଘେରିଥାଆନ୍ତେ ତା' ଚୁଲି ଚାରିପଟେ? ଚା' ଦୋକାନର କ'ଣ ଅଭାବ ଅଛି? ତରତର ହୋଇ ସିଏ ତା' ଚା'ର ମାନ ଖଇଚା କରିବାକୁ ଚାହେଁନି କେବେ ।

ଧୂଆଁ ଆଉ ନଥିଲା ଆଞ୍ଚରେ । ଲୋକଟା ଚା' ଛାଣି ଗ୍ଲାସ୍‌ରେ ଢାଳିବା ଭିତରେ ପିଲାଟା ବଢ଼େଇ ଦେଉଥିଲା ଲୋକଙ୍କ ହାତକୁ । ଆମେ ଚା' ଗ୍ଲାସ୍ ନେଇ ଟିକେ ଦୂରକୁ ଚାଲିଗଲୁ ଗପିବା ପାଇଁ । ସକାଳର ଆସର ଆମର ଜମେ ଏଇଠି । ଚା' ଦୋକାନୀ ଜଣକ ଆମ ଖଟି ମେମ୍ବରମାନଙ୍କୁ ଚିହ୍ନେ । ହାତରେ ସମୟ ଥିଲେ ଗପେ ନିଜ କଥା । ଆମେ ପାକଳ ରାତିରେ ପହଞ୍ଚିଲେ ଯଦି କ୍ଷୀର ସରିଯାଇଥାଏ ନାଲିଚା' ବସାଏ ଆମ ପାଇଁ । ପଇସା ନିଏନି ଏ ଚା' ପାଇଁ । ଆମ ଗପରୁ ମଜା ଉଠାଏ ସିଏ । ଖୁବ୍ ମିଜାଜି ମଣିଷ । ଅବସ୍ଥାରେ ପଡ଼ି ଚା' ଦୋକାନ କରିଛି ବୋଲି କହୁଥିଲା ଥରେ ।

ଆମେ ଦୂରରେ ଠିଆରେ ଠିଆରେ ଚା' ପିଇବା ଭିତରେ ପାକଳ ବୟସର ଲୋକଟିଏ ପହଞ୍ଚିଲା ଆମ ପାଖରେ । ଚା' ବସିବା ବେଳଠୁ ତାକୁ ଦେଖିଥିଲୁ ଆମେ । ଖୁବ୍ ଦୟନୀୟ ସ୍ୱରରେ କହିଲା– ବାବୁ ମୁଁ ଟିକେ ଚା' ପିଅନ୍ତି ! ମୋ' ପାଖରେ ପଇସା ନାହିଁ । ମେଡିକାଲରେ ପଡ଼ିଛି ସ୍ତ୍ରୀ । କ୍ଷୀର ପାଇଁ ଆସିଥିଲି, ପଇସା ସରିଗଲା ହାତରୁ ।

ଆମେ ଚା' ଦୋକାନୀକୁ କହିଲୁ ଲୋକଟାକୁ ଗୋଟେ ଚା' ଦେବାକୁ । ଏକଥା ବି କହିଲୁ ସିଏ ଚାହିଁଲେ ତା'କୁ ବିସ୍କୁଟ୍ ବି ଦିଅ !

ଚା' ସରିବା ସହ ଆମ ଖଟି ମଧ ସରିଆସିଥିଲା । ଆମେ ଦୋକାନୀକୁ ପଚାରିଲୁ– ବାବୁ କେତେ ହେଲା ତମର?

ଦୋକାନୀ ଆମ ଚାରିଟା ଚା'ର ହିସାବ ଦେଲା ।

ଆମେ ପଚାରିଲୁ– ଆଉ ସେ ଲୋକର ଚା' ପଇସା ତ ମିଶେଇଲନି?

ଦୋକାନୀ ଜଣକ କହିଲା– ଗୋଟେ ତ ଚା' ପିଇଲା ମୁଁ କ'ଣ ଦେଇପାରିବିନି? ଗୋଟେ ଚା'ର ପଇସା ନନେଲେ କ'ଣ ମୁଁ କାଙ୍ଗାଳ ହୋଇଯିବି? ମୁଁ ବିସ୍କୁଟ୍ ଯାଚୁଥିଲି ଲୋକଟାଙ୍କୁ, ସିଏ ମନା କଲା । ଗଲାବେଳେ କହିଦେଇ ଗଲା– ବାବୁମାନଙ୍କର ମଙ୍ଗଳ ହେଉ ।

ସୁନନ୍ଦା ପଟ୍ଟନାୟକଙ୍କ କଣ୍ଠରେ ''ଜୀବନ ପାତ୍ର ମୋ' ଭରିଛ କେତେ ମୋତେ ନଦେଲ କିଛି ବୋଲି କହିବି କି ହେ ଆଉ !'' ବାଜୁଥିଲା ରେଡିଓରେ । ହାଲ୍‌କା ଖରା ପଡ଼ିଆସୁଥିଲା । ସୁନନ୍ଦା ପଟ୍ଟନାୟକଙ୍କ ଗୀତ ବି ସରିଆସିଥିଲା ।

# ସଂପର୍କର ଦୁଇଟି ଧାର

● **ସମରେନ୍ଦ୍ର ବଳିଆରସିଂହ**



**ସେ**ଦିନ ଢେର ସମୟ କଟିଥିଲା ସାଧନା ପାଖରେ । ତା' ଜୀବନର ସବୁ ଦୁଃଖ ଆଉ ଯନ୍ତ୍ରଣାକୁ ସେ ଯେମିତି ମୋ ପାଖରେ ଅଜାଡ଼ି ଦେଉଥିଲା । ମୋ ଖୁସି ପାଇଁ ସେ ତା' ସର୍ବସ୍ୱ ମଧ୍ୟ ଅଜାଡ଼ି ଦେଉଥିଲା । ମୋ ପାଖରେ ତା' ସର୍ବସ୍ୱର ଯାହା ମୂଲ, ସେଇଥିରୁ ସିଏ ପଠେଇବ ତା' ମା' ପାଖକୁ, ଗାଁକୁ । ଗାଁରେ କେବଳ ତା' ବୁଢୀ ମା' ଆଉ ସାନ ଭଉଣୀ । ବାପା କଥା ପଚାରୁଛନ୍ତି? ..ଗଲା ମହାବାତ୍ୟାରେ ସିଏ ତା' ବାପାକୁ ହରେଇଥିଲା । ଭାଇ ଗୋଟେ ଥିଲା, ତାକୁ ବାତ୍ୟା କୁଆଡେ ଉଡ଼େଇନେଲା ଯେ କିଛି ଜଣାପଡ଼ିଲାନି। ସେଇଠୁ ସିଏ ଏଇଠି.. ଏଇ ବସ୍ତିରେ । ସହରରେ କ'ଣ କିଛି କାମ ଧନ୍ଦା କରିବ କି ଛୋଟମୋଟ ଚାକିରି ଖଣ୍ଡେ କାଳେ ମିଳିଯିବ, ସେଇ ଆଶାରେ ସିଏ ସହରମୁହାଁ ହେଇଥିଲା । ହେଲେ ପରିସ୍ଥିତିର ଚକ୍ରରେ ସହର ତାକୁ ମୁହାଁଇଦେଲା ଏଇଭଳି ପେସାରେ ।

ମୋ ଭଳି ସହରର ଯେତେ 'କାମ ଲୋଲୁପ ମଣିଷ' ତାକୁ ହରଦମ୍ ଗିଳୁଥିଲେ, ଜାଳୁଥିଲେ । ପହିଲେ ପହିଲେ ତାକୁ ଢେର କାମ ମିଳୁଥିଲା । ସେତେବେଳେ ତା' ଯୌବନଟା ଭାରି ତତଲା ଥିଲା, ପୂରା ଜାଳିଦଉଥିଲା । ..ତା' ଜାଳରେ ଆମ ଭଳି ଲୋଲୁପ ମଣିଷଗୁଡ଼ାକ ପୂରା ଅଣ୍ଡା ପଡ଼ିଯାଉଥିଲେ । ତା' 'କାମକଳା'ରେ ଭାରି ଆନ୍ତରିକତା ଥିଲା । ତା' ହିସାବରେ କେବଳ ଦେହର ମିଳନରେ ସୁଖ ମିଳେନା, ତୃପ୍ତି ମିଳେନା ସେଥିପାଇଁ ଲୋଡ଼ା ମନର ମିଳନ । ସେଇଲାଗି ସିଏ ଅନ୍ୟମାନଙ୍କ ଠୁ ଭିନ୍ନ ଥିଲା । ଆମ ଭଳି 'ମନୁଆ ମଣିଷ, ଆବେଗର ମଣିଷ'ମାନଙ୍କ ପାଇଁ ସିଏ ଭାରି ଖାପ୍ ଖାଉଥିଲା । ହୋଇପାରେ ସେଇ ସଂପର୍କ କିଛି ସମୟର, କିନ୍ତୁ ସେଇ ସଂପର୍କ ଭାରି ଗାଢ଼ା ଥିଲା ।

ପହିଲେ ପହିଲେ ତାକୁ ଢେର ଗରାଖ ମିଳୁଥିଲେ । ଏବେ କିନ୍ତୁ ଜୋର୍ କମ୍ପିଟିସନ୍ । ତା'ଭଳି ଆହୁରି ବହୁତ ଝିଅ ଏବେ ଏଇ ଲାଇନ୍‌ରେ । ଅବଶ୍ୟ ସିଏ ଆଉ ଝିଅ ହେଇକି ନାହିଁ, ବୟସ ତିରିଶ ଉତୁରିଗଲେ ତାକୁ କ'ଣ ଝିଅ କୁହାଯିବ କି? ..ଏବେ ଯୋଉ ଝିଅମାନେ ଆସୁଛନ୍ତି ସେମାନେ ତା' ଭଳି ମହାବାତ୍ୟାରେ ସର୍ବସ୍ୱାନ୍ତ ହୋଇନାହାନ୍ତି । ସେମାନଙ୍କ ଭିତରୁ ଅନେକ ତ କଲେଜ ପଢୁଆ ଝିଅ ସେମାନେ ପାର୍ଟ ଟାଇମ୍ କରୁଛନ୍ତି କଲେଜ ସରିଲା ପରେ । ..କେହି କେହି କଲେଜ୍ ନଯାଇ ଫୁଲଟାଇମ୍ ବି କରୁଛନ୍ତି ।

ହଁ, ସେଦିନ ତା' ପାଖରୁ ଫେରିଲାବେଳକୁ ମତେ ତା' ହାତ ତିଆରି ଚା' ପିଆଇଲା । ...ଆଉ କିଛି ସମୟ ଅଟକିବା ପାଇଁ କହୁଥିଲା । ...ଟୁର୍‌ରେ ଯାଇ ବାହାରେ ଖାଇ ଖାଇ ଭଲ ଲାଗୁନଥିବ, ରୋଷେଇ କରିଦଉଚି, ଖାଇଦେଇକି ଯିବେ । ...ମୁଁ କହିଲି, ନାଇଁ ଥାଉ.. ଅନ୍ୟ ଗରାଖ ପୁଣି ଆସିବେ, ତମର ଲସ୍ ହବନି? ...କହିଲା, ସବୁକଥାରେ ଲାଭ–କ୍ଷତି ଦେଖିଲେ ହବନି.. ଭାବର ଗୋଟେ ଅଲଗା ମୂଲ.. ଆପଣ ଜଣେ ଭଲ ମଣିଷ, ଆପଣଙ୍କ ସହ କିଛି ସମୟ ବିତେଇଲେ ଭଲ ଲାଗେ। ଶେଷକୁ ପଚାରିଲା, ଆପଣ ଆଉ କେବେ ଆସିବେ? ..ମୁଁ ଫୋନ୍ କରିବି କି? ..ମୁଁ କହିଲି ନାଇଁ, ମତେ ଫୋନ୍ କରିବା ଦରକାର ନାହିଁ, ମୁଁ ମୋ ଫ୍ରିଟାଇମ୍‌ରେ ଫୋନ୍ କରିବି । ..ସବୁବେଳେ ମିଟିଙ୍ଗ୍ ରହୁଚି, ପୁଣି ଟୁର୍ ପଡୁଚି, ତେଣୁ ସୁବିଧା ଦେଖିକି ଫୋନ୍ କରିବି । ..ସେଠୁ ସିଏ କହିଲା, ହଉ ଫୋନ୍ ସିଓର କରିବେ, ମୁଁ ଅପେକ୍ଷା କରିବି। ସେଦିନ ଟୁର୍‌ରୁ ଫେରି ବେଶ୍ କିଛି ସମୟ କଟିଥିଲା ତା' ପାଖରେ । ଘରକୁ ନଆସି ସିଧା ତା' କତିକି ପଳେଇଥିଲି । ତା' ପାଖରେ ଭାରି ଆରାମ ଲାଗେ । କ୍ଷୁଧା ମେଣ୍ଟିଯାଏ.. ଉଭୟ ଦେହ ଆଉ ମନର । ମେଟ୍ରିକ୍ ଯାଏଁ ପାଠ ପଢିଚି ସିଏ, କିନ୍ତୁ ବେଶ୍ ଜ୍ଞାନ.. କଥାଭାଷା, ଚାଲିଚଳଣ ଭାରି ମାର୍ଜିତ । ଅନ୍ୟ ଦେହଜୀବୀଙ୍କ ଭଳି ତା'ର ଛଳନା ଥିଲାଭଳି କାଇଁ ଲାଗେନି । ବହୁଦିନ ପରେ ତା' ପାଖକୁ ଯାଇଥିଲି, ଦେଢ ହଜାର ଟଙ୍କା ତା' ହାତକୁ ବଢେଇଲି। ମନାକଲା, କହିଲା.. ଏତେ ଟଙ୍କା କାହିଁକି ଦଉଛନ୍ତି । ମୁଁ କହିଲି, ରଖ, ମନା କରନି। ଆଗରୁ ସିଏ ହଜାରେ ଟଙ୍କା ନଉଥିଲା, ଏବେ ତା' ଦର କମିଯାଇଚି.. ସିଏ ଏବେ ୫ଶହ ଟଙ୍କା ନଉଚି । ମୁଁ କିନ୍ତୁ ତା' ଦର କମେଇନି, ବହୁତ ଦିନ ପରେ ଯାଇଥିଲି ତ, ତେଣୁ ଅଧିକା ଦେଲି । ତା' ଗରାଖ ବି କମିଗଲେଣି ନା, ରୋଜଗାର କମିଯିବଣି! ହଁ, ତା' ପାଇଁ ଶାଢ଼ିଟେ ନେଇକି ଯାଇଥିଲି, ଭାରି ଖୁସି ହେଇଗଲା । ମୁଁ ଭାବିଥିଲି, ମୋରି ଆଗରେ ବୋଧେ ନୂଆ ଶାଢ଼ିଟାକୁ ପାଲଟିଦବ! ସିଏ କିନ୍ତୁ କହିଲା, ଏଇଟା ଶିବରାତ୍ରି ଦିନ ପିନ୍ଧିକି ଉପବାସ କରିବି । ଆପଣଙ୍କୁ ବହୁତ ଧନ୍ୟବାଦ ।

ପାଖାପାଖି ତିନି–ଚାରି ଘଣ୍ଟା କଟେଇଲି ସେଦିନ ତା'ପାଖେ, ଆଉ କେତେ ସମୟ ବା ରହିଥାନ୍ତି! ଅବଶ୍ୟ ଘରୁ ସ୍ତ୍ରୀଙ୍କର ଫୋନ୍ ଆସିନଥିଲା ସେଯାଏଁ, ଯଦିଓ ସେ ଜାଣିଥିଲେ ମୁଁ ଫେରୁଚି ବୋଲି । ହଁ, ୟା ପର କାମଟା ଥିଲା ଘରକୁ ଫେରିବା । ଘରକୁ ଫେରିଲି । ଟୁର୍‌ରୁ ଗୁଡ଼ାଏ ଜିନିଷ କିଣିକି ଆଣିଥିଲି । ସ୍ତ୍ରୀଙ୍କ ପାଇଁ ଦାମୀ ଡ୍ରେସ୍‌ଟେ ଆଣିଥିଲି । ଦେଖିକି ଭାରି ଖୁସି ହେଲେ । କହିଲେ, ପଡ଼ିଶାଘର ଭାଉଜଙ୍କ ସାଙ୍ଗରେ ବଜାର ଯାଇଥିଲି, ଭଲ ଶାଢ଼ିଟେ ଦେଖିଥିଲି, ହେଲେ ପାଖରେ ଟଙ୍କା ନଥିବାରୁ କିଣିପାରିଲିନି.. ତେଣୁ କାଲି ଯାଇ ସେଇଟା କିଣିଆସିବା । ଇଚ୍ଛା ନଥିଲେ ବି ମୁଁ ମୁଣ୍ଡ ହଲେଇ ହଁ କଲି । ..ସେଠୁ କହିଲେ, କୋଉ ଗୋଟେ ଜୁଏଲର୍ସ ଭଲ ସ୍କିମ୍‌ଟେ କରିଚି । ମାସକୁ ହଜାରେ ଟଙ୍କା ଲେଖା ଦବ, ଦି' ବର୍ଷ ଦବ... ଦି' ବର୍ଷ ସରିଆସିଲାବେଳକୁ ଶେଷମାସରେ ହଜାରେ ଟଙ୍କା ଜୁଏଲର୍ସ ସେଇ ଟଙ୍କାରେ ମିଶେଇ ସେତିକି ଟଙ୍କାର ଗହଣା ଦବ । ଇଚ୍ଛା ଥାଉ କି ନଥାଉ, କହିଲି ଭଲ ସ୍କିମ୍ । ସେଠୁ କହିଲେ, ପଡ଼ିଶାଘର ଭାଉଜଙ୍କ ଠୁ ହଜାରେ ଟଙ୍କା ଧାରନେଇକି ସ୍କିମ୍‌ଟା ଆରମ୍ଭ କରିଦେଇଚି, ସେଇଟା ତାଙ୍କୁ ଫେରେଇବାକୁ ପଡ଼ିବ.. ଆସନ୍ତା ମାସଠୁ ସେଥିପାଇଁ ହଜାରେ ଟଙ୍କା ଲେଖା ଦବାକୁ ପଡ଼ିବ । ଇଚ୍ଛା ଥାଉ କି ନଥାଉ, ମୁଁ କହିଲି ହଉ । ଶାଢ଼ି, ଗହଣା, ବିଉଟି ପାର୍ଲର.. ଏସବୁ ବାବଦରେ ଗପିଚାଲିଥିଲେ ଧର୍ମପତ୍ନୀ । ମତେ ଭାରି ହାଲିଆ ଲାଗୁଥିଲା, କିନ୍ତୁ ଚା' କପ୍‌ଟେ ବି ମିଳିନଥିଲା ସେ ପର୍ଯ୍ୟନ୍ତ । ତାଙ୍କୁ ବି ଫୁରସତ୍ କୋଉଠି ଥିଲା ଚା' କରିବାକୁ! ସେଠୁ ଧର୍ମପତ୍ନୀଙ୍କ ଫରମାଇସ୍ ଥିଲା, ରାତିରେ ରେଷ୍ଟୁରାଣ୍ଟକୁ ଖାଇବାକୁ ଯିବାକୁ.. ବହୁତ ଦିନ ହେଲା, ଘରେ ଖାଇ ଖାଇ ଚିଡ଼ା ଲାଗିଲାଣି । ..ମୁଁ କହିବାକୁ ଯାଉଥିଲି ଓଲଟା କଥାଟା... ବହୁତ ଦିନ ହେଲା ବାହାରେ ଖାଇ ଖାଇ ଚିଡ଼ା ଲାଗିଲାଣି, ଆଜି ଟିକେ ଘରେ ଖାଇବା । ..ନାଇଁ କହିପାରିଲିନି । ସବୁକଥା କହିହୁଏନା । ସ୍ତ୍ରୀଙ୍କ କଥା ସରିନଥିଲା, ଦାବିର ତାଲିକାରେ ପୂର୍ଣ୍ଣଚ୍ଛେଦ ପଡ଼ିନଥିଲା। କହିଲେ, ଗୋଟେ ଗୁଡ୍ ନିଉଜ୍ ଶୁଣିବ? ...ମୁଁ ବିରକ୍ତିଆ ହେଇକି କହିଲି, କୁହ.. ଗୁଡ୍ ନିଉଜ୍, ବ୍ୟାଡ୍ ନିଉଜ୍ ସବୁ ଶୁଣିବି । କହିଲେ, ସରିତାର ବାହାଘର ଆର ମାସରେ..ତା' ପାଇଁ ମାର୍କେଟିଙ୍ଗ୍ କରିବାକୁ ପଡ଼ିବ । ସରିତା ମୋ ଶାଳୀ । ମୁଁ କହିଲି, ହଉ, କରିବା । ସେଠୁ କହିଲେ, ଖାଲି ସେତିକି ନୁହଁ, ତା' ବାହାଘର ପାଇଁ ତମକୁ ଦି'ଲକ୍ଷ ଟଙ୍କା ଦବାକୁ ପଡ଼ିବ । ପୁଅଘର ଟିକେ ଅଧିକା ଡିମାଣ୍ଡ କରୁଛନ୍ତି, ବାପାଙ୍କ ପାଖରେ ଏତେ ଟଙ୍କା ନାହିଁ । ...ମତେ ରାଗ ଲାଗୁଥିଲା, ହେଲେ ରାଗରେ ପାଣି ଟିକେ ପକେଇ କହିଲି, ମୋ ପାଖରେ ଏତେ ଟଙ୍କା ନାହିଁ, ହାର୍ଡଲି ପଚାଶ ହଜାର ଟଙ୍କା ଦେଇପାରିବି । ମୋ କଥା ଶୁଣି ସ୍ତ୍ରୀ ମୁହଁ ଛିଞ୍ଚାଡ଼ି ପଳେଇଲେ । ରାଗିକି ଯାଇ କଲର୍ସ ଚ୍ୟାନେଲ୍ ଦେଖୁଥିଲେ । ସେଦିନ ରୋଷେଇ ବନ୍ଦ । ମତେ ବି ସେମିତି ଭୋକ ଲାଗୁନଥିଲା, ଚା' ଟିକେ ପିଇବାକୁ ଇଚ୍ଛା ହଉଥିଲା, ପାଣିରେ କାମ ଚଳେଇଦେଲି । ଭାରି ହାଲିଆ ଲାଗୁଥିଲା, ମୁଁ ଯାଇ ଶୋଇପଡ଼ିଲି । ପାହାନ୍ତାରୁ ନିଦ ଭାଙ୍ଗିଗଲା, ମର୍ଣ୍ଣିଙ୍ଗ୍‌ୱାକ୍‌ରେ ବାହାରିଲି । ଗୋଟେ ପଟେ ସୂର୍ଯ୍ୟ ଉଇଁଥିଲେ ଆଉ ଗୋଟେପଟେ ଚନ୍ଦ୍ର ଅସ୍ତ ହେଉଥିଲେ । ଉଭୟ ସୂର୍ଯ୍ୟ ଆଉ ଚନ୍ଦ୍ର ଆକାଶରେ ଥିଲେ ସେଦିନ । ଭାବୁଥିଲି, ଏ ସୂର୍ଯ୍ୟ ଆଉ କିଛି ଘଣ୍ଟା ପରେ ମୁଣ୍ଡ ଉପରକୁ ଆସିଯିବ, ତା' ତା'ପରେ ଜାଳିବ । ପୁଣି ରାତିକି ଚନ୍ଦ୍ର ଆସିବ, ତା' ଶୀତଳତାରେ ଆମକୁ ମୁଗ୍ଧ କରିବ, ଆହ୍ଲାଦିତ କରିବ । କିନ୍ତୁ କାହାକୁ ତ ଛାଡ଼ିହବନି । ଆମ ସ୍ଥିତି ପାଇଁ ସୂର୍ଯ୍ୟ, ଚନ୍ଦ୍ର ଉଭୟ ଲୋଡ଼ା । କିଛିଦିନ ପାଇଁ ଚନ୍ଦ୍ରର ଅନୁପସ୍ଥିତି ଚଳିଯାଇପାରେ, କିନ୍ତୁ ସୂର୍ଯ୍ୟର ଅନୁପସ୍ଥିତିରେ ତ ସବୁ ଅଚଳ ହେଇଯିବ! ମୁଁ ସୂର୍ଯ୍ୟ ଆଉ ଚନ୍ଦ୍ରଙ୍କ ସହ ତୁଳନା କରୁଥିଲି ସ୍ତ୍ରୀ ଆଉ ସାଧନାକୁ । ସଂପର୍କର ଦୁଇଟି ଧାରରେ ଚାଲୁଥିଲି ମୁଁ... ଭାବୁଥିଲି, କିଛି ଭୁଲ୍ କରୁନି ତ, କିଛି ପାପ କରୁନି ତ!

ବିଶ୍ୱାତ୍ମା, ଏମ୍–୨୩,
ବିଡ଼ିଏ କଲୋନୀ, ଖୋର୍ଦ୍ଧା
ମୋ.: ୯୪୩୭୨୩୨୮୯୮

# ସେଇ ଝିଅଟି

● **ମନୋରମା ମିଶ୍ର**



**ସ**ଚରାଚର ଘଟଣା ଘଟିଚାଲିଛି । କେବେ ଆମ ଦୃଷ୍ଟିର ପରିସର ଭିତରେ ତ କେବେ ବାହାରେ । ସେସବୁ ଘଟଣାରୁ ଅନେକ ମନେ ରହେନି । ହେଲେ ଆଉ କିଛି ମନକୁ ଛୁଇଁଯିବା ସହିତ ସବୁଦିନକୁ ମନେ ରହିଯାଏ । ଆମ ଗାଁରେ ଅନେକଦିନ ତଳର ଏମିତି ଘଟଣାଟିଏ ଏଯାଏଁ ମନରେ ବସାବାନ୍ଧି ରହିଛି ।

ନୀଳାମ୍ବର ମହାପାତ୍ର ଆମ ଗାଁର ଜଣେ ମାନ୍ୟଗଣ୍ୟ ବ୍ୟକ୍ତି । ବହୁ ସମ୍ପତ୍ତିର ମାଲିକ ଥିଲେ । ଭଗବାନ ସକଳ ସୁଖ ତାଙ୍କ ଅଣ୍ଟିରେ ଅଜାଡ଼ି ଦେଇଥିଲେ । ଚାରିପୁଅ ତାଙ୍କର । ତା'ପରେ ଝିଅ । ଏଇ ଝିଅଟି କୁଆଡ଼େ ଅଲୋଡ଼ା ଅଖୋଜା ଭଳି ଗର୍ଭରେ ରହିଯାଇଥିଲା ଏବଂ ଏହି ଅବାଞ୍ଛିତ ଭ୍ରୂଣଟିକୁ ଗର୍ଭରୁ ହଟେଇଦେବାକୁ ନୀଳ ମହାପାତ୍ରଙ୍କ ସ୍ତ୍ରୀ ସେତେବେଳେ ସକଳ ଦେଶୀ ଉପଚାରକୁ ନିଜ ଉପରେ ପ୍ରୟୋଗ କରି ଅକୃତକାର୍ଯ୍ୟ ହୋଇଥିଲେ । ଶେଷରେ ଭ୍ରୂଣଟି ଜନ୍ମ ନେଲା ଏକ ଅପୂର୍ବ ସୁନ୍ଦର କନ୍ୟା ରୂପରେ । କିନ୍ତୁ ଦୁର୍ଭାଗ୍ୟର ବିଷୟ ସେଇସବୁ ଗାଉଁଲି ଔଷଧର ପ୍ରଭାବରେ କିମ୍ବା ଗର୍ଭରେ ନାନାଦି ଅବହେଳା ଭିତରେ ରହିଥିବାରୁ କନ୍ୟାଟି କିଛିଦିନ ପରେ ପୋଲିଓ ଆକ୍ରାନ୍ତ ହୋଇ ଗୋଟିଏ ଗୋଡ଼ ତା'ର ଦୁର୍ବଳ ହୋଇଗଲା ଏବଂ ଛୋଟେଇ ଛୋଟେଇ ଚାଲିବା ଭିତରେ କେତେବେଳେ ତା'ର ନିଜସ୍ୱ ନାମଟି ହରାଇ ଛୋଟୀ ନାମରେ ନାମିତ ହୋଇଗଲା ।

ସବୁପ୍ରକାର ଆଦର ଯତ୍ନର ଆଧିକ୍ୟ ଭିତରେ ପାଞ୍ଚଟିଯାକ ପିଲା କ୍ରମେ ବଡ଼ ହୋଇ ଯୋଗ୍ୟ ହୋଇଉଠିଲେ । କହିବା ବାହୁଲ୍ୟ ପୁଅମାନଙ୍କ ପ୍ରତି ଅଧିକ ଧ୍ୟାନ ଦିଆଯାଇଥିଲା । ସେମାନେ ନିକଟସ୍ଥ ସହରରେ ପାଠପଢ଼ି ଡାକ୍ତର, ଇଂଜିନିୟର ଇତ୍ୟାଦି ହୋଇ ସହରାଭିମୁଖୀ ହେଲେ ଏବଂ ବାପା, ମା' ଖୋଜି ଖୋଜି ବଡ଼ଘରୁ ଚାରୋଟି ବୋହୂ ଆଣିଲେ । ପୁଅ ବୋହୂ ଚାକିରି ଜାଗାରୁ ପ୍ରାୟ ସମୟ ଘରକୁ ଆସୁଥିଲେ । ଦୁଇ/ଚାରି ଦିନ ହସଖୁସିରେ କଟେଇ ଫେରିଯାଉଥିଲେ । ଗଲାବେଳେ ଘରୁ ଚାଉଳ, ମୁଗ, ବିରି, ନଡ଼ିଆ, ଗୁଆଘିଅ, କଞ୍ଚା ପାଚିଲା କଦଳୀ ଏବଂ ଅନ୍ୟାନ୍ୟ ପନିପରିବା ବାପା ମା' ଖୁବ୍ ଆଦରରେ ତାଙ୍କ ସହିତ ଦେଉଥିଲେ । ଯାହାହେଲେ ବି ଭବିଷ୍ୟତର ସାହାଭରସା ସେମାନେ । ତାଙ୍କ ଖୁସିରେ ବାପା ମା' ଖୁସି ।

ଝିଅଟି ବି ଖୁବ୍ ଭଲ ପାଠ ପଢୁଥିଲା । କିନ୍ତୁ ଗାଁ ପାଖାପାଖି ସ୍କୁଲ୍‌ରୁ ମେଟ୍ରିକ୍ ପାସ୍ କରି ସିଟି ଟ୍ରେନିଂ ଯାଇ ଘରଠୁ ଚାରି ପାଞ୍ଚ କିଲୋମିଟର ଦୂର ଏକ ବଜାରରେ ଥିବା ସ୍କୁଲ୍‌ଟିରେ ଶିକ୍ଷୟିତ୍ରୀ ଭାବେ ଯୋଗ ଦେଲା ଏବଂ ନିଜର ଶାରୀରିକ ଅପାରଗତା ହେତୁ ବାପା ମା'ଙ୍କ ସମ୍ମତିକ୍ରମେ ସେଇ ସ୍କୁଲ୍ ପାଖରେ ଘରଟିଏ ଭଡ଼ା ନେଇ ରହିଲା । ପରେ ଝିଅର ପ୍ରବଳ ଆପତ୍ତି ସତ୍ତ୍ୱେ ବାପା ମା' ବିବାହ ପ୍ରସ୍ତାବ ପକାଇଥିଲେ । କିନ୍ତୁ ଛୋଟୀ ଝିଅଟି ପାଇଁ ପ୍ରସ୍ତାବଟିଏ ମିଳିବାର ଆଶା, ଆଶାରେ ହିଁ ରହିଯାଇଥିଲା । ମା'ଙ୍କ ମନରେ ସେଦିନଠୁ ଅନୁତାପର ଅନଳଟି ଅନବରତ ଦିକ୍‌ଦିକ୍ ହୋଇ ଜଳୁଥିଲା ।

କାହାରି ସବୁଦିନ ସମାନ ଯାଏନାହିଁ । ଦିନେ ନୀଳ ମହାପାତ୍ରଙ୍କ ବାରିପଟ ବଡ଼ବାଡ଼ିରେ ଚାରିଜଣ ମୂଲିଆ ଲାଗି ସଫା କରି ନୂଆ ନୂଆ ଗଛ ଲଗାଉଥିଲେ । ବଗିଚା କାମ ଦେଖିବାକୁ ଘରୁ ବାହାରି ଯାଇ ବାରି ପାହାଚ ଓହ୍ଲାଉ ଓହ୍ଲାଉ ନୀଳ ମହାପାତ୍ରେ ଅସତର୍କ ଭାବେ ପଡ଼ିଗଲେ ଏବଂ ସେଇଠୁ ହସ୍ପିଟାଲ ଯାଇ ଚିକିତ୍ସିତ ହୋଇ ଘରକୁ ଆସି ମଧ ସେଇ ବେଡ୍‌ରେ ହିଁ ପଡ଼ିରହିଲେ । ଡାକ୍ତର କହିଲେ ପାରାଲିସିସ୍, ସମ୍ପୂର୍ଣ୍ଣ ଭଲ ହେବନି । ସେତେବେଳକୁ ସ୍ତ୍ରୀଙ୍କର ମଧ ବୟସ ହୋଇଯାଇଥିଲା । ଏହାପରେ ଆହୁରି ଭାଙ୍ଗିପଡ଼ିଲେ ସେ । ପୁଅ ବୋହୂମାନେ ଥରେ ଥରେ ଆସି ଖାଲି ଦେଖିଦେଇ ଚାଲିଯାଇଥିଲେ । ସହରକୁ ନେଇ ଭଲ ଟ୍ରିଟ୍‌ମେଣ୍ଟ କରିବା ପାଇଁ ଆଗ୍ରହ ବି ଦେଖାଇଲେନି କେହି । ଅତଏବ କଷ୍ଟେମଷ୍ଟେ ସ୍ତ୍ରୀ, ନୀଳାମ୍ବର ମହାପାତ୍ରଙ୍କର ସେବା ଶୁଶ୍ରୂଷା କରିବାକୁ ଲାଗିଲେ । ପୁଅମାନଙ୍କୁ ମଧ ଠିକ୍ ଚିହ୍ନିଲେ ଏଥର । ଝିଅ କିନ୍ତୁ ସବୁ ଶନିବାର ରବିବାର ଆସୁଥିଲା । ମଝିରେ ମଝିରେ ମଧ ସପ୍ତାହେ ଲେଖା ଛୁଟି ନେଇ ଆସୁଥିଲା । ମା'କୁ ଫୁରୁସତ୍ ଦେଇ ବାପାଙ୍କ ସେବା କରୁଥିଲା । ଗାଁରୁ ଖୋଜି ଜଣେ ସ୍ତ୍ରୀ ଲୋକ ବି ଯୋଗାଡ଼ କରିଦେଲା ମା'କୁ ସାହାଯ୍ୟ କରିବାକୁ । ମା' ମଧ ଝିଅକୁ ଚାହିଁ କୃତଜ୍ଞତାରେ ବିଗଳିତ ହୋଇଯାଉଥିଲେ ଏବଂ ଭାବୁଥିଲେ ଏଇ ଝିଅକୁ ପୁଣି ମୁଁ ଗର୍ଭରୁ ବିନାଶ କରିବା ଉଦ୍ୟମରେ ଥିଲି । ଆହା, ଏଇ ମୋର ଆଜି ସାହା ଭରସା ହେଲା । ଅଥଚ ଯିଏ ସାହା ହେବେ ବୋଲି ଭାବିଥିଲି ଏବେ ସେମାନେ ଟିକେ ଦେଖିବାକୁ ବି ଆସୁନାହାନ୍ତି । ଖାଲି କେବେ କେମିତି ଫୋନ୍‌ଟିକେ ।

ଏମିତିରେ ବର୍ଷେ କଟିଗଲା । ପୁଣି ଅଘଟଣଟେ ଚାହିଁ ରହିଥିଲା । ନୀଳାମ୍ବରଙ୍କ ପତ୍ନୀ ରାତିରେ ସ୍ୱାମୀ ଖାଇପିଇ ଶୋଇବା ପରେ ବାଥ୍‌ରୁମ୍ ଯାଇ ଆସିଲେ ଏବଂ ଶେଯରେ ଶୋଇବା ଉପକ୍ରମ କରୁକରୁ ହାର୍ଟ ଆଟାକ୍‌ରେ ସବୁଦିନ ପାଇଁ ଶୋଇଗଲେ । ଝିଅ କାନ୍ଦି କାନ୍ଦି ଆସି ବାପାଙ୍କୁ ଜଗି ବସିଲା । ପୁଅ ବୋହୂମାନେ ଆସି ମା'ର ଶୁଦ୍ଧଘରର ଦାୟିତ୍ୱ ତୁଲେଇଲେ । ସେମାନଙ୍କ ଫେରିବା ବେଳକୁ ବାପାଙ୍କ ଦାୟିତ୍ୱ ନେବା ପାଇଁ ଭାଇମାନଙ୍କ ଭିତରେ ବାଦ ବିସମ୍ବାଦ, ପାଟିତୁଣ୍ଡ, ଝଗଡ଼ା ଚାଲିଲା । ଭାଉଜମାନେ ପାଟି ନ ଖୋଲି ସେ ଝଗଡ଼ାକୁ ବେଶ ଉପଭୋଗ କରୁଥିଲେ । ଶେଷରେ ଝିଅ ସମସ୍ତଙ୍କ ଆଡ଼େ ଅବଜ୍ଞାର ଦୃଷ୍ଟି ବୁଲାଇ ଆଣି ମୁହଁ ଖୋଲିଲା, 'ଠିକ୍ ଅଛି । ବାପାଙ୍କ ଦାୟିତ୍ୱ କେହି ନେବା ଦର୍କାର ନାହିଁ । ମୁଁ ନେବି, ମୁଁ ତାଙ୍କ ଝିଅ । କିନ୍ତୁ ଚାକିରି ଛାଡ଼ି ଏଠି ତ ରହିପାରିବିନି । ତାଙ୍କୁ ମୋ' ପାଖକୁ ନେଇଯିବି ।'

ଭାଇ ଓ ଭାଉଜମାନେ ଉପରକୁ ନିର୍ବିକାର ରହିଲେ ବି ମନେମନେ ଆଶ୍ୱସ୍ତ ହେଲେ । ଝିଅ ତା' କଥା ରକ୍ଷା କରି ବାପାଙ୍କୁ ନେଇ ନିଜ ଛୋଟ ଭଡ଼ା ଘରଟିର ଏକମାତ୍ର ବଡ଼ କୋଠରୀଟିରେ ରଖିଲା । ଗାଁ'ରୁ ସେଇ ଗରିବ ସ୍ତ୍ରୀଲୋକଟିକୁ ନେଲା । ନିଜେ ଯେତିକି ସମୟ ଓ ସାମର୍ଥ୍ୟ ଦେବା କଥା ଦେଲା । ନୀଳାମ୍ବର ମହାପାତ୍ର ଆହୁରି ଦୁଇବର୍ଷ ସେମିତି ଅବସ୍ଥାରେ ବଞ୍ଚିଥିଲେ । ପୁଅମାନେ ଏହା ଭିତରେ ଏକାଠି ମନ ମିଳେଇ ବାପାଙ୍କଠୁ ମଝିରେ ମଝିରେ ଯିଏ ହେଲେ ଯାଇ ଟିପଚିହ୍ନ ଆଣି ଜମିବାଡ଼ି ସବୁ ଖଣ୍ଡିଏ ମଣ୍ଡିଏ ବିକି କରି ନିଜ ନିଜ ସହରୀ ଜୀବନକୁ ସୁନ୍ଦର ଓ ସୁଦୃଢ଼ କରିଥିଲେ । ଝିଅ ବି ଜାଣିଶୁଣି ଚୁପ୍ ରହିଥିଲା । ତା'ର ସେ ଧନ ପ୍ରତି ଲୋଭ ନଥିଲା ।

ଶେଷରେ ବାପାଙ୍କ ମୃତ୍ୟୁ ବେଳେ ଘର ଖଣ୍ଡିକ ବିକ୍ରି କରି ଭାଇମାନେ ଶୁଦ୍ଧଘର କଲେ । ଗାଁରୁ ନୀଳାମ୍ବର ମିଶ୍ରଙ୍କ ଆଭିଜାତ୍ୟର ବିଲୋପ ଘଟିଲା ଏବଂ ଛୋଟୀ– ସେଇ ଗର୍ଭରୁ ଅବହେଳିତ ଝିଅଟି ବାପା, ମା'ଙ୍କୁ ସାହାରା ଦେଇ ଶେଷରେ ସବୁ ସମ୍ପତ୍ତିରୁ ବିନା ପ୍ରତିବାଦରେ ବଞ୍ଚିତ ହୋଇ, ଚାକିରି ଉପରେ ନିର୍ଭର କରି ଭଡ଼ାଘରେ ଜୀବନ ବିତାଇବାକୁ ବାଧ ହେଲା ।

ତେବେ ପରେ ଶୁଣିଥିଲୁ ସେ ଯେଉଁ ଘରେ ଭଡ଼ା ଥିଲା ସେଇ ଘରବାଲା ମାଉସୀଙ୍କର ସ୍ୱାମୀ ସନ୍ତାନ କେହି ନଥିଲେ । ଛୋଟୀ ତାଙ୍କୁ ବହୁତ ସାହାଯ୍ୟ କରୁଥିଲା । ମାଉସୀ ବି ତାକୁ ଭାରି ଭଲ ପାଉଥିଲେ । ଦୁହେଁ ମା' ଝିଅ ଭଳି ଚଳୁଥିଲେ । ଶେଷରେ ମାଉସୀ ତାଙ୍କର ସବୁ ସମ୍ପତ୍ତି ଛୋଟୀ ନାଁରେ କରି ଦେଇ ପ୍ରମାଣ କରିଦେଲେ ଯେ ସମ୍ପର୍କ ସ୍ନେହ, ଶ୍ରଦ୍ଧାରେ ବି ଗଢ଼ି ହୋଇଯାଏ ଏବଂ ଭାଗ୍ୟ ଓ ଭଗବାନ ଯାହା ପାଇଁ ଯାହା ଖଞ୍ଜିଥାନ୍ତି ସେ ତାହା ପାଏ ନିଶ୍ଚୟ ।

***ନୀଳାଦ୍ରି ବିହାର, ଭୁବନେଶ୍ୱର***
***ମୋ. ୯୮୬୧୫୬୭୮୫୩୨***

# ଓଡ଼ିଶା ଏକ୍ସପ୍ରେସ୍

ଭୁବନେଶ୍ୱର ଓ କେନ୍ଦ୍ରାପଡା ରୁ ଏକସଙ୍ଗେ ପ୍ରକାଶିତ

ଭୁବନେଶ୍ୱର ୧୩ ନଭେମ୍ବର ୨୦୨୫ । ଗୁରୁବାର


## ମା' ନାରାୟଣୀ ମନ୍ଦିର ପ୍ରତିଷ୍ଠା

**କେନ୍ଦ୍ରାପଡ଼ା, ୧୨।୧୧ ଏକ୍ସପ୍ରେସ୍ ନ୍ୟୁଜ୍**

କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ ଗୁଲନଗର ଗ୍ରାମଦେବତୀ ମା' ନାରାୟଣୀ (ଥାନପତି)ଙ୍କ ନୂତନ ମନ୍ଦିରର ପ୍ରତିଷ୍ଠା, ମନ୍ଦିର ବିଜେ, ବାର୍ଷିକ ଉତ୍ସବ ଓ ଅଷ୍ଟମ ପ୍ରହର ନାମଯଜ୍ଞ ମହାସମାରୋହରେ ଉତ୍ସବ ଅନୁଷ୍ଠିତ ହେଉଛି । ଏହା ନଭେମ୍ବର ୧୦ତାରିଖ ଠାରୁ ଆରମ୍ଭ ହୋଇ ୧୩ ତାରିଖ ପର୍ଯ୍ୟନ୍ତ ଚାଲିବ। ଏହି ଅବସରରେ ଗତ ସୋମବାର ଗୋବରୀ ଘାଟରୁ କଳସରେ ଜଳ ଆଣି ଘଟ ସ୍ଥାପନ କରାଯିବା ପରେ ମନ୍ଦିରର ପ୍ରତିଷ୍ଠା, ଧ୍ୱଜାବତରଣ ଓ ଠାକୁରାଣୀଙ୍କ ଗୃହ ପ୍ରବେଶ କରାଯାଇଥିଲା। ମଙ୍ଗଳବାର ଚଣ୍ଡି ଯଜ୍ଞ ଓ ଗିତାଯଜ୍ଞ କରାଯାଇଥିଲା । ବୁଧବାର ଦିନ ଅଧିବାସ ଓ ଗୁରୁବାର ଦିନ ନଗର କୀର୍ତ୍ତନ କରାଯିବ ବୋଲି କମିଟି ପକ୍ଷରୁ ସୂଚନା ଦିଆଯାଇଛି। ଏହି ଅବସରରେ ପ୍ରତିଦିନ ମନ୍ଦିର କମିଟି ପକ୍ଷରୁ ଶ୍ରୀ ଜଗନ୍ନାଥ ଚେତନା ପକ୍ଷରୁ ଶୁଭେନ୍ଦୁ ସ୍ୱାଇଁ ଓ ଲିଙ୍ଗରାଜ ପତିଙ୍କ ଦ୍ୱାରା ପ୍ରବଚନ କାର୍ଯ୍ୟକ୍ରମ ଓ ପ୍ରସାଦ ସେବନ କରାଯାଉଛି । ଏହି ଆବସରରେ ସ୍ଥାନୀୟ ଓ ଆଖପାଖ ଅଞ୍ଚଳରୁ ବହୁ ଶ୍ରଦ୍ଧାଳୁଙ୍କ ଭିଡ ହେଉଛି ।

## କେନ୍ଦ୍ରାପଡ଼ାରେ ଏକତା ପଦଯାତ୍ରା

**କେନ୍ଦ୍ରାପଡ଼ା, ୧୨।୧୧ ଏକ୍ସପ୍ରେସ୍ ନ୍ୟୁଜ୍**

ଲୌହ ମାନବ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ୧୫୦ ତମ ଜୟନ୍ତୀ ଅବସରରେ ଏକତା ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ତିନିମୁହାଣୀ ଛକରୁ ଜିଲ୍ଲାପାଳ ରଘୁରାମ ଆୟର ପତାକା ଦେଖାଇ ଏହି ପଦ ଯାତ୍ରାର ଶୁଭାରମ୍ଭ କରିଥିଲେ। ପଦଯାତ୍ରା ତିନିମୁହାଣୀରୁ ଗରାପୁର, ହାଇସ୍କୁଲ ଛକ, ନୂଆ ବସଷ୍ଟାଣ୍ଡ, ତିନି ମୁହାଣୀ ହୋଇ କେନ୍ଦ୍ରାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟଠାରେ ପହଂଚିଥିଲା। ଏହି ଅବସରରେ ପଦଯାତ୍ର ଯିବା ସ୍ଥାନେ ସ୍ଥାନେ ସଂସ୍କୃତି ବିଭାଗ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ସ୍ଥାନୀୟ କେନ୍ଦ୍ରାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟଠାରେ ଆୟୋଜିତ ଉଦଯାପନି ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ କେନ୍ଦ୍ରାପଡ଼ା ସାଂସଦ ବୈଜୟନ୍ତ ପଣ୍ଡା ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ଅନ୍ୟ ଅତିଥିମାନଙ୍କ ମଧ୍ୟରେ ଉପଜିଲ୍ଲାପାଳ (ରାଜସ୍ୱ) ରବୀନ୍ଦ୍ର କୁମାର ମଲ୍ଲିକ୍, ଜିଲ୍ଲା ସଂସ୍କୃତି ଅଧିକାରୀ ତ୍ରିଭୁବନ ଜୟସିଂ, ଜିଲ୍ଲା କ୍ରୀଡା ଅଧିକାରୀ ଲୋକନାଥ ପାଣିଗ୍ରାହୀ, ମାଇ ଭାରତ ଯୁବକେନ୍ଦ୍ର ଅଧିକାରୀ ଗୋଲୀ ତିରୁପତି ରେଡ୍ଡୀ ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ବିଭିନ୍ନ ପ୍ରତିଯୋଗିତାର କୃତି ଛାତ୍ରଛାତ୍ରୀଙ୍କୁ ପୁରସ୍କାର ବିତରଣ ସହ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା ।

## ଅସହାୟ ପରିବାରକୁ ସହାୟତାର ହାତ ବଢାଇଲା ଟ୍ରଷ୍ଟ

**କେନ୍ଦ୍ରାପଡ଼ା, ୧୨।୧୧ ଏକ୍ସପ୍ରେସ୍ ନ୍ୟୁଜ୍**

ବାଞ୍ଛାନିଧି ଦାସ ଓ ଶ୍ରୀମତୀ ଦେବୀ ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ଏକ ଅସହାୟ ପରିବାରକୁ ଆର୍ଥିକ ସହାୟତା ପ୍ରଦାନ କରାଯାଇଛି। କେନ୍ଦ୍ରାପଡା ଜିଲ୍ଲାର ମହାକାଳପଡା ବ୍ଲକ ଅନ୍ତର୍ଗତ ଦେଉଳିପଡା ଗ୍ରାମର ସୁଶାନ୍ତ ବାରିକ କର୍କଟ ରୋଗରେ ପିଡିତ ହୋଇ ମୃତ୍ୟୁବରଣ କରିଛନ୍ତି। ତାଙ୍କର ପତ୍ନୀଙ୍କ ସମେତ ଦୁଇଟି ଛୋଟ ପିଲା ଅଛନ୍ତି। ଫଳରେ ତାଙ୍କ ପରିବାରଟି ଏକମାତ୍ର ରୋଜଗାରକ୍ଷମ ବ୍ୟକ୍ତିଙ୍କୁ ହରାଇ ଅସହାୟ ହୋଇପଡିଛି। ସେହି ଅସହାୟ ପରିବାରକୁ ସହାୟତାର ହାତ ବଢାଇଛି ବାଞ୍ଛାନିଧି ଦାସ ଓ ଶ୍ରୀମତୀ ଦେବୀ ଚାରିଟେବୁଲ ଟ୍ରଷ୍ଟ। ଟ୍ରଷ୍ଟର ମୁଖ୍ୟ ପୃଷ୍ଟପୋଷକ ଆମେରିକାସ୍ଥିତ ଆଲାସ୍କା ବିଶ୍ୱବିଦ୍ୟାଳୟର ଏମରିଟସ ପ୍ରଫେସର ଡ.ଦେବେନ୍ଦ୍ର କୁମାର ଦାସ କିଛିଦିନ ହେବ କେନ୍ଦ୍ରାପଡା ଆସି ଅବସ୍ଥାନ କରୁଛନ୍ତି। ପ୍ରଫେସର ଡ. ଦାସ କେନ୍ଦ୍ରାପଡା ସହରର ବଡହାଟସ୍ଥିତ ବାସଭବନରେ ମୃତ ସୁଶାନ୍ତଙ୍କ ପତ୍ନୀ ଶସ୍ମିତା ବାରିକଙ୍କୁ ୩ହଜାର ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି। ସହାୟତା ପ୍ରଦାନ ସମୟରେ ଟ୍ରଷ୍ଟର ଟ୍ରଷ୍ଟି ଭୁବନମୋହନ ଦାସ ଉପସ୍ଥିତ ଥିଲେ। ଏଠାରେ ସୂଚନା ଯୋଗ୍ୟ ଯେ ଟ୍ରଷ୍ଟ ପକ୍ଷରୁ ଗରୀବ ତଥା ଅସହାୟ ଲୋକମାନଙ୍କୁ ଆବଶ୍ୟକ ସମୟରେ ଆର୍ଥିକ ସହାୟତା ଏବଂ ଗରୀବ ମେଧାବୀ ଛାତ୍ରଛାତ୍ରୀମାନଙ୍କୁ ପାଠପଢିବା ପାଇଁ ମୋଧାବୃତ୍ତି ପ୍ରଦାନ କରାଯିବା ସହ ଘରପୋଡି, ବନ୍ୟା, ବାତ୍ୟା ଭଳି ଦୈବୀଦୁର୍ବିପାକ ସମୟରେ ମଧ ଟ୍ରଷ୍ଟ ପକ୍ଷରୁ ଶୁଖିଲା ଖାଦ୍ୟ, ବସ୍ତ୍ର, ରୋଷେଇ ସାମଗ୍ରୀ, ଚୂଡା, ଚାଉଳ, ବିସ୍କୁଟ, ରାସନ ପ୍ରଭୃତି ଏବଂ ଚିକିସ୍ଛା ପାଇଁ ଆର୍ଥିକ ସହାୟତା ଦୀର୍ଘ ବର୍ଷ ଧରି ପ୍ରଦାନ କରାଯାଇ ଆସୁଛି। ଟ୍ରଷ୍ଟର ଏଭଳି ସମାଜସେବାମୂଳକ କାର୍ଯ୍ୟକୁ ଅନେକ ସମୟରେ ବହୁ ପ୍ରଶଂସା ମିଳିଛି।

## ହାଇଆଲର୍ଟରେ ତାଳଚୁଆ ସାମୁଦ୍ରିକ ଥାନା

**ରାଜନଗର, ୧୨।୧୧ ଏକ୍ସପ୍ରେସ୍ ନ୍ୟୁଜ୍**

ଦିଲ୍ଲୀରେ ବଡ ଧରଣର ବିସ୍ଫୋରଣ ପରେ ସାରା ଦେଶରେ ହାଇଆଲର୍ଟ ଜାରି ହୋଇଛି । ଏହାକୁ ଦୃଷ୍ଟିରେ ରଖି ରାଜନଗର ବ୍ଲକ ତାଳଚୁଆ ସାମୁଦ୍ରିକ ଥାନା ପକ୍ଷରୁ ବିଭିନ୍ନ ସ୍ଥାନରେ ଯାଞ୍ଚ କରାଯାଉଛି । ସାମୁଦ୍ରିକ ଥାନାଧିକାରୀ ବିମଳକୁମାର ମଲ୍ଲିକଙ୍କ ନେତୃତ୍ୱରେ ଶିବିଶିଷ ଡୁଙ୍ଗଡୁଙ୍ଗ, ଏଏସଆଇ ପ୍ରଦୀପକୁମାର ନାଥ, କନେଷ୍ଟବଲଙ୍କ ସହ ଟେକ୍ନିକାଲ ଷ୍ଟାଫଙ୍କୁ ନେଇ ସମୁଦ୍ର ତଟବର୍ତୀ ଅଞ୍ଚଳ ଓ ସମୁଦ୍ର ଭିତରେ ବୋଟରେ ପାଟ୍ରୋଲିଂ କରାଯାଉଛି । ସମୁଦ୍ର ମଧ୍ୟରେ ଲଙ୍ଗର ପକାଇ ରହିଥିବା ଟ୍ରଲର ଓ ବଡ ବୋଟଗୁଡିକର କର୍ମଚାରୀମାନଙ୍କର କାଗଜାତପତ୍ର ଯାଞ୍ଚ ସହି ଭିତରେ ମଧ୍ୟ କିଛି ସନ୍ଦିଗ୍ଧ ବସ୍ତୁ ଅଛି କି ନାହିଁ ତାହା ତନଖି କରାଯାଉଛି। ବିଶେଷକରି ତାଳଚୁଆ ଘାଟରେ ନଦୀପାର ହେଉଥିବା ଲୋକମାନଙ୍କୁ ଯାଞ୍ଚ କରାଯିବା ସହ ସେମାନଙ୍କ ପରିଚୟପତ୍ର ତନଖି କରାଯାଉଛି। କୌଣସି ବାହାର ଅଚିହ୍ନା ଲୋକଙ୍କୁ ଦେଖିଲେ ତୁରନ୍ତ ଥାନାକୁ ଖବର ଦେବା ପାଇଁ ଲୋକମାନଙ୍କୁ ସଚେତନ କରାଯାଇଛି ବୋଲି ଥାନାଧିକାରୀ ଶ୍ରୀ ମଲ୍ଲିକ ସୂଚନା ଦେଇଛନ୍ତି।

## ସଂଗ୍ରାହକ ନାରାୟଣ ଚନ୍ଦ୍ର ମହାନ୍ତି ସମ୍ବର୍ଦ୍ଧିତ



**ଫୁଲନଖରା, ୧୨।୧୧ ଏକ୍ସପ୍ରେସ୍ ନ୍ୟୁଜ୍**

ଅଗ୍ରଣୀ ସାମାଜିକ ତଥା ସାଂସ୍କୃତିକ ସଙ୍ଗଠନ ଓଡ଼ିଶା ରାଷ୍ଟ୍ରବାଦୀ ସଂଘ (ଓଆରଏସ) ପକ୍ଷରୁ ୪୨ ମୌଜା ଠାରେ ଆୟୋଜିତ ସମ୍ବର୍ଦ୍ଧନା ସଭା ଓ ଆଲୋଚନା ଚକ୍ରରେ କଟକ ସଦର ଅଞ୍ଚଳର ଅଗ୍ରଣୀ ସାମାଜିକ ସଂଗଠନ ଦୟାନିଧି ପ୍ରତିଭା ବିକାଶ ପ୍ରତିଷ୍ଠାନର ସଭାପତି ଅବସରପ୍ରାପ୍ତ ପ୍ରଧାନ ଶିକ୍ଷୟତ୍ରୀ କବୀ ସରୋଜ ନଳିନୀ ପରିଜା ଏବଂ ସାଧାରଣ ସଂପାଦକ ବିଶିଷ୍ଟ ସଂଗଠକ ତଥା ସଂଗ୍ରାହକ ନାରାୟଣ ଚନ୍ଦ୍ର ମହାନ୍ତିଙ୍କ ସହ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ନେଇ ବହୁ ପ୍ରତିଭାଧରଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଓଡ଼ିଶା ରାଷ୍ଟ୍ରବାଦୀ ସଂଘ ତରଫରୁ କଟକ ସଦର ମାଟିରେ ସାରସ୍ୱତ ପ୍ରତିଭା ସମ୍ମାନ କାର୍ଯ୍ୟକ୍ରମ, ସାହିତ୍ୟ ସଂସ୍କୃତି ସେବା ତଥା ପୂଜ୍ୟପୂଜା ପ୍ରଥାକୁ ନେଇ ବିଭିନ୍ନ ମହଲରେ ସଭାପତି ଯୁବ ସମାଜସେବୀ ତଥା ଜ୍ଞାନ ବିଜ୍ଞାନ ପ୍ରଯୁକ୍ତି ବିଦ୍ୟା ଦିଗରେ ଉଚ୍ଚସ୍ତରୀୟ ଗବେଷଣା ରତ ଖ୍ୟାତିସମ୍ପନ୍ନ ଗବେଷକ ଇଂ.ଗିରିଜା ଶଙ୍କର ପତି ଓ କାର୍ଯ୍ୟକର୍ତ୍ତା ବର୍ଗଙ୍କୁ ଭୂୟସୀ ପ୍ରଶଂସା କରାଯାଉଛି। ଏହି ଅବସରରେ ଅଗ୍ରଣୀ ସାମାଜିକ ତଥା ସାଂସ୍କୃତିକ ସଙ୍ଗଠନ ଓଡ଼ିଶା ସାମାଜିକ ଓ ସାଂସ୍କୃତିକ ପରିଷଦ ପକ୍ଷରୁ ସମ୍ବର୍ଦ୍ଧିତ ପ୍ରତିଭାମାନଙ୍କୁ କୃତଜ୍ଞତା ଜ୍ଞାପନ କରାଯାଇଛି।

## 'ଆଡ଼ପ୍ଟ ଜିରୋ ଆକ୍ସିଡେଣ୍ଟ, ଭିଜନ' ଉପରେ ଜାତୀୟ ଆଲୋଚନା



**ଫୁଲନଖରା, ୧୨।୧୧ ଏକ୍ସପ୍ରେସ୍ ନ୍ୟୁଜ୍**

ରାଜ୍ୟର ଅନ୍ୟତମ ନ୍ୟାକ୍ ମାନ୍ୟତା ପ୍ରାପ୍ତ ମ୍ୟାନେଜମେଣ୍ଟ, ଶିକ୍ଷାନୁଷ୍ଠାନ ଆମ୍ରା ସ୍କୁଲ ଅଫ ମ୍ୟାନେଜମେଣ୍ଟରେ 'ଆଡ଼ପ୍ଟ ଜିରୋ ଆକ୍ସିଡେଣ୍ଟ, ଭିଜନ' ଉପରେ ଏକ ଜାତୀୟ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମକୁ ଆଇକିଏଫପି, ସିଏଚ୍‌ଡ଼ିଏନଏଲର ଏବଂ ସସୁଭୂମି ପ୍ରାଇଭେଟ ଲିମିଟେଡ଼ ମିଳିତ ଭାବେ ଆୟୋଜନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଆଇଜିଏଫପିର ପ୍ରତିଷ୍ଠାତା ନିର୍ଦ୍ଦେଶକ ବିକେ ସାହୁ ସଭାପତିତ୍ୱ କରିଥିବା ବେଳେ ଆମ୍ରା ସ୍କୁଲ ଅଫ ମ୍ୟାନେକମେଣ୍ଟର ଅଧ୍ୟକ୍ଷା ପ୍ରଫେସର ଡଃ ଶର୍ମିଳା ସୁବ୍ରମନିୟନ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଓଡ଼ିଶାର ପୂର୍ବତନ ଅର୍ଥମନ୍ତ୍ରୀ ପଞ୍ଚାନନ କାନୁନଗୋ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜିରୋ ଆକ୍ସିଡେଣ, ଭିଜନ ଉପରେ ଗୁରୁତ୍ୱାରୋପ କରିଥିଲେ। ଇଏସଆଇସିର ରିଜିଓନାଲ ଡ଼ାଇରେକ୍ଟର ରୁଦ୍ର ଦତ ସମ୍ମାନିତ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମର ବିଷୟ ବସ୍ତୁ ଉପରେ ବକ୍ତବ୍ୟ ରଖୁଥିଲେ। ସିଏଚ୍‌ଡ଼ିଏନଏଲ୍‌ଆରର ମ୍ୟାନେଜିଙ୍ଗ ଡ଼ାଇରେକ୍ଟର, ପ୍ରଫେସର ଡଃ ଆରକେଏସ୍ ମଙ୍ଗେସ ଦାଶ, ଜିରୋ ଆକ୍ସିଡେଣ୍ଟ, ଭିଜନ ଉପରେ ଆଲୋକପାତ କରିଥିଲେ। ସ୍ୱର୍ଣ ହସପିଟାଲ କାର୍ଯ୍ୟନିବାହ ନିର୍ଦ୍ଦେଶଦ୍ଧ ପ୍ରଫେସର ଡଃ ଘନଶ୍ୟାମ ବିଶ୍ୱାସ ମୁଖ୍ୟବକ୍ତା ଭାବେ ଯୋଗଦେଇ ଜିରୋ ଆକ୍ସିଡେଣ୍ଟ, ଭିଜନର ନିୟମ ଗୁଡ଼ିକ ଉପରେ ମତବ୍ୟକ୍ତ କରିଥିଲେ। ଶିକ୍ଷ ଜଗତର ବିଶିଷ୍ଟ ବ୍ୟକ୍ତି ବିଶେଷ ଏବଂ ବରିଷ୍ଠ ଶିକ୍ଷାବିତମାନଙ୍କୁ ନେଇ ଏକ ଗୁରୁତ୍ୱପୂର୍ଣ୍ଣ ଆଲୋଚ୍ନା ଚ୍କ୍ର ଅନୁଷ୍ଠିତ ହୋଇଥିଲା। ଏହି ଆଲୋଚ୍ନା ଚ୍କ୍ରକୁ ଆସ୍ଥା ସ୍କୁଲ ଅଫ ମ୍ୟାନେଜମେଣ୍ଟର ୨ୟ ବର୍ଷର ଛାତ୍ରୀ ନିଶିତା ଦାଶ ପରିଚ୍ାଳନା କରିଥିଲେ। ଏତତ୍ ବ୍ୟତିତ ଆସ୍ଥା ସ୍କୁଲ ଅଫ ମ୍ୟାନେଜମେଣ୍ଟ ଏବଂ ସିଏଚ୍‌ଡ଼ିଏନଏଲର ମଧ୍ୟରେ ମାନବ ସମ୍ବଳ ବିକାଶ ଉପରେ ଏକ ବୁଝାମଣା ପତ୍ର ସ୍ୱାକ୍ଷରିତ ହୋଇଥିଲା। ଆସ୍ଥା ସ୍କୁଲ ଅଫ ମ୍ୟାନେଜମେଣ୍ଟ,ର କାର୍ଯ୍ୟନିର୍ବାହି ନିର୍ଦ୍ଦେଶକ ଏବଂ ସମ୍ପାଦକ ଡଃ ବଙ୍କିମ ମହାନ୍ତି ଏବଂ ସିଏଚ୍‌ଡ଼ିଏନଏଲ୍‌ଆରର ମ୍ୟାନେଜିଙ୍ଗ ଡ଼ାଇରେକ୍ଟର, ପ୍ରଫେସର ଡଃ ଆରକେଏସ୍ ମଙ୍ଗେସ ଦାଶଙ୍କ ଉପସ୍ଥିତରେ ଆସୁ ସ୍କୁଲ ଅଫ ମ୍ୟାନେଜମେଣ୍ଟର ଟ୍ିନ୍ (ଟ୍ରେନିଂ ଏବଂ ପ୍ଲେସମେଣ) ପ୍ରଫେସର ଜିନାଶିସ ମହାନ୍ତି ଏବଂ ସିଏଚ୍‌ଡ଼ିଏନଏଲ୍‌ଆରର ସଭାପତି ଡଃ ସ୍ୱାତି ପରୋଶି ବୁଝାମଣା ପତ୍ରରେ ସ୍ୱାକ୍ଷର କରିଥିଲେ। ଏହି ଅବସରରେ ସୋସିଆଲ ସିକ୍ୟୁରିଟି ଆସୋସିଏସନ ଓଡ଼ିଶା ଚ୍ାପ୍ଟରର ପୂନଃ ଆରମ୍ଭ ହୋଇଥିଲା। ପରିଶେଷରେ ସ୍ୱସୁଭୂମି ପ୍ରାଇଭେଟ ଲିମିଟେଡ଼ର ସିଓଓ ଡଃ ରଂଜନ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ।

## ଡାକ୍ତରଙ୍କୁ ମାଡମାରି ରୋଗୀ ଫେରାର

**ମାର୍ଶାଘାଇ, ୧୨।୧୧ ଏକ୍ସପ୍ରେସ୍ ନ୍ୟୁଜ୍**

ମାର୍ଶାଘାଇ ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକରତରଙ୍କୁ ଧକ୍କାମାରି ଜଣେ ରୋଗୀ ପଳାଇଥିବା ନେଇ ମାର୍ଶାଘାଇ ଥାନାରେ ଅଭିଯୋଗ ହୋଇଛି । ଅଭିଯୋଗରୁ ଜଣାଯାଏ ଦିନ ପ୍ରାୟ ୧୨.୩୦ ସମୟରେ ଡାକ୍ତର ସାଗରଜ୍ୟୋତି ରାଉତ ଡ୍ୟୁଟିରେ ଥିବା ସମୟରେ ଜଣେ ଯୁବକ ଖଣ୍ଡିଆ ଖାବରା ହୋଇ ଡାକ୍ତରଖାନା ଆସିଥିବା ବେଳେ ଡାକ୍ତର ତାଙ୍କୁ ଡ୍ରେସିଙ୍ଗ ପାଇଁ ପଠାଇ ଥିଲେ। ସେଠାରେ ଆହତ ଯୁବକ ଜଣଙ୍କ ଡ୍ରେସର ଯୁବତୀ ଜଣଙ୍କୁ ଖରାପ ବ୍ୟବହାର କରିଥିଲେ। ଏହି ବିଷୟ ନେଇ ଡକ୍ଟର ରାଉତ ଯୁବକଙ୍କୁ ପଚାରିବାରୁ ଯୁବକ ଜଣଙ୍କ ଡାକ୍ତରଙ୍କୁ ଧକ୍କା ମାରି ପଳାଇଥିଲେ। ଯାହାକୁନେଇ ମାର୍ଶାଘାଇ ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତିକରି ମାର୍ଶାଘାଇ ଥାନା କେଶ ନମ୍ବର (୩୪୪/୨୫)ରେ ମାମଲା ରୁଜୁକରି ତଦନ୍ତ କରୁଥିବା ପୋଲିସ ସୂଚନା ଦେଇଛି ।

## ବିଶ୍ୱ ମିତବ୍ୟୟିତା ଦିବସ



**ବ୍ରହ୍ମପୁର, ୧୨।୧୧ ଏକ୍ସପ୍ରେସ୍ ନ୍ୟୁଜ୍**

ଗଞ୍ଜାମ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସଦଭାବନା ସଭାଗୃହରେ ବିଶ୍ୱ ମିତବ୍ୟୟୀତା ଦିବସ ସଞ୍ଚୟ ଓ ଆର୍ଥିକ ସେବା ବିଭାଗ ପକ୍ଷରୁ ପାଳିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଜିଲ୍ଲାପାଳ ଡ଼ି କୀର୍ତ୍ତି ଓ୍ୱାସନ ନିଜ ବକ୍ତବ୍ୟରେ ସ୍ୱଳ୍ପ ସଞ୍ଚୟ ଦ୍ୱାରା ହିଁ ଦିନେ ଅଧିକ ସଞ୍ଚୟ କରି ହେବ। ନିଜ ଦରମାରୁ ପ୍ରଥମେ ସଞ୍ଚୟ କରିବା ତାପରେ ଖର୍ଚ୍ଚ କରିବା ବୋଲି କହିଥିଲେ। ଅନ୍ୟତମ ଅତିଥି ବୃନ୍ଦ ଅତିରିକ୍ତ ଜିଲ୍ଲାପାଳ ଦେବଦତ୍ତ ପଣ୍ଡା ଓ ସୁନିଲ କୁମାର କେରକେଟା, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ସୀମା ସ୍ୱାଇଁ, ଜିଲ୍ଲା ଆର୍ଥିକ ସେବା ଓ ସଞ୍ଚୟ ଅଧିକାରୀ ସୁଦାମ କୁମାର ସ୍ୱାଇଁ, ବ୍ରହ୍ମପୁର ଅତିରିକ୍ତ ଆର୍ଥିକ ସେବା ଓ ସଞ୍ଚୟ ଅଧିକାରୀ ସ୍ୱାଭିମାନ ସାହୁ, ଭଞ୍ଜନଗର ଅତିରିକ୍ତ ଆର୍ଥିକ ସେବା ଓ ସଞ୍ଚୟ ଅଧିକାରୀ ଲୋପାମୁଦ୍ରା ପଣ୍ଡା, ପୋଷ୍ଟାଲ ଆସିଷ୍ଟାଣ୍ଟ ସୁପେରିଟେଣ୍ଡେ ଛତ୍ରପୁର ଜଓ୍ୱାହର ରାଓ, ଆଇପିପିବି ମ୍ୟାନେଜର ବ୍ରହ୍ମପୁର ବ୍ରାଞ୍ଚ ସମ୍ପତ ଭେଙ୍କଟ ରମଣ ଉପସ୍ଥିତ ଥିଲେ। ସମସ୍ତ ଅତିଥି ସ୍ୱଳ୍ପ ସଞ୍ଚୟ ଓ ଆର୍ଥିକ ବିଭାଗ ଓ ପୋଷ୍ଟାଲର ବିଭିନ୍ନ ଯୋଜନା, ସାଇବର କ୍ରାଇମ ବିଷୟରେ ଅବଗତ କରାଇଥିଲେ। ଏହି ମିତବ୍ୟୟୀତା ଦିବସ ଅବସରରେ ବିଦ୍ୟାଳୟ ଓ ମହାବିଦ୍ୟାଳୟ ସ୍ତରରେ ହୋଇଥିବା ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ପୋଷ୍ଟାଲ ଏଜେଣ୍ଟ, ଜିଲ୍ଲାପାଳ କାର୍ଯ୍ୟାଳୟର ବିଭିନ୍ନ ଅଧିକାରୀ, କର୍ମକର୍ତ୍ତା ଉପସ୍ଥିତ ଥିଲେ।

## ଦେଉଳିଧରପୁର ପଞ୍ଚାୟତରେ ପଲ୍ଲୀରେ ପ୍ରଶାସନ କାର୍ଯ୍ୟକ୍ରମ

**ବାଲିପାଟଣା, ୧୨।୧୧ ଏକ୍ସପ୍ରେସ୍ ନ୍ୟୁଜ୍**



ବାଲିପାଟଣା ବ୍ଲକ ଅନ୍ତର୍ଗତ ଦେଉଳିଧରପୁର ଗ୍ରାମ ପଞ୍ଚାୟତରେ ପଲ୍ଲୀରେ ପ୍ରଶାସନ କାର୍ଯ୍ୟକ୍ରମରେ ୫୮ଟି ଅଭିଯୋଗର ଜନଶୁଣାଣି ହୋଇଛି। ଜିଲ୍ଲା ସହ ପ୍ରକଳ୍ପ ନିର୍ଦ୍ଦେଶିକା କସ୍ତୁରୀ ବାଳା ଜେନା, ବାଲିପାଟଣା ବିଡ଼ିଓ ଶୁଭ୍ରାଂଶୁ ଶେଖର ପାଢୀ, ତହସିଲଦାର କଳ୍ପନା ଦାସ, ମେଡିକାଲ ଅଫିସର ଶ୍ରୀକାନ୍ତ ବେହେରାଙ୍କ ସମେତ ସମସ୍ତ ବିଭାଗୀୟ ଅଧିକାରୀମାନେ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ଆବାସ ଜନିତ ସମସ୍ୟା ସମ୍ପର୍କରେ ସର୍ବାଧିକ ଅଭିଯୋଗ ସହିତ ବାର୍ଦ୍ଧକ୍ୟ ଭତ୍ତା, ଖାଉଟି କାର୍ଡ, ବିଶ୍ୱକର୍ମା ଯୋଜନା ଓ ସର୍ବସାଧାରଣ ରାସ୍ତା ସମସ୍ୟା ସମ୍ପର୍କରେ ବିଚ୍ାର କରାଯାଇଥିଲା। ସରପଞ୍ଚ ଲକ୍ଷ୍ମୀଧର ଭୋଇଙ୍କ ସମେତ ସମସ୍ତ ପଞ୍ଚାୟତସ୍ତରୀୟ କର୍ମକର୍ତ୍ତାମାନେ ସହଯୋଗ କରିଥିଲେ।

## ୧୯ ବର୍ଷରୁ କମ ଓଡ଼ିଶା କ୍ରିକେଟ ଦଳରେ କେନ୍ଦୁଝରର ସାର୍ଥକ ସ୍ୱୟଂପ୍ରକାଶ

**କେନ୍ଦୁଝର, ୧୨।୧୧ ଏକ୍ସପ୍ରେସ୍ ନ୍ୟୁଜ୍**



କେନ୍ଦୁଝରର ଉଦୀୟମାନ କ୍ରିକେଟ ଖେଳାଳି ସାର୍ଥକ ସ୍ୱୟଂପ୍ରକାଶ ୧୯ବର୍ଷରୁ କମ ଓଡ଼ିଶା କ୍ରିକେଟ ଦଳରେ ସାମିଲ ହୋଇଛନ୍ତି। ଓଡ଼ିଶା କ୍ରିକେଟ ଆସୋସିଏସନ ପକ୍ଷରୁ ଘୋଷିତ ୧୯ବର୍ଷରୁ କମ ଦଳରେ ସାର୍ଥକ ସ୍ଥାନ ହାସଲ କରିବା ସହ ବିସିସିଆଇ ବୋର୍ଡ ଅଫ କଣ୍ଟ୍ରୋଲ ଫର କ୍ରିକେଟ ଇନ ଇଣ୍ଡିଆ ଆନୁକୂଲ୍ୟରେ ଚ଼ଳିତମାସ ୧୬ ତାରିଖରୁ ମହାରାଷ୍ଟ୍ରରେ ଆରମ୍ଭ ହୋଇ ଆନ୍ଧ୍ରପ୍ରଦେଶ, ଉତ୍ତରାଖଣ୍ଡ ଏବଂ ଓଡ଼ିଶାରେ ଅନୁଷ୍ଠିତ ହେବାକୁଥିବା କୁଚ୍ ବିହାର ଟ୍ରଫି ମ୍ୟାଚ୍‌ରେ ରାଜ୍ୟ ତରଫରୁ ଖେଳିବା ପାଇଁ ଯୋଗ୍ୟ ବିବେଚ୍ିତ ହୋଇଛନ୍ତି। ସୂଚ୍ନାଯୋଗ୍ୟ ଯେ, ଗତ ବର୍ଷ ମଧ ସେ ଓଡ଼ିଶା ରାଜ୍ୟ ଦଳରେ ସାମିଲ୍ ହୋଇ କୁଚ୍ ବିହାର ଟ୍ରଫି ପାଇଁ ଖେଳିଥିଲେ। ନିର୍ମଳା କନଭେଣ୍ଟ ସ୍କୁଲ କେନ୍ଦୁଝରରୁ ମାଟ୍ରିକ ପାସ ପରେ ରେଭେନସା ଉଚ୍ଚ ମାଧମିକ ବିଦ୍ୟାଳୟ କଟକରେ ଯୁକ୍ତ ଦୁଇ ପଢ଼ିଥିଲେ ଏବଂ ବର୍ତ୍ତମାନ ରେଭେନସା ୟୁନିଭରସିଟି କଟକରେ +୩ ପ୍ରଥମ ବର୍ଷ କଳାରେ ଅଧ୍ୟୟନରତ ସାର୍ଥକ ବରିଷ୍ଠ ପ୍ରଶିକ୍ଷକ ଗିରୀଶ ଚ୍ନ୍ଦ୍ର ହୋତା ଏବଂ ବୋଦାପଳସା କ୍ରିକେଟ କ୍ଲବର ବରିଷ୍ଠ ପ୍ରଶିକ୍ଷକ ତଥା ମାର୍ଗଦର୍ଶକ ସୁଧାଂଶୁ ନାୟକଙ୍କ ପ୍ରତ୍ୟକ୍ଷ ପ୍ରଶିକ୍ଷଣ ଦ୍ୱାରା ଓଡ଼ିଶା ଦଳରେ ପୁନର୍ବାର ସ୍ଥାନ ପାଇ ବେଶ ଖୁସି ଅଛନ୍ତି। ସୂଚ୍ନାଯୋଗ୍ୟ ଯେ, ୨୦୨୧ ମସିହା ୧୬ବର୍ଷରୁ କମ କ୍ରିକେଟ ଦଳରେ ବିଜୟ ମର୍ଚ୍ଚଣ୍ଟ ଟ୍ରଫି ପାଇଁ ମଧ ସାର୍ଥକ ଚ୍ୟନ ହୋଇଥିଲେ। ସୂଚ୍ନା ଓ ଲୋକସମ୍ପର୍କ ବିଭାଗର ଯୁଗ୍ମନିର୍ଦ୍ଦେଶକ ତଥା ରାଜ୍ୟପାଳଙ୍କ ଲୋକସମ୍ପର୍କ ଅଧିକାରୀ ସଞ୍ଜୀବ ବାରିକ ଏବଂ ରଂଜିତା ବାରିକଙ୍କ କନିଷ୍ଠ ପୁତ୍ର ସାର୍ଥକଙ୍କୁ ଏହି ସଫଳତା ପାଇଁ କେନ୍ଦୁଝର ଜିଲ୍ଲା କ୍ରୀଡ଼ା ସଂସ୍ଥାର ସାଧାରଣ ସମ୍ପାଦକ ସଂଗ୍ରାମ ପଟ୍ଟନାୟକଙ୍କ ସମେତ ବିଭିନ୍ନ ବ୍ୟକ୍ତିବିଶେଷ ତାଙ୍କର ସଫଳତା ପାଇଁ ଶୁଭେଚ୍ଛା ଜଣାଇଛନ୍ତି ଏବଂ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି ।

## ବରିଷ୍ଠ ନାଗରିକ ଓ ପେନସନ ଭୋଗୀଙ୍କ ନିମନ୍ତେ ଆର୍ଥିକ ସଚେତନତା

**ଭବାନୀପାଟଣା, ୧୨।୧୧ ଏକ୍ସପ୍ରେସ୍ ନ୍ୟୁଜ୍**

ସଞ୍ଚୟ ପକ୍ଷ ପାଳନ ଉପଲକ୍ଷେ ଜିଲ୍ଲା ସଞ୍ଚୟ ଓ ଆର୍ଥିକ ସେବା ବିଭାଗ ତରଫରୁ ବୁଧବାର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ ସଦଭାବନା ସଭା ଗୃହରେ ବୁଧବାର ବରିଷ୍ଠ ନାଗରିକ ଓ ପେନସନ ଭୋଗୀଙ୍କ ନିମନ୍ତେ ସହକାରୀ ନିର୍ଦ୍ଦେଶକ ଜିଲ୍ଲା ସ୍ୱଳ୍ପ ସଞ୍ଚୟ ଓ ଆର୍ଥିକ ସେବା ବିବେକାନନ୍ଦ ମହାନନ୍ଦଙ୍କ ଅଧକ୍ଷତାରେ ଆର୍ଥିକ ସାକ୍ଷରତା ଓ ସାଇବର ଅପରାଧ ସମ୍ପର୍କରେ ସଚେତନତା ଶିବିର ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲ୍ଲା କୋଷାଗାର ଅଧିକାରୀ ପ୍ରଦୀପ କୁମାର ମଲିକ, ଜିଲ୍ଲା ସୂଚ୍ନା ଓ ଲୋକ ସମ୍ପର୍କ ଅଧିକାରୀ ହଳଧର ନିଆଲ, ଜିଲ୍ଲା କ୍ରୀଡା ଅଧିକାରୀ ରମେଶ ଚ୍ନ୍ଦ୍ର ପାଢି, ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ରୂପ ସିଂ ରାଉତ, ଜିଲ୍ଲା ଯୁବ ଅଧିକାରୀ ନେହେରୁ ଯୁବ କେନ୍ଦ୍ର ପ୍ରସନ୍ନ ମେହେର, ଆଇ ଆଇ ସି, ସାଇବର କ୍ରାଇମ, ସର୍ବେଶ୍ୱର ମହାନ୍ତି, ଡିଓ, ପିଏଲ୍‌ଆଇ, ଅଭିଷେକ ପଣ୍ଡା ଯୋଗଦେଇ ଆର୍ଥିକ ସାକ୍ଷରତା ଓ ସାଇବର ଅପରାଧ ସମ୍ପର୍କରେ ଆଲୋକପାତ କରିଥିଲେ। କୌଣସି ଅର୍ଥ ଲଗାଣ ସଂସ୍ଥା, ଚ୍ିଟଫଣ୍ଡ ଠକେଇରେ ନ ପଡି ନିଜର ସଞ୍ଚୟ ଅର୍ଥକୁ କିପରି ସୁରକ୍ଷିତ ଭାବରେ ଜାତୀୟ ବ୍ୟାଙ୍କ, ପୋଷ୍ଟାଲ ଅଫିସ ମାଧ୍ୟମରେ ସଞ୍ଚୟ କରିରଖି ଲାଭବାନ ହୋଇପାରିବେ ସେ ସମ୍ପର୍କରେ ସୂଚ୍ନା ଦେଇଥିଲେ। ଡାକଘର ମାଧ୍ୟମରେ ଉପଲବ୍ଧ ହେଉଥିବା ବିଭିନ୍ନ ସ୍କିମର ସଞ୍ଚୟ ଖାତା ଖୋଲି ତାର ଲାଭ କିପରି ଉଠାଇ ପାରିବେ ସେ ସମ୍ପର୍କରେ ପୋଷ୍ଟାଲ ବିଭାଗୀୟ ଅଧିକାରୀମାନେ ଅବଗତ କରାଇଥିଲେ। ବର୍ତ୍ତମାନ ସାଇବର୍ ଅପରାଧ ଘଟୁଥିବାରୁ ଏଥିପ୍ରତି କିପରି ସଚେତନ ହୋଇ ନିଜର ସ୍ମାର୍ଟ ଫୋନ ବ୍ୟବହାର ସମୟରେ ଅଧିକ ସଚେତନତା ଅବଲମ୍ବନ କରିବା ପାଇଁ ମଧ୍ୟ ଅତିଥିମାନେ ପରାମର୍ଶ ଦେଇଥିଲେ। ଏଥିରେ ଅବସର ପ୍ରାପ୍ତ ସରକାରୀ କର୍ମଚ୍ାରୀ ସଂଘର ଜିଲ୍ଲା ସଭାପତି ଶରତ ଚ୍ନ୍ଦ୍ର ନାୟକ, ଅବସର ପ୍ରାପ୍ତ ଜେଲ ସୁପରିଟଣ୍ଡେଣ୍ଟ ପ୍ରେମାନନ୍ଦ ବାଗଙ୍କ ସମେତ ଅବସର ପ୍ରାପ୍ତ ସରକାରୀ ଅଧିକାରୀ, ପେନସନ୍ ଭୋଗୀ, ବରିଷ୍ଠ ନାଗରିକ ପ୍ରମୁଖ ଯୋଗଦେଇଥିଲେ। କାର୍ଯ୍ୟକ୍ରମକୁ ସହକାରୀ ନିର୍ଦ୍ଦେଶକ ଜିଲ୍ଲା ସ୍ୱଳ୍ପ ସଞ୍ଚୟ ବିଭାଗ ଶ୍ରୀ ମହାନନ୍ଦ ପରିଚ୍ାଳନା କରିଥିଲାବେଳେ ଜିଲ୍ଲା ସୂଚ୍ନା ଓ ଲୋକ ସମ୍ପର୍କ ଅଧିକାରୀ ଶ୍ରୀ ନିଆଲ ଶେଷରେ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## ଓକିଲ ସଂଘ ଓ ଜିଲ୍ଲା ଆରକ୍ଷୀ ଅଧିକ୍ଷକଙ୍କ ମିଳିତ ବୈଠକ

**ଢେଙ୍କାନାଳ, ୧୨।୧୧ ଏକ୍ସପ୍ରେସ୍ ନ୍ୟୁଜ୍**

କେନ୍ଦ୍ରାଞ୍ଚଳ ଆଇଜି ସତ୍ୟବ୍ରତ ଭୋଇଙ୍କ ହସ୍ତକ୍ଷେପ ପରେ ପୋଲିସ୍ ଓ ଓକିଲଙ୍କ ମଧ୍ୟରେ ଦେଖାଦେଇଥିବା ସାମୟିକ ତିକ୍ତତାର ପୂର୍ଣ୍ଣଛେଦ ପଡିଲା । ସ୍ମାର୍ଟ ମିଟରକୁ ନେଇ ଜିଲ୍ଲା ଓକିଲ ସଂଘ ବିଦ୍ୟୁତ୍ ଅଧିକ୍ଷଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ଘେରାଉ କରିବା ସମୟରେ ପୋଲିସ୍ ଓ ଓକିଲ ସଂଘ କର୍ମକର୍ତ୍ତାଙ୍କ ମଧ୍ୟରେ ତିକ୍ତତା ଦେଖାଦେଇଥିଲା । ଏହାକୁ ନେଇ ପୋଲିସ୍ ଜିଲ୍ଲା ଓକିଲ ସଂଘ ଉପସଭାପତିଙ୍କ ଘରେ ଚଢାଉ କରିଥିଲା । ଏହାକୁ ନେଇ ଓକିଲ ସଂଘ କ୍ଷୁବ୍ଧ ହୋଇପଡିବା ସହ ପୋଲିସ୍‌କୁ ବିଭିନ୍ନ କ୍ଷେତ୍ରରେ ଅସହଯୋଗ କରିବେ ବୋଲି ଚେତାବନୀ ଦେଇଥିଲେ । ୧୦ ତାରିଖ ସୋମବାର କଲମଛାଡ ଆନ୍ଦୋଳନ ଓ ଜିଲ୍ଲା ପୋଲିସ୍ ମୁଖ୍ୟାଳୟକୁ ଘେରାଉ କରିବା ପାଇଁ ଏକ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ଏହାକୁ ନେଇ ପୋଲିସ୍ ଓ ଓକିଲ ସଂଘ ମଧ୍ୟରେ ଛକାପଞ୍ଝା ଲାଗି ରହିଥିଲା । ପରେ ଏହାର ସାମୟିକ ସମାଧାନର ସୂତ୍ର ବାହାରିଥିଲେ। ଏହାକୁ ନେଇ ଢେଙ୍କାନାଳ ଜିଲ୍ଲା ଓକିଲ ସଂଘ ସଭାଗୃହରେ ସଂଘର ସଭାପତି ଗୋପାଳ ଚନ୍ଦ୍ର ପାତ୍ରଙ୍କ ଅଧ୍ୟକ୍ଷତାରେ ଏକ ଜରୁରୀ ବୈଠକ ଅନୁଷ୍ଠିତ ହୋଇଥିଲା। ସଂଘର ଉପସଭାପତି ଟଙ୍କଧର ବେହେରାଙ୍କ ନାମରେ ପୋଲିସ୍ ପକ୍ଷରୁ କରାଯାଇଥିବା ଏକ ମିଥ୍ୟା କେଶ୍ ଏସ୍‌ସି ଏବଂ ଏସ୍‌ଟି କେଶ୍ ଓ ପୋଲିସ୍‌ର ମାତ୍ରାଧିକ କାର୍ଯ୍ୟାନୁଷ୍ଠାନକୁ ବିରୋଧ କରି ଏହି ନିଷ୍ପତ୍ତି ନିଆଯାଇଥିଲା । ଗତ ଶନିବାର ୮ ତାରିଖ ଦିନ କେନ୍ଦ୍ରାଞ୍ଚଳ ଆଇଜି ସତ୍ୟବ୍ରତ ଭୋଇ ଓ ଓକିଲ ସଂଘ ସଭାପତି ଗୋପାଳ ଚନ୍ଦ୍ର ପାତ୍ରଙ୍କ ମଧ୍ୟରେ ଟେଲିଫୋନ୍ ମାଧ୍ୟମରେ ଏହି ବିବାଦର ସମାଧାନର ପନ୍ଥା ସଂପର୍କରେ ଆଲୋଚନା ହୋଇଥିଲା । ଆଇଜିଙ୍କ ତରଫରୁ ଢେଙ୍କାନାଳ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଓ ଜିଲ୍ଲା ଓକିଲ ସଂଘ ମଧ୍ୟରେ ଏକ ମିଳିତ ବୈଠକର ପ୍ରସ୍ତାବ ଦିଆଯାଇଥିଲା । ଏହି ପ୍ରସ୍ତାବ ବିଷୟରେ ଆଜିର ବୈଠକରେ ପୁଙ୍ଖାନୁପୁଙ୍ଖ ଆଲୋଚନା ହୋଇଥିଲା । ପୋଲିସ୍ ବିଭାଗ ନିଜ ତରଫରୁ ସମାଧାନର ହାତ ବଢାଇଥିବାରୁ ବୈଠକରେ ଉପସ୍ଥିତ ସମସ୍ତ ସଦସ୍ୟ ଏହି ପ୍ରସ୍ତାବକୁ ସ୍ୱୀକାର କରିବା ପାଇଁ ସର୍ବସମ୍ମତି ନିଷ୍ପତ୍ତି ଗ୍ରହଣ କରିଥିଲେ। ଏହି ପରିପ୍ରେକ୍ଷୀରେ ଓକିଲ ସଂଘ ସଭାପତିଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ଜିଲ୍ଲା ଆରକ୍ଷୀ ଅଧିକ୍ଷକଙ୍କ ଦ୍ୱାରା ଗଠିତ ଏକ ପୋଲିସ୍ ପ୍ରତିନିଧି ଦଳଙ୍କ ସହିତ ଆଲୋଚନା କରିଥିଲେ । ଏହି ଆଲୋଚନାରେ ଉଭୟ ପକ୍ଷ ନିଜ ନିଜର ମତ ଉପସ୍ଥାପନା କରିଥିଲେ ଏବଂ ମିଳାମିଶାର ପ୍ରସ୍ତାବ ଗ୍ରହଣ କରିଥିଲେ । ଏହି ପ୍ରତିନିଧି ଦଳରେ ସଂଘର ସମ୍ପାଦକ ତାପସ କୁମାର କବିଶତପଥୀ, ସହ-ସମ୍ପାଦକ ଉତମ ଦାସ, କାର୍ଯ୍ୟକାରୀ ସଦସ୍ୟ ପ୍ରେମାନନ୍ଦ ବିହାରୀ ଓ କମଳା ସାହୁ, ପୂର୍ବତନ ସଭାପତି ସୁରେନ୍ଦ୍ର ମିଶ୍ର, ଦୀପକ ପ୍ରସାଦ ପଟ୍ଟନାୟକ, ପଙ୍କଜ ଲୋଚନ ସାହୁ, ଶିବସାଇ ମହାପାତ୍ର ଏବଂ ବରିଷ୍ଠ ସଭ୍ୟ ସୁବୋଧ ମହାନ୍ତି, ଭାବଗ୍ରାହୀ ପଣ୍ଡା, ନିର୍ମଳ ମିଶ୍ର, କିଶାନ୍ ବିଶ୍ୱାଳ, ରାଜେନ୍ଦ୍ର ନାରାୟଣ ରାଉତ ପ୍ରମୁଖ ଯୋଗଦେଇଥିଲେ ।

## 'ମୋ ଖତ' ବିକ୍ରୟ କେନ୍ଦ୍ର ଉଦ୍‌ଘାଟିତ

**ଢେଙ୍କାନାଳ, ୧୨।୧୧ ଏକ୍ସପ୍ରେସ୍ ନ୍ୟୁଜ୍**

ଢେଙ୍କାନାଳ ଗଣେଶ ବଜାରସ୍ଥିତ ଗୋପବନ୍ଧୁ ଟାଉନ ହଲ ସମ୍ମୁଖରେ ପୌରପାଳିକା ପକ୍ଷରୁ 'ମୋ ଖତ' ବିକ୍ରୟ କେନ୍ଦ୍ର ଉଦ୍‌ଘାଟିତ ହୋଇଯାଇଛି। ଢେଙ୍କାନାଳ ପୌରାଧକ୍ଷା ଜୟନ୍ତୀ ପାତ୍ର, ପୌରନିର୍ବାହୀ ଅଧିକାରୀ ଅଶ୍ୱନୀ କୁମାର ଦାସ, ପୌରଯନ୍ତ୍ରୀ ରଶ୍ମିତା ମିଶ୍ରଙ୍କ ଅଧକ୍ଷତାରେ ଏହାକୁ ଉଦ୍‌ଘାଟନ କରାଯାଇଥିଲା। ସାନିଟାଇଜ୍ ଇନ୍‌ସପେକ୍ଟର ବିଭୂତି ଭୂଷଣ ସ୍ୱାଇଁ, ସାନିଟାଇଜ୍ ଏକ୍ସପର୍ଟ ସୌଭାଗ୍ୟ ରନ ମଲ୍ଲିକ ଓ ସମସ୍ତ ସ୍ୱଚ୍ଛ ସାଥିଙ୍କ ଉପସ୍ଥିତିରେ ଏହାକୁ ଉଦ୍‌ଘାଟନ କରାଯାଇଥିଲା। ହୋଟେଲ ଓ ପରିବା ମାର୍କେଟ ଘରରୁ ସଂଗ୍ରହ ହେଉଥିବା ଜୈବିକ ଅଳିଆ ଆବର୍ଜନାରୁ ଏହି ଖତ ବିନା ରାସାୟନିକ ପଦାର୍ଥ ମିଶ୍ରଣରେ ପ୍ଲାଂଟ୍ ପ୍ରସ୍ତୁତ କରାଯାଉଛି।

## ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକଙ୍କୁ ଏକାଦଶ ତିଥିରେ ଶ୍ରଦ୍ଧାଞ୍ଜଳି

**ବାଙ୍କୀ, ୧୨।୧୧ ଏକ୍ସପ୍ରେସ୍ ନ୍ୟୁଜ୍**



ବାଙ୍କୀ ବ୍ଲକ ଅନ୍ତର୍ଗତ ପଥୁରୀପଡାର ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ପୂର୍ବତନ ସଭାପତି ତଥା ସୁସଂଗଠକ ସ୍ୱର୍ଗତ ଗୋବିନ୍ଦ ଚନ୍ଦ୍ର ତ୍ରିପାଠୀଙ୍କ ଏକାଦଶାହ ତିଥିରେ ଏକ ଶ୍ରଦ୍ଧାଞ୍ଜଳି ସଭା ତାଙ୍କ ବାସଭବନ ପଥୁରୀପଡା ଠାରେ ଅନୁଷ୍ଠିତ ହୋଇଯାଇଛି। ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପଥୁରୀପଡାର ସଭାପତି ଅଶୋକ କୁମାର ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶ୍ରଦ୍ଧାଞ୍ଜଳି ସଭାରେ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ଶ୍ରୀମଦ୍‌ଗୀତା ଦ୍ୱାଦଶ ଅଧ୍ୟାୟ ଆବୃତି କରାଯାଇଥିଲା। ଅତିଥିମାନେ ସ୍ୱର୍ଗତ ତ୍ରିପାଠୀଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ ସହିତ ସ୍ମୃତିଚାରଣ କରିଥିଲେ। ସ୍ୱର୍ଗତ ତ୍ରିପାଠୀ ଜଣେ ଦକ୍ଷ ପ୍ରଧାନ ଶିକ୍ଷକ ଓ ଏହି ଅଞ୍ଚଳର ଶିକ୍ଷାର ବିକାଶ ପାଇଁ ତାଙ୍କର ଭୂମିକା ଅନନ୍ୟ ଥିଲା ବୋଲି ଅତିଥିମାନେ ପ୍ରକାଶ କରିଥିଲେ। ଶିଶୁ ବିଦ୍ୟାମନ୍ଦିରର ସଂପାଦକ ସୁନୀଲ କୁମାର ମିଶ୍ର ଯୋଗଦାନ କରି ସ୍ୱର୍ଗତ ତ୍ରିପାଠୀ ଶିଶୁ ବିଦ୍ୟାମନ୍ଦିରର ପ୍ରାଣପ୍ରତିଷ୍ଠାକୁ ହରାଇଲା ବୋଲି କହିଥିଲେ। କାର୍ଯ୍ୟକ୍ରମରେ ସ୍ଥାନୀୟ ସରପଞ୍ଚ ପଣ୍ଡିତ ଅଶୋକ କୁମାର ମିଶ୍ର, ପ୍ରଧାନଗୁରୁଜୀ ରତ୍ନାକର ପଣ୍ଡା, ଅବସରପ୍ରାପ୍ତ ଏବିଇଓ ଅଶୋକ କୁମାର ପଟ୍ଟନାୟକ, ସନ୍ତୋଷ କୁମାର ପରମଗୁରୁ, ବାଙ୍କୀ ପ୍ରଗତି ପରିଷଦର ସଭାପତି ନୀଳମୋହନ ମିଶ୍ର, ପୂର୍ବତନ ସରପଞ୍ଚ ଜଳଧର ସେଠୀ, ଧନେଶ୍ୱର ବଳିୟାର ସିଂହ, ବ୍ରଜବନ୍ଧୁ ଦାସ, ବିଜୟ କୁମାର ପ୍ରତିହାରୀ, ନିରଞ୍ଜନ ପଣ୍ଡା, ଶରତ ଦାସ, ତ୍ରିଲୋଚନ ଦାସ, ଧରଣୀ ସୁବୁଦ୍ଧି, ପ୍ରଭାତ ପଣ୍ଡା, ଉମାମଣି ମହାପାତ୍ର, ବିଜୟଲକ୍ଷ୍ମୀ ନାୟକ, ପ୍ରଫୁଲ୍ଲ ମହାପାତ୍ର, ଦିଲ୍ଲୀପ ଦେହୁରୀ, ବିଶ୍ୱନାଥ ନାୟକ, ଅନନ୍ତ ଚରଣ ଦାସ, ମଧୁସୁଦନ ମିଶ୍ର, ଅକ୍ଷୟ ବେହେରା, ଜିତେନ୍ଦ୍ର ସାହୁ, ଇଂ.ମାନସ ତ୍ରିପାଠୀ ପ୍ରମୁଖ ସ୍ମୃତିଚାରଣ କରିବା ସହ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ଶେଷରେ ଇଂ.ସୁରେଶ ତ୍ରିପାଠୀ ଧନ୍ୟବାଦ ଅର୍ପଣ କରିଥିଲେ।

## ଏସଓଏସ୍ ଗ୍ରୁପ୍ ଅଫ୍ ଇନ୍‌ଷ୍ଟିଚ୍ୟୁସନ୍ସର ନବାଗତ ମହୋତ୍ସବ

**କେନ୍ଦ୍ରାପଡ଼ା, ୧୨।୧୧ ଏକ୍ସପ୍ରେସ୍ ନ୍ୟୁଜ୍**

ଏଓଏସ୍ ଗ୍ରୁପ୍ ଅଫ୍ ଇନ୍‌ଷ୍ଟିଚ୍ୟୁସନ୍ସର ପ୍ରଥମ ବର୍ଷର ଛାତ୍ରୀଛାତ୍ରଙ୍କ ଉଦ୍ଦେଶ୍ୟରେ ଆୟୋଜିତ ସ୍ୱାଗତ ଉତ୍ସବ ଅନୁଷ୍ଠାନ ପରିସର ମଧ୍ୟରେ ଆନନ୍ଦ ଉଲ୍ଲାସର ସହ ପାଳିତ ହୋଇଯାଇଛି। ଏଥିରେ ତୁଳସୀ ଏଏନ୍ ଏମ୍ ଓ ଜିଏନ୍‌ଏମ୍ ଟ୍ରେନିଂ ସେଣ୍ଟରର ଏଏନ୍‌ଏମ୍ ଓ ଜିଏସ୍‌ଏମ୍ କୋର୍ସରେ ନାମ ଲେଖାଇଥିବା ପ୍ରଥମ ବର୍ଷର ଛାତ୍ରୀ ଓ ଛାତ୍ର ଏବଂ ଏସ୍ୱଏସ୍ କଲେଜ ଅଫ୍ ନର୍ସିଂର ବିଏସ୍‌ସି ନର୍ସିଂରେ ନାମ ଲେଖାଇଥିବା ପ୍ରଥମ ବର୍ଷର ଛାତ୍ରୀ ଓ ଛାତ୍ରମାନଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା କରାଯାଇଥିଲା। ଏହି ନବାଗତ ମହୋତ୍ସବ ଦୁଇଦିନ ଧରି ଚାଲିବ। ଆଜିର ପ୍ରଥମ ଦିନରେ ମୁଖ୍ୟ ବକ୍ତା ଭାବେ ଓଏମ୍‌ଏସ୍‌ଏର ସଭାପତି ତଥା କେନ୍ଦ୍ରାପଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ବରିଷ୍ଠ ଶିଶୁ ରୋଗ ବିଶେଷଜ୍ଞ ଡ. କିଶୋର ଚନ୍ଦ୍ର ମିଶ୍ର ଯୋଗ ଦେଇଥିଲେ। ସେ ତାଙ୍କ ବକ୍ତବ୍ୟରେ କହିଥିଲେ ଯେ ନର୍ସିଂ ଛାତ୍ରୀଛାତ୍ରମାନେ ନିଷ୍ଠାପର ଭାବେ ପାଠପଢ଼ା ସହ ନିଜର କର୍ତ୍ତବ୍ୟକୁ ସୁଚାରୁରୂପେ ସମ୍ପାଦନ କରିପାରିଲେ ସମାଜରେ ନିଜର ପ୍ରକୃତ ପରିଚୟ ସୃଷ୍ଟି କରିପାରିବେ ଏବଂ ଜଣେ ଦକ୍ଷ ନର୍ସ ହୋଇପାରିବେ। ମୁଖ୍ୟଅତିଥି ଭାବେ କେନ୍ଦ୍ରାପଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ସିଡ଼ିଏମ୍ ଓ ପିଏଚ୍‌ସି ଡ. ମନୋରଞ୍ଜନ ରାଉତ ଯୋଗଦେଇ ନର୍ସିଂ ଶିକ୍ଷାର ମହତ୍ୱ ଓ ଏହାର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ ଓ ସେବା ହିଁ ପ୍ରକୃତ ଧର୍ମ ଓ ସେବା ମାଧ୍ୟମରେ ନର୍ସିଂ ଛାତ୍ରୀଛାତ୍ରମାନେ ରୋଗୀମାନଙ୍କ ହୃଦୟ ଜୟ କରିବା ସହ ରୋଗକୁ ମଧ୍ୟ ଜୟ କରିପାରିବେ। ଅନୁଷ୍ଠାନର ପ୍ରତିଷ୍ଠାତା ସମ୍ପାଦକ ତଥା ସମାଜସେବୀ ପ୍ରଶାନ୍ତ କୁମାର ସାମନ୍ତରାୟ ଏହି ଅବସରରେ ଛାତ୍ରୀଛାତ୍ରମାନଙ୍କୁ କହିଥିଲେ ଯେ ଶୃଙ୍ଖଳା ହିଁ ଆମ ଅନୁଷ୍ଠାନର ମାନଦଣ୍ଡ। ଶୃଙ୍ଖଳିତ ଜୀବନଶୈଳୀ ଜଣେ ନର୍ସକୁ ସୁଦକ୍ଷ ସେବିକା କରିବା ସହ ନିଜର କାର୍ଯ୍ୟଦକ୍ଷତା ମାଧ୍ୟମରେ ରୋଗୀଙ୍କ ହୃଦୟ ଜିଣିପାରିବ। ପ୍ରତିଷ୍ଠାତା ନିର୍ଦ୍ଦେଶକ ତଥା ସମାଜସେବୀ ସୁଖଦା ପ୍ରସାଦ ତ୍ରିପାଠୀ ଯୋଗଦେଇ ନର୍ସିଂ ଛାତ୍ରୀଛାତ୍ରମାନଙ୍କୁ କହିଥିଲେ ଯେ ନଇଁବାର ଅର୍ଥ ସମ୍ମାନ ହରାଇବା ନୁହେଁ। ପ୍ରତ୍ୟେକ ମୂଲ୍ୟବାନ ଜିନିଷ ଉଠାଇବାକୁ ହେଲେ ନଇଁବାକୁ ପଡ଼େ। ସେବା ପାଇଁ ରୋଗୀଙ୍କ ପାଖରେ ନଇଁଲେ ସେବିକାର ପ୍ରକୃତ ପରିଚୟ ସୃଷ୍ଟି ହୋଇପାରିବ। ଅନୁଷ୍ଠାନର ପ୍ରଶାସନିକ ଅଧିକାରୀ ଶ୍ରୀକାନ୍ତ ବିଶ୍ୱାଳ ଏହି ଅବସରରେ ଛାତ୍ରୀଛାତ୍ରମାନଙ୍କୁ ନର୍ସିଂ ଶିକ୍ଷାର ତତ୍ତ୍ୱ ଓ ମୂଲ୍ୟବୋଧ ଉପରେ ଆଲୋକପାତ କରିଥିଲେ। ଏହି ସ୍ୱାଗତ ଉତ୍ସବରେ ସଭାପତିତ୍ୱ କରିଥିଲେ ପ୍ରଫେସନାଲ୍ ନିର୍ଦ୍ଦେଶକା ଜ୍ୟୋତିର୍ମୟୀ ପଟ୍ଟନାୟକ। ତୁଳସୀ ଏଏନ୍‌ଏମ୍ ଓ ଜିଏନ୍‌ଏମ୍ ଟ୍ରେନିଂ ସେଣ୍ଟରର ଅଧକ୍ଷା କୁମୁଦିନି ଲେଙ୍କା, ଏଓଏସ୍ କଲେଜ୍ ଅଫ୍ ନର୍ସିଂର ଅଧକ୍ଷା ପ୍ରିୟମ୍ବଦା ପଟ୍ଟନାୟକ ଏହି ଅବସରରେ ନର୍ସିଂ ଶିକ୍ଷା ଓ ତାହାର ପ୍ରଗତି ଏବଂ ଭବିଷ୍ୟତ ଉପରେ ଆଲୋକପାତ କରିଥିଲେ। ଅଧ୍ୟାପିକା ମନିଷାରାଣୀ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିବା ସହ ସଭା ସଞ୍ଚାଳନ କରିଥିଲେ। ଏହି ଅବସରରେ ଅଧ୍ୟାପିକା ମୋନାଲିସା ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ଅଧ୍ୟାପିକା ପଲ୍ଲବୀ ପଟ୍ଟନାୟକ, ସୋନାଲି ବିଶ୍ୱାଳ, ସୋନାଲି ସେନାପତି, ସୁପ୍ରଭା ମଞ୍ଜରୀ ଦାଶ, ପୂର୍ଣ୍ଣୀମା ପ୍ରିୟଦର୍ଶନୀ, ସ୍ୱାତୀ ସମନ୍ୱୟା, ରତୁପଣ୍ଡା ବିଶୋଇ, ଶୁଭଲକ୍ଷ୍ମୀ ବିଶ୍ୱାଳ, ରଶ୍ମିତା ମହାନ୍ତି, ବିଜୟ କୁମାର ସାହୁ, ତପନ ମହାନ୍ତି, ଶୁଭ୍ର ସନ୍ତୋଷ ଦାସ, ମନୋରଞ୍ଜନ ଦାସ, ସୁଶାନ୍ତ ମଲ୍ଲିକ, ଛାତ୍ରୀ ରାଜଲକ୍ଷ୍ମୀ ସାହୁ, ତେଜସ୍ୱିନୀ ମହାନ୍ତି, ସେକ୍ ମହମ୍ମଦ ରାଜା, ଅବିନାଶ ବଳ, ସେକ୍ ସବୀର, ସ୍ନିଗ୍ଧାରାଣୀ ସିଂହ, ସନ୍ଧ୍ୟାରାଣୀ ମହାନ୍ତି, ଏଲିନା ଲେଙ୍କା ପ୍ରମୁଖ ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ । ସଭା ଶେଷରେ ଛାତ୍ରୀ ଓ ଛାତ୍ରଙ୍କ ଦ୍ୱାରା ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା।

# ଓଡ଼ିଶା ଏକ୍ସପ୍ରେସ୍

ଭୁବନେଶ୍ୱର ଓ କେନ୍ଦ୍ରାପଡ଼ା ରୁ ଏକସଙ୍ଗେ ପ୍ରକାଶିତ

ଭୁବନେଶ୍ୱର | ପୃଷ୍ଠା : ୭

● ୧୩ ନଭେମ୍ବର ୨୦୨୫ ● ଗୁରୁବାର

## ନାଲକୋ ପକ୍ଷରୁ ଭାରତ ସରକାରଙ୍କୁ ୯୮୮.୮୮ କୋଟି ଟଙ୍କାର ଡିଭିଡେଣ୍ଡ ପ୍ରଦାନ



**ଭୁବନେଶ୍ୱର:ଏକ୍ସପ୍ରେସ୍ ନ୍ୟୁଜ୍**

ଭାରତ ସରକାରଙ୍କ ଖଣି ମନ୍ତ୍ରଣାଳୟ ଅଧୀନସ୍ଥ ନବରତ୍ନ ଉଦ୍ୟୋଗ, ନ୍ୟାସନାଲ ଆଲୁମିନିୟମ କମ୍ପାନୀ ଲିମିଟେଡ୍ (ନାଲକୋ) ୨୦୨୪ - ୨୫ ଆର୍ଥିକ ବର୍ଷ ନିମନ୍ତେ ରେକର୍ଡ ପରିମାଣ ମୋଟ ୧,୯୨୮.୪୬ କୋଟି ଟଙ୍କାର ଲାଭାଂଶ (ଡିଭିଡେଣ୍ଡ) ପ୍ରଦାନ କରିଛି, ଯେଉଁଥିରେ ଭାରତ ସରକାରଙ୍କ ଅଂଶ ଭାବେ ୯୮୮.୮୮ କୋଟି ଟଙ୍କା ଅନ୍ତର୍ଭୁକ୍ତ। ଆଜି ନୂଆଦିଲ୍ଲୀଠାରେ କେନ୍ଦ୍ର କୋଇଲା ଏବଂ ଖଣି ମନ୍ତ୍ରୀ ଜି. କିଶନ ରେଡ୍ଡୀଙ୍କୁ ନାଲକୋ ସିଏମଡି ବ୍ରିଜେନ୍ଦ୍ର ପ୍ରତାପ ସିଂହ ୨୦୨୪-୨୫ ଆର୍ଥିକ ବର୍ଷ ପାଇଁ ସର୍ବକାଳୀନ ସର୍ବାଧିକ ୯୮୮.୮୮ କୋଟି ଟଙ୍କାର ଲାଭାଂଶ ଚେକ୍ ଖଣି ମନ୍ତ୍ରଣାଳୟର ସଚିବ ପୀୟୁଷ ଗୋୟଲ, ଆଇଏଏସ୍‌ଙ୍କ ଉପସ୍ଥିତିରେ ପ୍ରଦାନ କରିଛନ୍ତି। ଏହି ଅବସରରେ ନାଲକୋର ନିର୍ଦ୍ଦେଶକ (ଉତ୍ପାଦନ) ପଙ୍କଜ କୁମାର ଶର୍ମା ଏବଂ ନିର୍ଦ୍ଦେଶକ (ଅର୍ଥ) ଅଭୟ କୁମାର ବେହୁରିଆଙ୍କ ସହିତ ମନ୍ତ୍ରଣାଳୟ ଏବଂ ନାଲକୋର ଅନ୍ୟାନ୍ୟ ବରିଷ୍ଠ ଅଧିକାରୀମାନେ ମଧ୍ୟ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ ଯେ, ୧୯୮୭ ମସିହାରେ ବାଣିଜ୍ୟିକ କାର୍ଯ୍ୟ ଆରମ୍ଭ କରିଥିବା ନାଲକୋ ନିରନ୍ତର ଲାଭ ଅର୍ଜନ କରିଆସୁଛି ଏବଂ ୧୯୯୨ ମସିହାରୁ ଲାଭାଂଶ ଘୋଷଣା କରିଆସୁଛି। କମ୍ପାନୀ ଏପର୍ଯ୍ୟନ୍ତ ମୋଟ ୧୪,୩୩୧ କୋଟି ଟଙ୍କା ଲାଭାଂଶ ପ୍ରଦାନ କରିଛି ଯାହା ମଧ୍ୟରୁ ୯,୫୫୬ କୋଟି ଟଙ୍କା ଭାରତ ସରକାରଙ୍କୁ ପ୍ରଦାନ କରାଯାଇଛି। ସମ୍ପ୍ରତି, ନାଲକୋରେ ଭାରତ ସରକାରଙ୍କ ୫୧. ୨୮ ପ୍ରତିଶତ ଅଂଶଧନ ରହିଛି। ଉଲ୍ଲେଖଯୋଗ୍ୟ ଯେ, ଚଳିତ ଆର୍ଥିକ ବର୍ଷର ଦ୍ୱିତୀୟ ତ୍ରୈମାସିକ ତଥା ପ୍ରଥମାର୍ଦ୍ଧରେ, ନାଲକୋ ରେକର୍ଡ ଫଳାଫଳ ହାସଲ କରିଛି। ଏଥିସହ ୨୦୨୫-୨୬ ଆର୍ଥିକ ବର୍ଷ ପାଇଁ କମ୍ପାନୀ ପ୍ରତି ଇକ୍ୱିଟି ସେୟାର ପିଛା ୪ ଟଙ୍କା ହିସାବରେ ମୋଟ ୭୩୪.୬୫ କୋଟି ଟଙ୍କାର ମଧ୍ୟବର୍ତ୍ତୀକାଳୀନ ଲାଭାଂଶ ଘୋଷଣା କରିଛି।

## ଶହୀଦ ଯବାନଙ୍କୁ ବିଧାୟକଙ୍କ ଶ୍ରଦ୍ଧାଞ୍ଜଳି



**ବ୍ରହ୍ମପୁର:ଏକ୍ସପ୍ରେସ୍ ନ୍ୟୁଜ୍**

ଜମ୍ମୁ-କଶ୍ମୀରର ଉଧମପୁରରେ କାର୍ଯ୍ୟରତ ଜଣେ ଓଡ଼ିଆ ବିଏସ୍ଏଫ୍ ଯବାନଙ୍କ ଅକାଳ ବିୟୋଗ ଘଟିଥିଲା। ମୃତକ ଯବାନ୍ ହେଲେ ବ୍ରହ୍ମପୁର ଅଯୋଧ୍ୟା ନଗର ତୃତୀୟ ଲାଇନ୍ ନିବାସୀ ଅବସରପ୍ରାପ୍ତ ଶିକ୍ଷକ ସ୍ୱର୍ଗତ କୃଷ୍ଣଚନ୍ଦ୍ର ଜେନାଙ୍କ ପୁଅ ନାରାୟଣ ଚନ୍ଦ୍ର ଜେନା। ୧୯୯୭ ମସିହାରେ ନାରାୟଣ ବିଏସ୍ଏଫ୍‌ରେ ଯୋଗ ଦେଇଥିଲେ। ବର୍ତ୍ତମାନ ସେ ଜମ୍ମୁକାଶ୍ମୀର ସ୍ଥିତ ଉଧମପୁରରେ କାର୍ଯ୍ୟରତ ଥିଲେ। କିଛିଦିନ ହେଲା ସେ ଅସୁସ୍ଥ ଥିଲେ। ସ୍ୱାସ୍ଥ୍ୟାବସ୍ଥା ବିଗିଡ଼ିବା କାରଣରୁ ତାଙ୍କୁ ନିକଟସ୍ଥ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିବା ସୂଚନା ମିଳିଥିଲା। ବୁଧବାର ପାର୍ଥିବ ଶରୀର ଅଯୋଧ୍ୟା ନଗର ସ୍ଥିତ ବାସଭବନରେ ପହଞ୍ଚିବା ପରେ ବ୍ରହ୍ମପୁର ବିଧାୟକ କେ ଅନିଲ କୁମାର ଏବଂ ବିଜେପି ଜିଲ୍ଲା ଉପସଭାପତି ରାମ କୁମାର ପାତ୍ର ପହଂଚି ଅନ୍ତିମ ଦର୍ଶନ କରି ଅମର ଆତ୍ମାର ସଦଗତି ପାର୍ଥନା କରିବା ସହିତ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ଶୋକାକୁଳ ପରିବାରକୁ ଶାନ୍ତ୍ୱନା ଦେବା ସହିତ ମହାପ୍ରଭୁ ଶ୍ରୀ ଜଗନ୍ନାଥ ଶକ୍ତି ପ୍ରଦାନ କରିବା ପାଇଁ ପ୍ରାର୍ଥନା କରିଥିଲେ।

## ବ୍ଲକ ସ୍ତରୀୟ ମତ୍ସ୍ୟ ଓ ପ୍ରାଣୀସମ୍ପଦ ମେଳା

**କୋରେଇ:ଏକ୍ସପ୍ରେସ୍ ନ୍ୟୁଜ୍**

ଯାଜପୁର ଜିଲ୍ଲା କୋରେଇ ବ୍ଲକ୍‌ର ବଟିରା ଖେଳପଡିଆ ପ୍ରାଙ୍ଗଣରେ ପ୍ରଥମଥର ପାଇଁ ଆୟୋଜିତ ହୋଇଯାଇଛି ବ୍ଲକ୍ ସ୍ତରୀୟ ମତ୍ସ୍ୟ ଓ ପ୍ରାଣୀସମ୍ପଦ ମେଳା ୨୦୨୫। ଏହି କାର୍ଯ୍ୟକ୍ରମରେ ବିଧାୟକ ଆକାଶ ଦାସ ନାୟକ ମୁଖ୍ୟ ଅତିଥି ଏବଂ ଯାଜପୁର ସାଂସଦଙ୍କ ପ୍ରତିନିଧି ପ୍ରମୋଦ କୁମାର ସାହୁ ମୁଖ୍ୟବକ୍ତା ଭାବେ ଯୋଗଦାନ କରିଥିଲେ। ସମ୍ମାନିତ ଅତିଥି ଭାବେ ଶ୍ରୀମତୀ ବ୍ଲକ ଅଧ୍ୟକ୍ଷା ଜୟନ୍ତୀ ଦଲେଇ, ବିଡିଓ ଅବନିକାନ୍ତ ସାହୁ, ଡାଃ ଆଲୋକ କୁମାର ନାୟକ, ପ୍ରାଣୀ ଚିକିତ୍ସକ ଡଃ ବିମଳ କୁମାର ମହାପାତ୍ର ପ୍ରମୁଖ ଯୋଗଦାନ କରିଥିଲେ। ଏଥିସହିତ ମତ୍ସ୍ୟ ଚାଷୀ ଓ ପ୍ରାଣୀ ପାଳକ ଏବଂ ବୈଜ୍ଞାନିକଙ୍କ ଆଲୋଚନା ଚକ୍ରରେ ଡାକ୍ତର ବିମଳ କୁମାର ମହାପାତ୍ର, ଉପଖଣ୍ଡ ପ୍ରାଣୀ ଚିକିତ୍ସା ଯାଜପୁର, ଡାକ୍ତର ପାର୍ଥ ସାରଥୀ ଜେନା, ଗୋଷ୍ଠୀ ପ୍ରାଣୀ ଚିକିତ୍ସା ଅଧିକାରୀ, ଦାନଗଦି, ବିଭିନ୍ନ ସରକାରୀ ଯୋଜନା ଓ ଏହାର ଉପାଦେୟତା ସମ୍ପର୍କରେ ଆଲୋକପାତ କରିଥିଲେ। ମେଳାର ମୁଖ୍ୟ ଆକର୍ଷଣ ଭାବେ ୭ ଜଣ ସଫଳ ଚାଷୀ ଓ ଗୋଟିଏ ମହିଳା ସ୍ୱଂୟ ସହାୟକ ଗୋଷ୍ଠୀଙ୍କୁ ୧୦୦୦ ଟଙ୍କା ଲେଖାଏ ପୁରସ୍କାର ସହିତ ମାନପତ୍ର, ଟ୍ରଫି ଏବଂ ଉତ୍ତରୀୟ ଦେଇ ସମ୍ମାନିତ କରାଯାଇଥିଲା। ସମୁଦାୟ ୨୮ଟି ପଂଚାୟତରୁ ୫୬୦ରୁ ଊର୍ଦ୍ଧ୍ୱ ଚାଷୀ ଓ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନେ ଯୋଗଦାନ କରିଥିଲେ। ମେଳାର ସଂଯୋଜକ ଭାବେ ଅବନିକାନ୍ତ ସାହୁ ମେଳାର ପ୍ରମୁଖ ଉଦ୍ଦେଶ୍ୟ ସମ୍ପର୍କରେ ଚାଷୀମାନଙ୍କୁ ଅବଗତ କରାଇଥିଲେ ଏବଂ ଶ୍ରୀମତୀ ଗୀତାରାଣୀ ପଣ୍ଡା, ଗୋଷ୍ଠୀ ପ୍ରକଳ୍ପ ସମନ୍ୱୟ ଅଧିକାରୀ, ମିଶନ ଶକ୍ତି, କୋରେଇ ସଭାରେ ମଞ୍ଚ ପରିଚାଳନା କରିଥିଲେ। ଏହି ଅବସରରେ ୩୫ ଜଣ ଚାଷୀ ପ୍ରାଣିଧନ ବୀମା ଅନ୍ତର୍ଭୁକ୍ତ ହୋଇଥିଲେ। କୋରେଇ ବ୍ଲକର ବିଭିନ୍ନ ବିଭାଗ ତରଫରୁ ବିଭାଗୀୟ ଅଧିକାରୀମାନଙ୍କ ଦ୍ୱାରା ୧୩ଟି ଷ୍ଟଲ ପ୍ରଦର୍ଶନ କରାଯାଇଥିଲା। ବ୍ଲକ୍ ସାଂସ୍କୃତିକ ପରିଷଦ ଦ୍ୱାରା ପାଲା ମାଧ୍ୟମରେ ଚାଷୀମାନଙ୍କୁ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ବିଭାଗର ବିଭିନ୍ନ ଯୋଜନା ସମ୍ପର୍କରେ ସଚେତନ କରାଯାଇଥିଲା। ସର୍ବ ଶେଷରେ କୋରେଇ ବ୍ଲକର ସହାୟକ ମତ୍ସ୍ୟ ଅଧିକାରୀ ଅତନୁ କୁମାର ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ। କୋରେଇ ବ୍ଲକ୍‌ର ଗୋଷ୍ଠୀ ପ୍ରାଣୀ ଚିକିତ୍ସା ଅଧିକାରୀ ଡାକ୍ତର ଦେବାଶିଷ ଜେନା, ପ୍ରାଣୀ ଚିକିତ୍ସକ ଡାକ୍ତର ବିପ୍ଳବ କୁମାର ସାହୁ, ଅତିରିକ୍ତ ପ୍ରାଣୀ ଚିକିତ୍ସା ଅଧିକାରୀ ଡାକ୍ତର ଜ୍ୟୋତିର୍ମୟୀ ବରାଳ, ଭ୍ରାମ୍ୟମାଣ ପ୍ରାଣୀ ଚିକିତ୍ସା ଅଧିକାରୀ ଡାକ୍ତର ଚନ୍ଦ୍ରକାନ୍ତ ଦେଠୀ, ପ୍ରାଣୀ ଚିକିତ୍ସକ ଡାକ୍ତର ଆଫ୍ରୀନ୍ ନାଜ, ସମସ୍ତ ପ୍ରଣିଧନ ନୀରିକ୍ଷକ ଓ କର୍ମଚାରୀ ଏବଂ ସାମ୍ବାଦିକ ବନ୍ଧୁଗଣ ଯୋଗଦାନ କରି ମେଳାକୁ ସଫଳ କରିଥିଲେ।

## ଶେଷରେ ଜେଲଗଲା ରଙ୍ଗିଲା କନେଷ୍ଟବଳ

**ମାର୍ଶାଘାଇ:ଏକ୍ସପ୍ରେସ୍ ନ୍ୟୁଜ୍**

ମାର୍ଶାଘାଇ ଥାନା ଶିଳିପୁର ଗ୍ରାମରେ ଭଡାଘରେ ରହୁଥିବା କୁଦାନଗରୀ ଥାନା ହାବଲଦାର ଅଜୟ ସାହୁକୁ ଆଜି ମାର୍ଶାଘାଇ ପୋଲିସ ଗିରଫ କରି କୋର୍ଟ ଚାଲଣ କରିଛି। ଯାଜପୁର ଜିଲ୍ଲା ବିଞ୍ଝାରପୁର ଥାନା ସିଂହପୁର ଗ୍ରାମର ଲକ୍ଷ୍ମୀଧର ସାହୁଙ୍କ ପୁଅ ଅଜୟ କୁଦାନଗରୀରେ ଚାକିରୀ କରୁଥିବା ବେଳେ ମାର୍ଶାଘାଇ ଥାନା ଶିଳିପୁର ଗ୍ରାମରେ ଘର ଭଡା ନେଇ ନିଜ ପରିବାର ରଖି ରହୁଥିଲେ। ଗତ ଅଗଷ୍ଟ ମାସ ୨୩ ତାରିଖ ଦିନ ଯୁବତୀଙ୍କୁ ଅଜୟ ପ୍ରେମ ନିବେଦନ କରିଥିଲେ। ଏପରିକି ସେ ଲକ୍ଷେ ଟଙ୍କା ଦରମା ପାଉଛନ୍ତି। ଜୀବନରେ ଟିକେ ଶାନ୍ତି ନାହି। ସବୁ ଖାଁ ଖାଁ ଲାଗୁଛି। ମନତୁଟି ଗଲାଣି। ମୁଁ ପ୍ରେମ କାଙ୍ଗାଳ। ମୋର ପ୍ରେମ ଦରକାର ଭଳି ଭଏସ ରେକର୍ଡ ମୋବାଇଲକୁ ମୋବାଇଲ ଭାଇରାଲ ହେଉଥିଲା। ଯୁବତୀ ଜଣକ ଏସପିଙ୍କ ପାଖରେ ଅଭିଯୋଗ କରିବା ପରେ ମାର୍ଶାଘାଇ ଥାନାରେ (୨୫୩/୨୫)ରେ ମାମଲା ହୋଇଥିଲା। ଏହି ଘଟଣାରେ ଅଜୟ ମାନ୍ୟବର ଉଚ୍ଚ ନ୍ୟାୟାଳୟରୁ ଗିରଫ ନହେବା ପାଇଁ ମଧ୍ୟବର୍ତ୍ତିକାଳୀନ ରହିତାଦେଶ ଆଣି ରହିଥିଲେ। ରହିତାଦେଶ ଉଠିଯିବାରୁ ଆଜି ମାର୍ଶାଘାଇ ପୋଲିସ ହାବିଲଦାର ଅଜୟ ସାହୁକୁ ଆଜି ଅପରାହ୍ଣରେ ଗିରଫ କରି କୋର୍ଟ ଚାଲାଣ କରିଥିବା ଜଣାପଡିଛି।

## ନଦୀବନ୍ଧ ପାଇଁ ସଂଗ୍ରହିତ ଜମିରେ ବେଆଇନ ନିର୍ମାଣକୁ ବିରୋଧ

**ଯାଜପୁର:ଏକ୍ସପ୍ରେସ୍ ନ୍ୟୁଜ୍**

ନଦୀବନ୍ଧ ପ୍ରଶସ୍ତିକରଣ ନିମନ୍ତେ ସଂଗ୍ରହିତ ଜମିରେ ବେଆଇନ ଗୃହ ନିର୍ମାଣକୁ ବିରୋଧ କରି ସ୍ଥାନୀୟ ଅଞ୍ଚଳବାସୀ ଜିଲାପାଳଙ୍କ ଉଦ୍ଦେଶ୍ୟରେ ଜିଲା ପ୍ରଶାସନକୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ରସୁଲପୁର ବ୍ଲକ ରସୁଲପୁର ପଞ୍ଚାୟତ କୁଆଁସାହି ଗ୍ରାମ ନିକଟରେ ଥିବା ନଦୀବନ୍ଧରେ ସରକାରୀ ଯୋଜନାରେ ଏକ ଗୃହ ନିର୍ମାଣ କରାଯାଉଛି। ଯାହାକି ଗ୍ରାମବାସୀ ନିର୍ମାଣକୁ ବିରୋଧ କରୁଛନ୍ତି। ଗ୍ରାମବାସୀଙ୍କ ଅଭିଯୋଗ ଯେଉଁ ସ୍ଥାନରେ ଗୃହ ନିର୍ମାଣ କରାଯାଉଛି ସେହି ସ୍ଥାନଟି ନଦୀବନ୍ଧ ରହିଛି। ସାନ ତ୍ରିଲୋଚନପୁର (ଖଣ୍ଡିତର) ଠାରୁ ମଧୁବନ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର, ମଧୁବନ କଲେଜ ଓ ସ୍କୁଲ ହାଟକୁ ପ୍ରତିଦିନ ଏହି ନଦୀବନ୍ଧ ରାସ୍ତା ଦେଇ ଶତାଧିକ ଲୋକ ଯାତାୟାତ କରିଥାନ୍ତି। ନଦୀବନ୍ଧ ପ୍ରଶସ୍ତିକରଣ ଓ ସୁଦୃଢ଼ିକରଣ କରିବାର ଯୋଜନା ଥିବା ବେଳେ ନଦୀବନ୍ଧ ଉପରେ ଗୃହ ନିର୍ମାଣ କରାଗଲେ ଏହା ସମସ୍ତଙ୍କ ପାଇଁ ସମସ୍ୟା ସୃଷ୍ଟି କରିବ। ନିକଟରେ ଛିଣ୍ଡା ଖରସ୍ରୋତା ନଦୀ ପ୍ରବାହିତ ହେଉଛି। ଏହାର ମୁହାଁଣ ପୋତି ହୋଇଯାଇଛି। ଉପରମୁଣ୍ଡ ପୁନରୁଦ୍ଧାର କରାଯିବାର ବ୍ୟବସ୍ଥା ଆରମ୍ଭ କରାଯାଉଥିବା ବେଳେ ନଦୀବନ୍ଧର ଗୁରୁତ୍ୱ ବୃଦ୍ଧି ପାଇଛି। ତେଣୁ ନଦୀବନ୍ଧରେ ସରକାରୀ ଯୋଜନାରେ ଗୃହ ନିର୍ମାଣ ଉଭୟ ନଦୀବନ୍ଧ ପ୍ରତି ବିପଦ ସୃଷ୍ଟି କରିବ ବୋଲି କୁଆଁସାହି ଗ୍ରାମବାସୀ ଦାବିପତ୍ରରେ ଉଲ୍ଲେଖ କରିଛନ୍ତି। ଏପରିକି ଉପରୋକ୍ତ ସ୍ଥାନଟି ଅସାମାଜିକ ଓ ନିଶାସକ୍ତ ବ୍ୟକ୍ତିଙ୍କର ଆଡ୍ଡାସ୍ଥଳୀ ପାଲଟିଥିବା ବେଳେ ଉକ୍ତ ଗୃହକୁ ଗ୍ରାମର ଉପଯୁକ୍ତ ସ୍ଥାନରେ ନିର୍ମାଣ କରିବାକୁ ସ୍ଥାନୀୟ ଅଧିବାସୀ ଦାବି କରିଛନ୍ତି। ଏ ନେଇ କୁଆଁସାହି ଗ୍ରାମବାସୀଙ୍କ ପକ୍ଷରୁ ଗୟାଧର ମଲ୍ଲିକ, ମୃତ୍ୟୁଞ୍ଜୟ ଜେନା, ଭ୍ରମରବର ମଲ୍ଲିକ, ରତ୍ନାକର ମଲ୍ଲିକ ପ୍ରମୁଖ ଜିଲାପାଳଙ୍କ ଉଦ୍ଦେଶ୍ୟରେ ଜିଲା ପ୍ରଶାସନକୁ ଏକ ଦାବିପତ୍ର ପ୍ରଦାନ କରିଥିଲେ।

## ଜିଲ୍ଲାସ୍ତରୀୟ ପ୍ରଧାନମନ୍ତ୍ରୀ ଫସଲ ବୀମା ତାଲିମ



**କେନ୍ଦୁଝର:ଏକ୍ସପ୍ରେସ୍ ନ୍ୟୁଜ୍**

କୃଷିବର୍ଷ:୨୦୨୫-୨୬ ନିମନ୍ତେ ଜିଲ୍ଲାସ୍ତରୀୟ ପ୍ରଧାନମନ୍ତ୍ରୀ ଫସଲ ବିମା ଯୋଜନା ଶସ୍ୟ କାଟ ପରୀକ୍ଷଣ ସମ୍ପର୍କିତ ଦୁଇ ଦିନିଆ ତାଲିମ କାର୍ଯ୍ୟକ୍ରମ ଦରବାର୍ ହଲରେ ଅନୁଷ୍ଠିତ ହୋଇଯାଇଛି। ମଙ୍ଗଳବାର ପ୍ରଥମ ଦିନରେ ଆନନ୍ଦପୁର, ବାଂଶପାଳ, ଚମ୍ପୁଆ, ଝୁମ୍ପୁରା, ଯୋଡା, ହରିଚନ୍ଦନର, ତେଲକୋଇ ବ୍ଲକ ଏବଂ ତହସିଲର ୯୫ ଜଣ ଏବଂ ବୁଧବାର ଦ୍ୱିତୀୟ ଦିନରେ ଘଟଗାଁ, ଘଷିପୁରା, ହାଟଡିହି, କେନ୍ଦୁଝର ସଦର, ପାଟଣା ଓ ସାହରପଡା ବ୍ଲକ ଏବଂ ତହସିଲର ୯୫ ଜଣଙ୍କୁ ମିଶାଇ ସର୍ବମୋଟ ୧୯୦ ଜଣଙ୍କୁ ତାଲିମ ପ୍ରଦାନ କରାଯାଇଛି। ଏହି ତାଲିମ କାର୍ଯ୍ୟରେ ଶସ୍ୟ କାଟ ପରୀକ୍ଷା ନିମନ୍ତେ ନିୟୋଜିତ ହେଇଥିବା ଜିଲ୍ଲାର ସମସ୍ତ ତହସିଲର ସଂପୃକ୍ତ ୫୯ଜଣ ରାଜସ୍ୱ ନିରୀକ୍ଷକ, ସହକାରୀ ରାଜସ୍ୱ ନିରୀକ୍ଷକ, ସମସ୍ତ ବ୍ଲକର ସଂପୃକ୍ତ ୧୦୨ଜଣ କୃଷି ଓଭରସିୟର, ଭିଏଡବ୍ଲୁ ଏବଂ ସମସ୍ତ ବ୍ଲକର ୨୯ଜଣ ବରିଷ୍ଠ ପରିସଂଖ୍ୟାନ କ୍ଷେତ୍ର ନୀରୀକ୍ଷକ, ପରିସଂଖ୍ୟାନ କ୍ଷେତ୍ର ନୀରୀକ୍ଷକ ଓ ସର୍ଭେୟରର ଯୋଗ ଦେଇଥିଲେ। ହରିଚନ୍ଦନପୁର ବ୍ଲକର ଦୈତାରି ଓ ଯୋଡ଼ା ବ୍ଲକର କୁରୁଡ଼ି ପଞ୍ଚାୟତ ବ୍ୟତୀତ ଜିଲ୍ଲାର ସମସ୍ତ ବ୍ଲକର ୨୯୫ ପଞ୍ଚାୟତ ଏବଂ ସମସ୍ତ ମୁନିସପାଲିଟ ଏବଂ ଏନ.ଏ.ସିରେ ଚଳିତ କୃଷି ବର୍ଷରେ ମୋବାଇଲ ଆପ ମାଧ୍ୟମରେ ଶସ୍ୟ କାଟ ହୋଇ ସରକାରଙ୍କୁ ରିପୋର୍ଟ ପ୍ରଦାନ କରାଯିବ। ଏହି କାର୍ଯ୍ୟକ୍ରମ ବିଗତ ୨୦୧୬-୧୭ କୃଷିବର୍ଷରୁ କାର୍ଯ୍ୟକାରି ହୋଇଆସୁଛି। ଏହି ତାଲିମ କାର୍ଯ୍ୟକ୍ରମକୁ ଅତିରିକ୍ତ ଜିଲ୍ଲାପାଳ ମନ୍ଦରଧର ମହାଲିକ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ। ଏହି ତାଲିମ କାର୍ଯ୍ୟକ୍ରମରେ ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ ସତ୍ୟବାନ ସୋରେନ, ଯୋଜନା ଓ ପରିସଂଖ୍ୟାନର ଉପନିର୍ଦ୍ଦେଶକ ଗଜେନ୍ଦ୍ର କୁମାର ବେହେରା, ଡି.ଆର୍.ସି.ଏସ୍ ପର୍ଶୁରାମ ପାତ୍ର ଯୋଗଦେଇ ସମସ୍ତ ତାଲିମ ଗ୍ରହଣକାରିଙ୍କୁ ଏହି ତାଲିମ ନେଇ କ୍ଷେତ୍ରରେ ମୋବାଇଲ୍ ଆପରେ ସଠିକ୍ ଶସ୍ୟକାଟ କରି ଫର୍ମ-୮ରେ ରିପୋର୍ଟ ପ୍ରଦାନ କରିବାକୁ ପରାମର୍ଶ ଦେବା ସହ ସରକାର ତଥା ଜିଲ୍ଲାର ଏହି ମହତ କାର୍ଯ୍ୟରେ ସହଯୋଗ କରିବାକୁ ଅବଗତ କରାଇଥିଲେ। ଓଡିଶା ସରକାରଙ୍କ ଅର୍ଥନୀତି ଓ ପରିସଂଖ୍ୟାନ ନିର୍ଦ୍ଦେଶାଳୟ, ଜିଲ୍ଲା ପ୍ରଶାସନ ଓ ମୁଖ୍ୟ କୃଷି ଅଧିକାରୀଙ୍କ ସହଯୋଗ ଓ କେନ୍ଦୁଝରସ୍ଥ ଜିଲ୍ଲା ଯୋଜନା ଓ ପର୍ଯ୍ୟବେକ୍ଷଣ କାର୍ଯ୍ୟାଳୟ ଆନୁକୁଲ୍ୟରେ ଆୟୋଜିତ ହୋଇଥିବା ଏହି ତାଲିମ କାର୍ଯ୍ୟକ୍ରମକୁ ମାଷ୍ଟର ଟ୍ରେନର ଭାବେ ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ କାର୍ଯାଳୟର ପ୍ରଧାନ ମନ୍ତ୍ରୀ ଫସଲ ବିମା ଯୋଜନାର ସ୍କିମ୍ ଅଧିକାରୀ ତଥା ହରିଚନ୍ଦନପୁର ଗୋଷ୍ଠୀ କୃଷି ଅଧିକାରୀ ପ୍ରବୋଧ କୁମାର ବିଶ୍ୱାଳ, ପରିସଂଖ୍ୟାନ ଅଧିକାରି ଅନୁପମା ପାତ୍ର, ଫ୍ୟୁଚର ଜେନେରାଲି ଇନସୁରାନ୍ସ ଜିଲ୍ଲା ସଂଯୋଜକ ସୌଭାଗ୍ୟ କୁମାର ଦାସ, ଆନନ୍ଦପୁର ବ୍ଲକର ପରିସଂଖ୍ୟାନ କ୍ଷେତ୍ର ସର୍ଭେୟର ମଳୟ ରଞ୍ଜନ ପରିଡା ତାଲିମଦାତା ଭାବେ ପରିଚାଳନା କରିଥିଲେ ଏବଂ ଜିଲ୍ଲା ଯୋଜନା ଓ ପର୍ଯ୍ୟବେକ୍ଷଣ କାର୍ଯ୍ୟାଳୟର ଅନୁସନ୍ଧାନକାରୀ ବିନ୍ଦିଆ ମୁଣ୍ଡା, ବରିଷ୍ଠ ଅର୍ଥନୀତି ଅନୁସନ୍ଧାନ କାରୀ ମାଧୁରୀପ୍ରିୟା ହନାଗା, ପୃଥ୍ୱିରାଜ ସୋରେନ୍, ପ୍ରଶାନ୍ତ ପ୍ରଧାନ, ଦୋଳମଣି ହଂସ ଏବଂ ସମସ୍ତ କର୍ମଚାରୀ ସଯୋଗ କରିଥିଲେ।

## ଗାନ୍ଧିଜୀଙ୍କ ଅହିଂସା ଓ ମାନବପ୍ରେମ ଯୁବସମାଜର ମୂଳମନ୍ତ୍ର ହେବା ଉଚିତ୍

**ଭୁବନେଶ୍ୱର:ଏକ୍ସପ୍ରେସ୍ ନ୍ୟୁଜ୍**



“ବିଶ୍ୱର ପରିବର୍ତ୍ତିତ ପରିସ୍ଥିତିରେ ମହାତ୍ମା ଗାନ୍ଧୀଙ୍କ ମହାଦର୍ଶନ ଅହିଂସା ଓ ମାନବପ୍ରେମର ପ୍ରସାର-ପ୍ରଚାରର ଆବଶ୍ୟକତା ରହିଛି ଓ ଏହା ଯୁବ ସମାଜର ମୂଳମନ୍ତ୍ର ହେବା ଉଚିତ୍। ପ୍ରେମ, କ୍ଷମା, କରୁଣା ମଣିଷ ହୃଦୟରୁ ମରିମରି ଯାଉଛି। ଧର୍ମାନ୍ଧତା ଓ ମତାନ୍ଧତା ଯୁବସମାଜକୁ ଆକ୍ରାନ୍ତ କରି ଏକ ବିଶୃଙ୍ଖଳିତ ସମାଜ ବ୍ୟବସ୍ଥା ଆଡ଼କୁ ଦେଶକୁ ଆଗେଇ ନେଉଛି” ବୋଲି “ଅହିଂସା ବିଚାର କବିତା ପାଠୋତ୍ସବ”ରେ ବକ୍ତାମାନେ ମତପୋଷଣ କରିଛନ୍ତି।

ଅହିଂସା ବିଚାର ଫାଉଣ୍ଡେସନ୍, ଭାରତୀୟ ଯୁବ ପ୍ରକଳ୍ପ, କାପୋକ୍ ଓ ଆସ୍ୱାୟାର ସଂଗଠନର ମିଳିତ ଉଦ୍ୟମରେ ଗତକାଲି ସ୍ଥାନୀୟ ଭାରତୀୟ ବିଦ୍ୟାଭବନଠାରେ ଆୟୋଜିତ ଏହି ପାଠୋତ୍ସବରେ ପୂର୍ବତଟ ରେଳପଥର ଅବସରପ୍ରାପ୍ତ ବରିଷ୍ଠ ଅଧିକାରୀ ତଥା ବିଶିଷ୍ଟ କବି ଓ ସ୍ତମ୍ଭକାର ନିରାକାର ଦାସ ମୁଖ୍ୟ ଅତିଥିଭାବେ ଯୋଗଦାନ କରି ଓଡ଼ିଆ ସାହିତ୍ୟରେ ଗାନ୍ଧୀ ବିଚାର ଓ ତାହାର ପ୍ରଭାବ ଉପରେ ଆଲୋକପାତ କରିଥିଲେ। ଜାତୀୟ ଯୁବ ପ୍ରକଳ୍ପର ଓଡ଼ିଶା ମୁଖ୍ୟ ତଥା ବିଶିଷ୍ଟ ଗାନ୍ଧୀବାଦୀ ମଧୁସୂଦନ ଦାସଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି କବି ସମ୍ମିଳନୀରେ ଖଦୀ ବୋର୍ଡର ପ୍ରାକ୍ତନ ଅଧ୍ୟକ୍ଷ ସଂଗ୍ରାମ କେଶରୀ ପାଇକରାୟ ବିଶିଷ୍ଟ ଅତିଥିଭାବେ ଯୋଗଦାନ କରିଥିବାବେଳେ ଗାଳ୍ପିକା ଓ କବୀ ସୁନନ୍ଦା ପ୍ରଧାନ ମୁଖ୍ୟବକ୍ତା ଭାବେ ଯୋଗଦାନ କରିଥିଲେ। କବୀ ତଥା ଆସ୍‌ପେୟାର ସମ୍ପାଦିକା ଶ୍ରୀମତୀ ଶର୍ମିଷ୍ଠା ନାଥ, ଜନଶିକ୍ଷା ସଂସ୍ଥାନର ନିର୍ଦ୍ଦେଶିକା ଶ୍ରୀମତୀ ଅନିମା ଦାସ ଓ ଭାରତୀୟ ବିଦ୍ୟାଭବନର ନିର୍ଦ୍ଦେଶକ ପ୍ରଦୀପ କୁମାର ପଟ୍ଟନାୟକ ସମ୍ମାନିତ ଅତିଥିଭାବେ ଯୋଗଦାନ କରି ଅହିଂସା ବିଚାରର ଆବଶ୍ୟକତା ଉପରେ ଆଲୋଚନା କରିଥିଲେ। ଅହିଂସା ବିଚାର ଫାଉଣ୍ଡେସନ୍‌ର ଟ୍ରଷ୍ଟି କବି ଶ୍ରୀ ସୋମ ଏହି ସମ୍ମିଳନୀର ସଂଯୋଜନା ଓ ପରିଚାଳନା କରିଥିଲେ। ବିଭିନ୍ନ ଜିଲ୍ଲାରୁ ଆସିଥିବା ଯୁବକବିମାନଙ୍କ ମଧ୍ୟରେ ସ୍ମୃତିରେଖା ପଣ୍ଡା, ଭାଗ୍ୟଶ୍ରୀ କାନୁନ୍‌ଗୋ, ରଶ୍ମିତା ବେହେରା, ସନ୍ତୋଷୀ ତନୟା ନନ୍ଦ, କଳ୍ପନା ରାଉତ, ବନସ୍ମିତା ସ୍ୱାଇଁ, ପ୍ରଭୁଚରଣ ପତି, ନିରଞ୍ଜନା ସମାନ୍ତରାୟ ଓ ଫରହାତ ଜାହାନଙ୍କୁ ଏହି ଅବସରରେ ସମ୍ବର୍ଦ୍ଧିତ କରାଯାଇଥିଲା। ଶେଷରେ ମଧୁ ଭାଇଙ୍କ ଦ୍ୱାରା ରଚିତ “ବିଶ୍ୱର ନଉଜବାନ” ସଂଗୀତ ପରିବେଷଣ କରାଯାଇଥିଲା। ଧନ୍ୟବାଦ ଦେଇଥିଲେ ସମାଜସେବୀ ବିକ୍ରମ କେଶରୀ ମହାପାତ୍ର।

## ଫୁଡ଼ ଫାର୍ମିଙ୍ଗ୍‌କୁ ନେଇ ଉପୁଜିଥିବା ମାମଲା ଏବେ ଅଦାଲତରେ

**ବୈଶିଙ୍ଗା:ଏକ୍ସପ୍ରେସ୍ ନ୍ୟୁଜ୍**




ବୈଶିଙ୍ଗା ଥାନା ଅନ୍ତର୍ଗତ ପୁରୁଣିଆ ପଞ୍ଚାୟତର ଅଙ୍ଗାରୁଆ ମୌଜାରେ ୪୦ ଏକର ଜମି ପରିମିତ ଅଞ୍ଚଳରେ ଏକ ପ୍ରସ୍ତାବିତ ଫୁଡ଼ ଫାର୍ମିଂ କରାଯିବାର ଯୋଜନାକୁ ନେଇ ଗତ ଅଗଷ୍ଟ ୨୮ ତାରିଖରେ ଉପୁଜିଥିବା ଏକ ଘଟଣାର ଗ୍ରାମ ବୈଠକରେ ଶାନ୍ତ ପଡ଼ିଥିବା ଜଣାଯାଇଥିଲା। ଖବରରୁ ପ୍ରକାଶ ମୟୂରଭଞ୍ଜ ଜିଲ୍ଲା ସମନ୍ୱିତ ଆଦିବାସୀ ଉନ୍ନୟନ ପ୍ରକଳ୍ପ ଆନୁକୂଲ୍ୟରେ ଏହି ୪୦ ଏକର ଜମିରେ ଏକ ଫୁଡ଼ ଫାର୍ମିଂ କରିବା ପାଇଁ ବିଧାୟକଙ୍କ ପ୍ରସ୍ତାବ ଅନୁଯାୟୀ କାର୍ଯ୍ୟ ଆରମ୍ଭ କରାଯାଇଥିଲା। ପ୍ରକଳ୍ପ ପ୍ରଶାସକ ପ୍ରଣୟ ରଞ୍ଜନ ବେହେରା, କାର୍ଯ୍ୟନିର୍ବାହୀ ଅଧିକାରୀ ଗଙ୍ଗାଧର ପ୍ରଧାନ, ବେତନଟୀ ବିଡିଓ ଶୁଶାନ୍ତ କୁମାର ସୁତାର, ଅଧିକ୍ଷଣ ଯନ୍ତ୍ରୀ ସୌମ୍ୟାଶ୍ରୀ ଭୋଇ, ବୈଶିଙ୍ଗା ଥାନାଧିକାରୀ ବାରିଣୀ ଦାସ ପୋଲିସ ଫୋର୍ସ ସହିତ ପହଞ୍ଚିଥିଲେ। ବିଧାୟକ ସନାତନ ବିଜୁଳି ମଧ୍ୟ ଉପସ୍ଥିତ ହୋଇଥିଲେ। କଣ କାର୍ଯ୍ୟ ହେବ, କେତେ ଟଙ୍କାର ପ୍ରକଳ୍ପ, କିଏ କାର୍ଯ୍ୟ ନିର୍ବାହୀ ଅଧିକାରୀ ଏ ସବୁର କୌଣସି ଫଳକ କରାନଯାଇ କାର୍ଯ୍ୟ ଆରମ୍ଭ କରିବାକୁ ନେଇ ଗ୍ରାମବାସୀଙ୍କ ମଧ୍ୟରେ ଉତ୍ତେଜନା ପ୍ରକାଶ ପାଇଥିଲା। ସଙ୍ଗେସଙ୍ଗେ ଖବର ପାଇ ଶତାଧିକ ଗ୍ରାମବାସୀ ରୁଣ୍ଡ ହୋଇଥିବାର ଦେଖିବାକୁ ମିଳିଥିଲା। ପୂର୍ବତନ ସରପଞ୍ଚ ବିଜୟ କୁମାର ପଣ୍ଡା ଏହି ଜମି ଉପରେ ଟ୍ରାକ୍ଟର ଲଗାଇ ହଳ କରୁଥିବାରୁ ଲୋକେ ବାରଣ କରିଥିଲେ। ଏହାର କାରଣ ଅଶୀ ଦଶକରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ଶାସନ କାଳରେ ସେ ନିଜେ ଏହି ଜାଗାରେ ପହଞ୍ଚି ୪୦ ଏକର ଜମିକୁ ୨୫ ଜଣ ଚାଷୀମାନଙ୍କୁ ଚାଷ କରିବା ପାଇଁ ଲିଜ୍ ଦେବା ସହିତ ତାଙ୍କ ପାଇଁ ଘର ଏବଂ ଜଳସେଚନ ପାଇଁ ବ୍ୟବସ୍ଥା କରାଇଥିଲେ। ପର୍ଯ୍ୟାୟକ୍ରମେ ଚାଷ ବାସ ଆଉ ହେଲା ନାହିଁ। ଫଳରେ ଜମି ପଡିଆ ପଡିଥିଲେ ମଧ ଘର କରି ଦିଆଯାଇଥିବା ଚାଷୀମାନେ ଅଦ୍ୟାବଧି ରହିଛନ୍ତି। ହଠାତ୍ ଏପରି ଏକ ଘଟଣାକୁ ଦେଖି ସେମାନେ ଆଶ୍ଚର୍ଯ୍ୟ ହୋଇଯାଇଥିଲେ। ତେବେ କାହିଁକି ଏଭଳି ଉତ୍ତେଜନା ସୃଷ୍ଟି ହେଲା, ଏହା ପଛରେ କି ରାଜନୈତିକ ଶକ୍ତି କାମ କରୁଛି, ଏଥିପାଇଁ ଦାୟୀ କିଏ ବୋଲି ପ୍ରଶ୍ନ ଉଠିଥିଲା। ସେ ଦିନର ସିଦ୍ଧାନ୍ତ ଅନୁଯାୟୀ ପଞ୍ଚାୟତ କାର୍ଯ୍ୟାଳୟରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ ସେଦିନର ଉପସ୍ଥିତ ଥିବା ସମସ୍ତ ଅଧିକାରୀଙ୍କ ସହ ଏସଡିପିଓ ମିନତୀ ବିଶ୍ୱାଳ, ଅତିରିକ୍ତ ତହସିଲଦାର ଈଶ୍ୱର ଚନ୍ଦ୍ର ରଣା ଯୋଗ ଦେଇଥିଲେ। ସରପଞ୍ଚ ସୁନ୍ଦର ମୋହନ ସିଂ, ସମିତି ସଭ୍ୟ ତଥା ବ୍ଲକ ଉପାଧ୍ୟକ୍ଷ ଦେବଦତ୍ତ ତିଆଡି ତଥା ପୂର୍ବରୁ ଏହି ଜମିର ଲିଜ୍ ଧାରୀ ଥିବା ଚାଷୀମାନେ ମଧ୍ୟ ଉପସ୍ଥିତ ହୋଇଥିଲେ। ୪୦ ଏକର ବଦଳରେ ପ୍ରଥମେ ୧୮ ଏକର ଜମିରେ ଏହି ଫାର୍ମିଂ ହେବା ସହିତ ଏହାର ମାଲିକାନା ପଞ୍ଚାୟତ ହାତରେ ରହିବ ବୋଲି ସିଦ୍ଧାନ୍ତ ନିଆଯାଇଥିଲା। ମାତ୍ର ସୂଚନା ଫଳକ ଲଗାଯିବା ସହିତ ଟେଣ୍ଡର ଜରିଆରେ ଠିକାଦାର ବା କାର୍ଯ୍ୟନିର୍ବାହୀ ଏଜେନ୍ସି ଜରିଆରେ କାର୍ଯ୍ୟ କରିବାକୁ ଗ୍ରାମବାସୀମାନେ ଜଣାଇ ଦେଇଥିଲେ। ମାତ୍ର ଟେଣ୍ଡର କରିବା ପରିବର୍ତ୍ତେ ୫୮ ଲକ୍ଷ ଟଙ୍କାକୁ ଭାଗ ଭାଗ କରି ବିଧାୟକଙ୍କ ପାଖ ଲୋକଙ୍କୁ ଦିଆଯାଇଥିବା ଜଣାଯାଇଛି। ଏଥିପାଇଁ ସୂଚନ ଅଧିକାର ଆଇନ ବଳରେ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ବାରିପଦାଙ୍କୁ ଆବେଦନ କରାଯାଇଛି।

## ଜାତୀୟ ପ୍ରେସ ଦିବସରେ ଅତିଥି ଭାବେ ଯୋଗଦେବେ ମନ୍ତ୍ରୀ

**କଳିଙ୍ଗନଗର:ଏକ୍ସପ୍ରେସ୍ ନ୍ୟୁଜ୍**

ଆସନ୍ତା ରବିବାର, ତା. ୧୬ ନଭେମ୍ବର ୨୦୨୫ ଦିନ ପୂର୍ବାହ୍ନ ୧୦.୩୦ ଘଣ୍ଟାରେ ଦାନଗଦି ଭବନ ପ୍ରାଙ୍ଗଣରେ “ଜାତୀୟ ପ୍ରେସ ଦିବସ” ଉପଲକ୍ଷେ ଏକ ବିଶେଷ ଆଲୋଚନା ଚକ୍ର ଓ ଆଞ୍ଚଳିକ ସମାବେଶ ଆୟୋଜିତ ହେବ। ଏହି କାର୍ଯ୍ୟକ୍ରମଟି ଜିଲ୍ଲା ସାମ୍ବାଦିକ ସଂଘ, ଯାଜପୁର ଓ ଏହାର ଦାନଗଦି ବ୍ଲକ ଶାଖା ପକ୍ଷରୁ, “ରାଜ୍ୟ ସାମ୍ବାଦିକ ସଂଘ, ଓଡ଼ିଶା” ସହ ମିଳିତ ଆନୁକୂଲ୍ୟରେ ପାଳନ କରାଯିବ। ଏହା ସହ ଆଞ୍ଚଳିକ ସମାବେଶରେ ଆଖପାଖର ୧୦ଊର୍ଦ୍ଧ୍ୱ ଜିଲ୍ଲାର ବରିଷ୍ଠ ସାମ୍ବାଦିକମାନେ ଯୋଗଦେବେ। ଏହି ଅବସରରେ “ପ୍ରଦୂଷଣ ପାଇଁ ଅକାଳରେ ଝଡି ପଡୁଛି ଜୀବନ” ଶୀର୍ଷକ ଉପରେ ଆଲୋଚନା ଚକ୍ର ଅନୁଷ୍ଠିତ ହେବ। ଏହି ବୈଠକର ମୁଖ୍ୟ ଅତିଥି ଭାବେ ଯୋଗଦେବେ ସୁକିନ୍ଦା ବିଧାୟକ ତଥା ରାଜ୍ୟ ସମବାୟ, ବୟନ ଶିଳ୍ପ ଓ ହସ୍ତଶିଳ୍ପ ମନ୍ତ୍ରୀ ଡ଼. ପ୍ରଦୀପ ବଳ ସାମନ୍ତ। ମୁଖ୍ୟବକ୍ତା ଭାବେ ଯୋଗଦେବେ ସତ୍ୟପାଠ ସମ୍ପାଦକ ସତ୍ୟପ୍ରକାଶ ନାୟକ। ଅନ୍ୟତମ ଅତିଥିମାନଙ୍କ ମଧ୍ୟରେ ଅକ୍ଷୟ କୁମାର ମଲ୍ଲିକ (ଅତିରିକ୍ତ ଆୟୁକ୍ତ, ଭୂଲେଖ ଓ ବନ୍ଦୋବସ୍ତ), ସୁପ୍ରସନ୍ନ ମଲ୍ଲିକ (ଅତିରିକ୍ତ ଆରକ୍ଷୀ ଅଧିକ୍ଷକ, କଳିଙ୍ଗନଗର), କୈଳାଶ ଚନ୍ଦ୍ର ନାୟକ (ରାଜ୍ୟ ସଭାପତି), ଡ଼. ଚିନ୍ତାମଣି ପାଢ଼ୀ (ରାଷ୍ଟ୍ରୀୟ ସଂଗଠନ ସମ୍ପାଦକ), ପ୍ରଦୀପ କୁମାର ସେଠୀ (ବିଡିଓ, ଦାନଗଦି) ଓ ବରିଷ୍ଠ ସ୍ତମ୍ଭକାର ବିରଞ୍ଚି ନାରାୟଣ ଦାସ ଯୋଗଦେବେ ବୋଲି ସଂଘ ପକ୍ଷରୁ ଜଣାଇଯାଇଛି। ଏହି ଅବସରକୁ ସଫଳ କରିବା ପାଇଁ ବୁଧବାର ସନ୍ଧ୍ୟାରେ ଦାନଗଦି ଭବନ ପରିସରରେ ଏକ ବିଶେଷ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ଆଜିର ଏହି ବୈଠକର ସଭାପତିତ୍ୱ କରିଥିଲେ ସୁବାସ ଚନ୍ଦ୍ର ଧଳ, ସଭାପତି, ଜିଲ୍ଲା ସାମ୍ବାଦିକ ସଂଘ (ଯାଜପୁର)। ବୈଠକରେ କୈଳାଶ ଚନ୍ଦ୍ର ନାୟକ, ଚିନ୍ତାମଣି ପାଢ଼ୀ, ଅକ୍ଷୟ କୁମାର ଧଳ ଜିଲ୍ଲା ସାମ୍ବାଦିକ ସଂଘ ସମ୍ପାଦକ (ଯାଜପୁର), ଦିଲ୍ଲୀପ କୁମାର ପରିଡା, ଅନୁଜ କୁମାର ମଲ୍ଲିକ, ମଳୟ କୁମାର ରାଉତ, ସେଖ ଅବତାର ଅଲୀ, ନରୋତ୍ତମ ବେହେରା ଓ ସ୍ୱରାଜ କୁମାର ଜେନା ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ସଂଘ ପକ୍ଷରୁ କୁହାଯାଇଛି ଯେ, ଏହି ଅବସର ଯାଜପୁର ଜିଲ୍ଲାର ସାମ୍ବାଦିକମାନଙ୍କ ମଧ୍ୟରେ ସଂଗଠନ, ଆଦର୍ଶ ଓ ସହଯୋଗୀତାକୁ ଆଗକୁ ବଢ଼ାଇବାରେ ଏକ ନୂଆ ପଦକ୍ଷେପ ହେବ। ସମସ୍ତ ମାଧ୍ୟମ ସଂଶୋଧିତ, ସାମାଜିକ କର୍ମୀ ଓ ଲୋକପ୍ରିୟ ବ୍ୟକ୍ତିମାନଙ୍କୁ ଏହି ମହାସମାରୋହରେ ଯୋଗଦେବା ପାଇଁ ଦାନଗଦି ଶାଖା ତରଫରୁ ସାଦର ନିମନ୍ତ୍ରଣ ଜଣାଇ ଦିଆଯାଇଛି।

## ଯାଜପୁରରେ ଜାତୀୟ ଶିକ୍ଷା ଦିବସ

**ଯାଜପୁର:ଏକ୍ସପ୍ରେସ୍ ନ୍ୟୁଜ୍**

ନରସିଂହ ଚୌଧୁରୀ (ସ୍ୱୟଂଶାସିତ) ମହାବିଦ୍ୟାଳୟରେ ଶିକ୍ଷା ବିଭାଗ ପକ୍ଷରୁ ଜାତୀୟ ଶିକ୍ଷା ଦିବସ ପାଳିତ ହୋଇଯାଇଛି। ଅଧକ୍ଷ ଡ. ରଞ୍ଜନ କୁମାର ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଡ. ଦାମୋଦର ବେହେରା, ସମ୍ମାନିତ ଅତିଥି ରସାୟନ ବିଭାଗ ଅଧ୍ୟାପକ ଡ. ଦିବ୍ୟଲୋଚନ ସିଂହ, ମୁଖ୍ୟବକ୍ତା ଶିକ୍ଷା ବିଭାଗ ଅଧ୍ୟାପିକା ଡ. ଲୋପାମୁଦ୍ରା ଦାସ ପ୍ରମୁଖ ଯୋଗଦେଇ ଜାତୀୟ ଶିକ୍ଷା ଦିବସ ସମ୍ପର୍କରେ ଆଲୋକପାତ କରିବା ସହ ମୌଲାନା ଅବଦୁଲ କଲାମ ଆଜାଦ୍ ଙ୍କ ଭୂମିକା, ତ୍ୟାଗ ଓ ଶିକ୍ଷା କ୍ଷେତ୍ରରେ ଅବଦାନ ଅତୁଳନୀୟ। ଶିକ୍ଷା କ୍ଷେତ୍ରରେ ଓ ସମାଜ ଗଠନରେ ଶିକ୍ଷକଙ୍କର ଭୂମିକା ଗୁରୁତ୍ୱ ରହିଛି। ଉଚ୍ଚାରଣ ଓ ଆଚରଣରେ ଶୁଦ୍ଧତା ଛାତ୍ରୀଛାତ୍ରଙ୍କୁ ଭଲ ମଣିଷ ହେବାର ସାହାସ ଯୋଗାଇ ଥାଏ। ଅନ୍ୟମାନଙ୍କ ମଧ୍ୟରେ ଅଧ୍ୟାପିକା ଭାଗ୍ୟଶ୍ରୀ ପାଣିଗ୍ରାହୀ, ରଶ୍ମିତା ମଲ୍ଲିକ, ପାୟଲ ସୋନି ପୃଷ୍ଟି ପ୍ରମୁଖ ଉପସ୍ଥିତ ଥିବା ବେଳେ କରିସ୍ମା, ପ୍ରଜ୍ଞା ମଞ୍ଚ ପରିଚାଳନା କରିଥିଲେ। ଛାତ୍ରଛାତ୍ରୀଙ୍କ ଦିବସର ଗୁରୁତ୍ୱ ସମ୍ବନ୍ଧୀୟ ଅଭିଭାଷଣ ପ୍ରଦାନ କରିଥିଲେ। ସୋନାଲୀ, କିସିସ୍, ନିଶାନ, ପ୍ରିୟତମା, ନାରାୟଣ, ଲିଜାରାଣୀ, ନାଇଫା, ଇତିଶ୍ରୀ, ଲକ୍ଷ୍ମୀପ୍ରିୟା, ପୂଜା, ମୋନାଲିସା ପ୍ରମୁଖ କବିତା ଆବୃତ୍ତି କରିଥିଲେ। କୁଇଜ ପ୍ରତିଯୋଗିତା, କବିତା ଆବୃତ୍ତି, ପ୍ରବନ୍ଧ ଲିଖନ, ବକ୍ତୃତା ପ୍ରତିଯୋଗିତା କରାଯାଇ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା।

**ଭର୍ତ୍ତି ଅଧିସୂଚନା ୦୧/୨୦୨୫**
**କେନ୍ଦ୍ରୀୟ ବିଦ୍ୟାଳୟ ସଂଗଠନ ଏବଂ ନବୋଦୟ ବିଦ୍ୟାଳୟ ସମିତିରେ ବିଭିନ୍ନ ଶିକ୍ଷଣ ଏବଂ ଅଣଶିକ୍ଷଣ ପଦ ପାଇଁ ଭର୍ତ୍ତି**

କେନ୍ଦ୍ରୀୟ ବିଦ୍ୟାଳୟ ସଂଗଠନ ଏବଂ ନବୋଦୟ ବିଦ୍ୟାଳୟ ସମିତିରେ ବିଭିନ୍ନ ଶିକ୍ଷଣ ଏବଂ ଅଣଶିକ୍ଷଣ ପଦଗୁଡ଼ିକ ନିମନ୍ତେ ସିଧା ଭର୍ତ୍ତି ପାଇଁ କେନ୍ଦ୍ରୀୟ ବିଦ୍ୟାଳୟ ସଂଗଠନ ଏବଂ ନବୋଦୟ ବିଦ୍ୟାଳୟ ସମିତ ତରଫରୁ କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ବୋର୍ଡ ଭାରତୀୟ ନାଗରୀକମାନଙ୍କ ଠାରୁ ଅନଲାଇନ ମାଧ୍ୟମରେ ଆବେଦନ ଆମନ୍ତ୍ରଣ କରୁଛନ୍ତି। ଆବେଦକଙ୍କୁ ଏହି ଭର୍ତ୍ତି ସମ୍ବନ୍ଧିୟ ବିସ୍ତୃତ ନୋଟିଫିକେଶନ, ଆବେଦନ ପ୍ରାରୂପ ଏବଂ ପ୍ରାମାଣିକ ସୂଚନା କେବଳ କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ବୋର୍ଡ, କେନ୍ଦ୍ରୀୟ ବିଦ୍ୟାଳୟ ସଂଗଠନ ଏବଂ ନବୋଦୟ ବିଦ୍ୟାଳୟ ସମିତିର ୱେବସାଇଟ୍ https://www.cbse.gov.in / https://kvsangathan.nic.in ଏବଂ https://navodaya.gov.in ରେ ଦେଖିବାକୁ ଅନୁରୋଧ କରାଯାଉଛି। ଅନଲାଇନ ଆବେଦନ ପ୍ରସ୍ତୁତ କରିବା ପାଇଁ ପୋର୍ଟାଲ ତା.୧୪.୧୧.୨୦୨୫ ରୁ ଆରମ୍ଭ ହେବ ଏବଂ ଅନଲାଇନ ଆବେଦନ ପ୍ରସ୍ତୁତ କରିବାର ଶେଷ ତାରିଖ ୦୪.୧୨.୨୦୨୫ ଅଟେ।

ନିର୍ଦ୍ଦେଶକ (ସି.ଟି.ଇ.ଟି)
କେ.ମା.ଶି.ବୋ

CBC 21107/12/0007/2526

## ସୁନା ପାଇବାକୁ ଇଚ୍ଛା କରି ହୀରାକୁ ହରାଇଲେ ନିମାପଡାବାସୀ

**ଗୋପ:ଏକ୍ସପ୍ରେସ୍ ନ୍ୟୁଜ୍**

ରାଜ୍ୟରେ ପ୍ରଥମକରି ବିଜେପି ସରକାରଙ୍କୁ ଚୟନ କରିବା ପରେ ୨୪ ବର୍ଷର ଶାସନ ବ୍ୟବସ୍ଥାରେ ଥିବା ସରକାରଙ୍କୁ ଭୁଲିଯିବେ ବୋଲି ଅଧିକାଂଶ ବ୍ୟକ୍ତି ବିଶେଷଙ୍କ ମନରେ ଧାରଣା ଥିଲା। ବାସ୍ତବ ସ୍ଥିତି କିନ୍ତୁ କିଛି ମାସ ବ୍ୟବଧାନରେ ଭିନ୍ନ ଦେଖିବାକୁ ମିଳିଥିଲା। ଏବେ ତ ଗାଁରୁ ସହର ସବୁଠି ଗୋଟିଏ କଥା ‘ସୁନାକୁ ପାଇବାକୁ ଇଚ୍ଛା କରି ହୀରାକୁ ହରାଇଲେ’ ବୋଲି ଲୋକଙ୍କ ମଧ୍ୟରେ ଚର୍ଚ୍ଚା ହେଉଛି। ନୂତନ ସରକାରଙ୍କ ନୂତନ ବିଧାୟକ ଓ ବିଧାୟିକାଙ୍କ ମୁହଁରେ ଗୋଟିଏ କଥା ବିଗତ ୨୪ ବର୍ଷ ଧରି ସମସ୍ୟାରେ ଥିଲା ସେତେବେଳେ କାନ୍ଦିବାକୁ ଇଚ୍ଛା ହେଉନଥିଲା ଏବେ କାନ୍ଦିଲେ କଣ ହେବ? ଏମିତି କିଛି ଉତ୍ତର ମିଳୁଛି ନବନିର୍ବାଚିତ ଲୋକ ପ୍ରତିନିଧିମାନଙ୍କଠାରୁ। ଏମିତି କି ଦଳୀୟ କର୍ମୀମାନେ ମଧ୍ୟ ନିରୁପାୟ ହୋଇଗଲେଣି। ପଲ୍ଲୀଠାରୁ ଦିଲ୍ଲୀ ପର୍ଯ୍ୟନ୍ତ ଥିବା କାର୍ଯ୍ୟକର୍ତ୍ତାଙ୍କ ମନରେ ଅନେକ ଆଶା ଓ ବିଶ୍ୱାସ ଥିଲା ଆମେ ଶାସନ ବ୍ୟବସ୍ଥାକୁ ଆସିଲେ ଆମ ଅଞ୍ଚଳର ବିକାଶ ହେବ। ଅଞ୍ଚଳର ବିକାଶ ତ ଦୂରର କଥା, ଏମିତିକି ମାଡ, ଗାଳି ଓ ଆକ୍ରୋଶର ଶିକାର ହୋଇଥିବା ଅନେକ କର୍ମକର୍ତ୍ତାଙ୍କୁ ସଠିକ ବ୍ୟବସ୍ଥାରେ ଥଇଥାନ କରାଯାଇନାହିଁ। ସେଥିପାଇଁ ଅନେକଙ୍କ ମଧ୍ୟରେ କ୍ଷୋଭ ପ୍ରକାଶ ପାଉଛି। ପୂର୍ବରୁ ଦୁର୍ନୀତିଗ୍ରସ୍ତ ଅଧିକାରୀମାନେ ଯେଉଁଭଳି ସକ୍ରିୟ ଥିଲେ ଆଜି ବି ସେହିପରି ସକ୍ରିୟ ଭାବେ ଏକଛତ୍ରବାଦ ଶାସନ କରୁଛନ୍ତି। କହିବାକୁ ଗଲେ ରାଜ୍ୟ ସରକାରଙ୍କ କୌଣସି ଜନହିତକର ଯୋଜନାକୁ ସଫଳତାର ସହିତ କାର୍ଯ୍ୟକାରୀ କରାଯାଉନାହିଁ। ଯାହାଫଳରେ ଅନେକ ଯୋଜନାରୁ ଯୋଗ୍ୟ ହିତାଧିକାରୀମାନେ ଉପଯୁକ୍ତ ପ୍ରାପ୍ୟ ପାଇବାରୁ ବଞ୍ଚିତ ହେଉଛନ୍ତି। ପୂର୍ବରୁ ଯେଉଁସବୁ ପ୍ରତିଶ୍ରୁତି ଦେଇ ନିର୍ବାଚନ ବୈତରଣୀ ପରି ହେଲେ ଅନ୍ତତଃ ସେଥିମଧ୍ୟରୁ ୪୦% ପୂରାଣ କରିବାରେ ସକ୍ଷମ ହୋଇପାରିଲେ ନାହିଁ। ପ୍ରତିଶ୍ରୁତିକୁ ଭୁଲି ଏବେ ଅବାସ୍ତବ ଓ ଅସମ୍ଭବ କାର୍ଯ୍ୟ କରିବା ପାଇଁ ସୋସିଆଲ ମିଡିଆରେ ପ୍ରଚାର କରୁଛନ୍ତି। ଏମିତି ଘଟଣା ଘଟୁଛି ପୁରୀ ଜିଲ୍ଲାର ନିମାପଡା ବିଧାନସଭା ନିର୍ବାଚନ ମଣ୍ଡଳୀରେ। ଏଠାରୁ ଯିଏ ନିର୍ବାଚିତ ହୋଇଛନ୍ତି ସିଏ ହେଉଛନ୍ତି ରାଜ୍ୟର ଉପ ମୁଖ୍ୟମନ୍ତ୍ରୀ। ଉପ ମୁଖ୍ୟମନ୍ତ୍ରୀ ନିର୍ବାଚନ ସମୟରେ ଯେଉଁ ସବୁ ନିର୍ବାଚନୀ ଇସ୍ତାହାର ଦେଇଥିଲେ ସେଥିମଧ୍ୟରୁ ଗୋଟିଏ ବି ସମ୍ପୂର୍ଣ୍ଣ ହୋଇପାରିଲାନାହିଁ। ଏମିତି ରାସ୍ତା ଘାଟ ନାଳ-ନର୍ଦ୍ଦମା, ବନ୍ଧ-ବାଡ଼, ନଦୀ-ପୁଷ୍କରିଣୀ, ଷ୍ଟ୍ରିଟ ଲାଇଟ, ପାନୀୟ ଜଳ, ଜୀବନ ଜୀବିକା ଆଦି ଗୋଟିଏ କାର୍ଯ୍ୟର ସ୍ଥାୟୀ ସମାଧାନ ହୋଇପାରିଲାନାହିଁ। ଏହାଦ୍ୱାରା ଦଳୀୟ କର୍ମୀମାନେ ଗାଁରେ ଆଉ ସମୟ ଦେଉନାହାନ୍ତି କାରଣ ଅନେକ ପ୍ରଶ୍ନର ସମ୍ମୁଖୀନ ହେବାକୁ ପଡୁଛି। ସୂର୍ଯ୍ୟ ଉଦୟ ପୂର୍ବରୁ ଘରୁ ବାହାରିପଡୁଛନ୍ତି ଆଉ ସହରଟା ଶୋଇଗଲା ପରେ ଘରକୁ ଫେରୁଛନ୍ତି। ଏମିତି କେତେଦିନ? ଏଠି ସାଧାରଣରେ ପ୍ରଶ୍ନ ଉଠୁଛି କହିବା କାହାକୁ ଶୁଣିବ କିଏ?

**ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା**
ସଚିବାଳୟ ମାର୍ଗ, ଭୁବନେଶ୍ୱର-୭୫୧୦୦୧
ଫୋନ୍: (୦୬୭୪) ୨୩୯୩୫୨୪
ଇପିଏବିଏକ୍ସ: (୦୬୭୪) ୨୩୯୧୫୪୨, ୨୩୯୦୧୪୧
ଫାକ୍ସ: (୦୬୭୪) ୨୩୯୩୯୫୨, ୱେବ୍ ସାଇଟ୍: www.oshb.org
CAD-2250

**ବିଜ୍ଞାପନ**

ପତ୍ର ସଂଖ୍ୟା: ୧୯୫ ତା: ୨୪.୧୦.୨୫

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି କି ନିମ୍ନ ଲିଖିତ ସ୍ଥାବର ସଂପତ୍ତି ଆବଣ୍ଟନ ଗ୍ରହୀତାଙ୍କ ମୃତ୍ୟୁ ପରେ ନିମ୍ନ ଆବେଦନକାରୀ ନିଜକୁ ତାଙ୍କର ଉତ୍ତରାଧିକାରୀ ଦର୍ଶାଇ ତାଙ୍କ ନାମ ଦରଜ କରିବା ପାଇଁ ଆବେଦନ କରିଅଛନ୍ତି। ଏଥିରେ ଯଦି କାହାର କିଛି ଆପତ୍ତି ଥାଏ, ଉକ୍ତ ବିଜ୍ଞାପନ ପ୍ରକାଶ ପାଇବାର ୧୫ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣ ସହ ନିମ୍ନ ସ୍ୱାକ୍ଷରକାରୀଙ୍କ ଦପ୍ତରରେ ଆବେଦନ କରିପାରିବେ। ଧାର୍ଯ୍ୟ ଦିନ ପରେ କୌଣସି ଆପତ୍ତି ଗ୍ରହଣଯୋଗ୍ୟ ନୁହେଁ।

| କ୍ର. ନଂ. | ଆବଣ୍ଟନ ଗ୍ରହୀତାଙ୍କ ନାମ ଓ ଠିକଣା | ଗୃହର ବିବରଣୀ | ଉତ୍ତରାଧିକାରୀଙ୍କ ନାମ |
|---|---|---|---|
| ୧ | ✓ ଯଦୁମଣି ଦାସ<br>ପି-✓ଖଗେଶ୍ୱର ଦାସ<br>ଗ୍ରା/ପୋ-ଛୋଟି<br>ଥା/ଜି- କେନ୍ଦ୍ରାପଡ଼ା | ଘର ନଂ ଏଫ୍.ଏଲ୍-୭୯<br>(FL-79)<br>ବାସନ୍ତୀ କଲୋନୀ<br>ଚତୁର୍ଥ ପର୍ଯ୍ୟାୟ<br>ରାଉରକେଲା<br>ଜି-ସୁନ୍ଦରଗଡ଼ | ୧- ସୁବାଶିନି ଦାସ (ସ୍ତ୍ରୀ)<br>୨- ସୁପ୍ରଭା ଗୁରୁ (ବି.କନ୍ୟା)<br>୩- ସୁନିତା ମହାପାତ୍ର (ବି.କନ୍ୟା)<br>୪- ଅନିତା ଦାସ (ବି.କନ୍ୟା)<br>୫- ସରୋଜ ଦାସ (ବି.ପୁତ୍ର)<br>୬- ମନୋଜ କୁମାର ଦାସ (ବି.ପୁତ୍ର) |

ସ୍ୱା- ପ୍ରଶାସନିକ ଅଧିକାରୀ
ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା

ଓଡ଼ିଶା ଏକ୍ସପ୍ରେସ୍
କେନ୍ଦ୍ରାପଡ଼ା | 13th November, 2025 Thursday | RNI Regd. No. ODIODI/2009/28880

## ହେଲ୍ଥ ଟନିକ୍



### ପତି-ପତ୍ନୀ ତାରାଭରା ଆକାଶ

ପତି-ପତ୍ନୀ ରାତିରେ ଛାତ ଉପରେ ବସିଥିଲେ। ପତ୍ନୀଦେବୀ ବେଶ୍ କିଛି ସମୟ ଆକାଶର ତାରାକୁ ଚାହିଁ ରହିବା ପରେ ପତିଦେବଙ୍କୁ ପଚାରିଲେ- ଆଚ୍ଛା କହିଲ, ତୁମେ ପ୍ରତିଦିନ ତାକୁ ଦେଖୁଛ, କିନ୍ତୁ ତାକୁ ଘରକୁ ଆଣିପାରିବନି। ସେ କିଏ ?

ପତିଦେବ ତତ୍କ୍ଷଣାତ କହିଲେ- ପଡ଼ୋଶିନୀ।

***********

### ଦୁଇଟି ଭୟଙ୍କର ଅସ୍ତ୍ର

ପୃଥିବୀର ଦୁଇଟି ଭୟଙ୍କର ଅସ୍ତ୍ର- ଗୋଟିଏ ସ୍ତ୍ରୀ ଆଖିର ଲୁହ, ଅନ୍ୟଟି ପଡ଼ୋଶିନୀଙ୍କ ସୁନ୍ଦର ମୁହଁ।



କଟକ ମହାନଦୀଠାରେ ବୋଇତ ପ୍ରତିଯୋଗିତା ଉଦ୍‌ଯାପିତ। ଏଥିରେ ଓଡ଼ିଶା ଦଳର ପ୍ରଥମ ସ୍ଥାନ ଅଧିକାର। (ଫଟୋ-ଚନ୍ଦନ)

# ତେଜସ୍ୱୀଙ୍କୁ ଖୁସି କଲା ନ୍ୟୁଜ୍-ପିଞ୍ଚ୍-ଏଆଇ ପଲିଟିକ୍ସର ଏକଜିଟ୍ ପୋଲ୍

**ପାଟନା,୧୨।୧୧: ଏକ୍ସପ୍ରେସ୍ ନ୍ୟୁଜ୍**

ବିହାରରେ ଅଧିକାଂଶ ଏକଜିଟ୍ ପୋଲ୍ ଏନଡିଏ ସରକାର ପୁଣି କ୍ଷମତାକୁ ଆସିବା ନେଇ ଆକଳନ କରୁଥିବାବେଳେ ନ୍ୟୁଜ୍-ପିଞ୍ଚ୍-ଏଆଇ ପଲିଟିକ୍ସର ଏକଜିଟ୍ ପୋଲରେ ଏନଡିଏ ଓ ମହାମେଣ୍ଟ ମଧ୍ୟରେ କଡ଼ା ମୁକାବିଲା ହେବା ସଙ୍କେତ ମିଳୁଛି। ଏଥିରେ କୁହାଯାଇଛି କି ଏନଡିଏକୁ ୧୨୧ ସିଟ୍ ମିଳିପାରେ। ତେବେ ମହାମେଣ୍ଟ ଖାତାକୁ ୧୧୯ ସିଟ୍ ଆସିବା ଅନୁମାନ କରାଯାଇଛି। ଏଥିରେ ୬ ସିଟ୍ ବୃଦ୍ଧି କିମ୍ବା ହ୍ରାସ ପାଇପାରେ। ତେବେ ଅନ୍ତିମ ଫଳାଫଳ ୧୪ ନଭେମ୍ବର ଶୁକ୍ରବାର ଜାରି ହେବ। ଏଜେନ୍ସି ଅନ୍ୟାନ୍ୟ ଦଳ ଖାତାକୁ ୩ରୁ ୫ ସିଟ୍ ଯିବା ଆକଳନ କରିଛି। ଖାସ୍ କଥା ହେଉଛି ଏହି ଆକଳନରେ କୌଣସି ବି ଦଳକୁ ବହୁମତ ମିଳୁଥିବା ନଜର ଆସୁନି। ଏକଜିଟ୍ ପୋଲରେ କୁହାଯାଇଛି କି ଆରଜେଡି ୮୯-୯୭ ସିଟରେ ବଡ ଦଳ ହୋଇ ଉଭା ହୋଇପାରେ। ଅନ୍ୟପଟେ ଦ୍ୱିତୀୟ ସ୍ଥାନରେ ଭାରତୀୟ ଜନତା ପାର୍ଟି ୮୫-୯୩ ଆସନ ନିଜ ନାଁରେ କରିପାରେ। ଜନତା ଦଳ ୟୁନାଇଟେଡକୁ ୨୫-୩୧, ଏଲଜେପିକୁ ୨-୪ ସିଟ୍ ମିଳିପାରେ। ମହାମେଣ୍ଟ ଦଳରେ କଂଗ୍ରେସକୁ ୧୪-୨୧, ଭିଆଇପିକୁ ୨-୩, ସିପିଆଇକୁ ୧-୨, ସିପିଆଇ(ଏମଏଲ)ଏଲକୁ ୨-୫ ଏବଂ ସିପିଆଇଏମକୁ ୧-୨ ସିଟ୍ ମିଳିବା ଅନୁମାନ କରାଯାଉଛି। ଆସନ ମାମଲାରେ ଏନଡିଏ ଆଗେଇ ଥିବାବେଳେ ଏକଜିଟ ପୋଲ୍ ଅନୁସାରେ ଭୋଟ୍ ସେୟାରିଂ ମାମଲାରେ ମହାମେଣ୍ଟ ଆଗରେ ରହିଛି। ରାଜ୍ୟରେ ଏନଡିଏ ଖାତାରେ ୩୮.୪ ପ୍ରତିଶତ ଭୋଟ୍ ଆସୁଥିବା ଦେଖିବାକୁ ମିଳୁଛି। ମହାମେଣ୍ଟକୁ ୩୯.୨ ପ୍ରତିଶତ ଭୋଟ୍ ମିଳିବା ଆକଳନ କରାଯାଉଛି। ପ୍ରଶାନ୍ତ କିଶୋରଙ୍କ ଜନସୁରାଜ ପାର୍ଟିକୁ ୧୨.୭ ପ୍ରତିଶତ ଭୋଟ୍ ମିଳିପାରେ। ଅନ୍ୟାନ୍ୟ ଖାତାକୁ ୯.୮ ପ୍ରତିଶତ ଭୋଟ୍ ମିଳିପାରେ।

# ରୋ-କୋଙ୍କୁ ଘରୋଇ କ୍ରିକେଟ ଖେଳିବାକୁ ହେବ: ବିସିସିଆଇ

**ନୂଆଦିଲ୍ଲୀ,୧୨।୧୧**
**ଏକ୍ସପ୍ରେସ୍ ନ୍ୟୁଜ୍**

ଅଷ୍ଟ୍ରେଲିଆ ବିପକ୍ଷ ଦିନିକିଆ ସିରିଜର ଶେଷ ମ୍ୟାଚ୍‌ରେ ଭାରତର ଷ୍ଟାର କ୍ରିକେଟର ବିରାଟ କୋହଲି ଏବଂ ରୋହିତ ଶର୍ମା ଉତ୍କୃଷ୍ଟ ଇନିଂସ ଖେଳିଥିଲେ। ରୋହିତ ଶତକ ସହିତ ଭାରତକୁ ବିଜୟୀ କରାଇଥିବା ବେଳେ କୋହଲି ଅର୍ଦ୍ଧଶତକ ହାସଲ କରିଥିଲେ। ଉଭୟ ନିଜ ଇନିଂସରେ ପ୍ରଶଂସକଙ୍କ ହୃଦୟ ଜିତିଥିଲେ। କିନ୍ତୁ ବିସିସିଆଇ ସେମାନଙ୍କ ଇନିଂସରେ ଖୁସି ନଥିବା ଚର୍ଚ୍ଚା ହେଉଛି। କୁହାଯାଉଛି ଯେ, ବିସିସିଆଇ ଉଭୟଙ୍କୁ ଘରୋଇ କ୍ରିକେଟ ଖେଳିବାକୁ ବାଧ କରୁଛି।

ଭାରତୀୟ କ୍ରିକେଟ୍ ନିୟନ୍ତ୍ରଣ ବୋର୍ଡ (ବିସିସିଆଇ) ଏହି ୨ ଅଭିଜ୍ଞ ଖେଳାଳିମାନଙ୍କ ପାଇଁ ଘରୋଇ କ୍ରିକେଟ୍ ଖେଳିବା ବାଧ୍ୟତାମୂଳକ କରିଥିବା ଜଣାପଡ଼ିଛି। ଟେଷ୍ଟ ଏବଂ ଟି-୨୦ ଆନ୍ତର୍ଜାତୀୟ ମ୍ୟାଚ୍‌ରୁ ଅବସର ନେବା ପରେ, ରୋହିତ ଏବଂ କୋହଲି କେବଳ ୫୦-ଓଭର ଫର୍ମାଟରେ ହିଁ ଖେଳୁଛନ୍ତି। ତେଣୁ, ଦିନିକିଆ ସିରିଜ୍‌ରେ ଚୟନ ପାଇଁ ସେମାନଙ୍କର ମ୍ୟାଚ୍ ଫିଟନେସ୍ ଏକ ପ୍ରମୁଖ ଆଲୋଚନାର ବିଷୟ ପାଲଟିଛି। ଦକ୍ଷିଣ ଆଫ୍ରିକା ବିପକ୍ଷରେ ଦିନିକିଆ ସିରିଜ୍ ପାଇଁ ଦଳ ଚୟନ ପୂର୍ବରୁ, ବିଜୟ ହଜାରେ ଟ୍ରଫିରେ ସେମାନଙ୍କର ସମ୍ଭାବ୍ୟ ଅଂଶଗ୍ରହଣ ପ୍ରସଙ୍ଗ ଏବେ ତୀବ୍ର ହୋଇଛି।

ସୂଚନା ମିଳିଛି ଯେ, ରୋହିତ ପୂର୍ବରୁ ମୁମ୍ବାଇ କ୍ରିକେଟ୍ ଆସୋସିଏସନ୍ କୁ ଜଣାଇ ସାରିଛନ୍ତି ଯେ, ସେ ବିଜୟ ହଜାରେ ଟ୍ରଫିରେ ଖେଳିବା ପାଇଁ ଉପଲବ୍ଧ ରହିବେ। ଅନ୍ୟପକ୍ଷରେ, କୋହଲି ତାଙ୍କର ଉପଲବ୍ଧତା ସ୍ପଷ୍ଟ କରିନାହାଁନ୍ତି। ଏମଧ୍ୟରେ ଚର୍ଚ୍ଚା ହେଉଛି ଯେ, ଯଦି ସେମାନେ ଭାରତ ପାଇଁ ଖେଳିବାକୁ ଚାହାଁନ୍ତି, ତେବେ ସେମାନଙ୍କୁ ଘରୋଇ କ୍ରିକେଟ୍ ଖେଳିବାକୁ ପଡିବ। ଉଭୟ ଦୁଇଟି ଫର୍ମାଟରୁ ଅବସର ନେଇସାରିଛନ୍ତି। ତେଣୁ ମ୍ୟାଚ୍ ଫିଟ୍ ହେବା ପାଇଁ ସେମାନଙ୍କୁ ଘରୋଇ କ୍ରିକେଟ୍ ଖେଳିବାକୁ ବିସିସିଆଇ ସେମାନଙ୍କୁ ବାଧ କରୁଥିବା ଜଣାଯାଇଛି। ତେବେ ଏପର୍ଯ୍ୟନ୍ତ ରୋହିତ୍ କିମ୍ବା କୋହଲି ଏହା ଉପରେ କୌଣସି ପ୍ରତିକ୍ରିୟା ରଖିନାହାନ୍ତି।

# ସଡ଼କ ଦୁର୍ଘଟଣା: ୫ ବର୍ଷରେ ୪ହଜାରରୁ ଅଧିକ ମହିଳା ଓ ଶିଶୁ ମୃତ

**ଭୁବନେଶ୍ୱର,୧୨।୧୧: ତଥ୍ୟ**

ରାଜ୍ୟରେ ସଡକ ଦୁର୍ଘଟଣା ଦିନକୁ ଦିନ ବେକାକୁ ହେଉଥିବାବେଳେ ଏଥିରେ ଏକାଧିକ ମହିଳା ଓ ଶିଶୁଙ୍କ ଜୀବନ ଯାଉଛି। ବିଗତ ୫ବର୍ଷରେ ରାଜ୍ୟରେ ୪ହଜାରରୁ ଅଧିକ ମହିଳା ଓ ଶିଶୁ ସଡକ ଦୁର୍ଘଟଣାରେ ପ୍ରାଣ ହରାଇଲେଣି।

ଦୁର୍ଘଟଣା ଜନିତ ମୃତ୍ୟୁ ସଂକ୍ରାନ୍ତରେ ମିଳିଥିବା ସୂଚନା ଅନୁଯାୟୀ ବିଗତ ୫ବର୍ଷରେ ରାଜ୍ୟରେ ୪୧୩୭ଜଣ ମହିଳା ଓ ଶିଶୁ ପ୍ରାଣ ହରାଇଛନ୍ତି। ଏମାନଙ୍କ ମଧ୍ୟରେ ୧୧୯୪ ଜଣ ୧୮ବର୍ଷ ବୟସରୁ କମ୍ ପିଲା ରହିଥିବାବେଳେ ୨୯୪୩ ଜଣ ମହିଳା ରହିଛନ୍ତି।

ଏହି ୫ବର୍ଷ ମଧ୍ୟରେ ସଡକ ଦୁର୍ଘଟଣାରେ ମୋଟ୍ ମୃତକଙ୍କ ସଂଖ୍ୟା ୨୭,୨୬୭ ରହିଛି। ଦୁର୍ଘଟଣାର ମୁଖ୍ୟ କାରଣ ମଧ୍ୟରେ ଦ୍ରୁତ ଗତିରେ ଗାଡି ଚଳାଇବା, ରାସ୍ତାର ଭୁଲ୍ ପାର୍ଶ୍ୱରେ ଗାଡି ଚାଳନା କରିବା, ନିଶା ସେବନ କରି ଗାଡି ଲାଇବା ଓ ଗାଡି ଚାଳନା ସମୟରେ ମୋବାଇଲରେ କଥାବାର୍ତ୍ତା ଆଦି ରହିଥିବା ଖୋଦ୍ ସରକାର ସ୍ୱୀକାର କରୁଛନ୍ତି।

ତେବେ ଏହିସବୁ ବେପରୁଆ କାର୍ଯ୍ୟକୁ ରୋକିବାପାଇଁ ଆଇନ୍ ଅନୁଯାୟୀ ଜୋରିମାନା ବ୍ୟବସ୍ଥା ଥିଲେ ମଧ୍ୟ ତାହାକୁ ଗାଡିଚାଳକମାନେ ସାମାନ୍ୟ ଖାତିର କରୁନାହାନ୍ତି। କେତେକ କ୍ଷେତ୍ରରେ ଯାଞ୍ଚ ଅଧିକାରୀମାନେ ମଧ୍ୟ ଏମାନଙ୍କୁ



ଧରିବା ବି ସହଜ ହେଉନାହିଁ। ବିଶେଷକରି ଗାଡି ଚାଳନା ସମୟରେ ମୋବାଇଲ୍‌ରେ ନଗପିବାପାଇଁ ବାରମ୍ବାର ତାଗିଦା କରାଗଲେ ମଧ୍ୟ ତାହାକୁ ପ୍ରାୟତଃ କେହି ମାନୁ ନାହାନ୍ତି। ଅଧିକାଂଶ ଚାରିଚକିଆ ଯାନରେ ମୋବାଇଲ୍‌ରେ କଥା ହେବାପାଇଁ ବ୍ଲୁଟୁଥ୍ ବ୍ୟବସ୍ଥା ଥିବାରୁ ଚାଳକମାନଙ୍କୁ କଥାହେବା ସମୟରେ ଧରିବା ସହଜ ହେଉନାହିଁ। ସେହିଭଳି ଦୁଇ ଚକିଆ ଆରୋହୀମାନେ ହେଲମେଟ୍ ଭିତରେ କାନରେ ଛୋଟ ଛୋଟ ମାଇକ୍ରୋଫୋନ୍ ଲଗାଇ ରାସ୍ତାରେ କଥାହୋଇ ଯାଉଥିବାବେଳେ ସେମାନଙ୍କୁ ଠାବ କରିବା ବି ସହଜ ନୁହେଁ।

ଏହାବାଦ୍ ମଦ୍ୟପ ଗାଡିଚାଳକଙ୍କ ପାଇଁ ବହୁ ସ୍ଥାନରେ ଦୁର୍ଘଟଣାରେ ଲୋକଙ୍କ ଜୀବନ ଯାଉଥିଲେ ମଧ୍ୟ ମଦୁଆଙ୍କୁ ନିୟନ୍ତ୍ରଣ କରିବା ସହଜ ହେଉନାହିଁ। କାଁ ଭାଁ ଯାଞ୍ଚରେ କିଛି ମଦୁଆ ଧରାପଡି ଜୋରିମାନା ଗଣୁଛନ୍ତି। ହେଲେ ରାସ୍ତାକଡରେ ଓ ଗାଡି ରହଣି ସ୍ଥାନରେ ସହଜରେ ମଦ ମିଳୁଥିବାରୁ ଚାଳକମାନେ ଏହାକୁ ସେବନ କରି ମାତାଲା ହୋଇଗାଡି ଚଳାଉଛନ୍ତି।

ଅମାନିଆ ଚାଳକଙ୍କୁ ସାବାଡ କରିବାପାଇଁ ପରିବହନ ବିଭାଗ ୩୭ଟି ଇଣ୍ଟରସେପ୍ଟର ଯାନ ଓ ୩୮ଟି ରାଜପଥ ପାଟ୍ରୋଲିଂ ଯାନ ମୁତୟନ କରିଛି। ହେଲେ ଏମାନଙ୍କ କାର୍ଯ୍ୟ କେବଳ ଜୋରିମାନା ଆଦାୟରେ ସୀମିତ ରହୁଥିବା ଲକ୍ଷ୍ୟ କରାଯାଉଛି। ରାଜପଥରେ ଏମାନଙ୍କ ପଇଁତରା ଖବର ପାଇବାପରେ ଅମାନିଆ ଚାଳକାମାନେ ସେତିକି ରାସ୍ତାକୁ ସୁନାପିଲା ଭଳି ପାର୍‌ହୋଇ ଯାଉଛନ୍ତି।

ପରିବହନ ବିଭାଗ ଓ ପୁଲିସ୍ ହେଲମେଟ୍ ସହିତ ଗାଡିମୋଟରର କାଗଜପତ୍ର ଯାଞ୍ଚରେ ଯେତିକି ମାନବସମ୍ବଳ ଓ ଯାନବାହାନ ମୁତୟନ କରୁଛନ୍ତି ସେତିକି ସମ୍ବଳ ମଦ୍ୟପ ଚାଳକ ଓ ଅମାନିଆ ଚାଳକଙ୍କୁ ଧରିବାରେ ନିୟୋଜିତ କରି ଦୁର୍ଘଟଣାର ମାତ୍ରା କିଛି ପରିମାଣରେ ହ୍ରାସ ପାଇପାରନ୍ତା ବୋଲି ବିଶେଷଜ୍ଞମାନେ ମତ ଦେଉଛନ୍ତି।

# ବାରହା ପାଇଁ ବିଛାଯାଇଥିବା ବିଦ୍ୟୁତ ତାର ସଂସ୍ପର୍ଶରେ ଆସି ୫ ଗାଈ ମୃତ

**ରଣପୁରଗଡ,୧୨।୧୧**
**ଏକ୍ସପ୍ରେସ୍ ନ୍ୟୁଜ୍**

ବନ୍ୟଜନ୍ତୁ ଶିକାରୀମାନେ ବନ କର୍ମଚାରୀଙ୍କୁ ହାତବାରିସୀ କରି ଅବାଧ ବନ୍ୟଜନ୍ତୁ ଶିକାର କରୁଛନ୍ତି। ଜଙ୍ଗଲୀ ବାରହା ପାଇଁ ୧୧କେଭି ବିଦ୍ୟୁତ ତାର ବିଛାଇଥିବା ବେଳେ ସେହି ବିଦ୍ୟୁତ ତାରରେ ୫ ଗାଈଙ୍କ ମୃତ୍ୟୁ ଘଟିଛି। ଏଭଳି ଘଟିଛି ନୟାଗଡ଼ ଜିଲ୍ଲା ରଣପୁର ବ୍ଲକ ବନ୍ଧମୁଣ୍ଡା ଗ୍ରାମ ପଞ୍ଚାୟତ ନୟାଗଡ ବନଖଣ୍ଡ ପଞ୍ଚିରିଡା ବନାଞ୍ଚଳ ଗୋଡିପଡା ବନପାଳ ଅଧିନ ସାନ ତୁଲୁପି ଗ୍ରାମରେ। ଗୋପାଳକମାନଙ୍କଠାରୁ ଅଭିଯୋଗ ପାଇ ଚାନ୍ଦପୁର ଥାନା ବରିଷ୍ଠ ନିରୀକ୍ଷକ ଦିଲ୍ଲୀପ ସ୍ୱାଇଁ ଗୋମାତାଙ୍କ ଶବ ବ୍ୟବଚ୍ଛେଦ କରାଇ ଅଭିଯୁକ୍ତମାନଙ୍କୁ ଖୋଜୁଥିବା ଜଣାପଡିଛି। ଘଟଣାଟି ଗୋମାତାପ୍ରେମୀମାନଙ୍କ ମନକୁ ଆନ୍ଦୋଳିତ କରିଥିବା ଜଣାପଡିଛି।

## ପ୍ରଥମ ପୃଷ୍ଠାରୁ...

### ଦିଲ୍ଲୀ ବିସ୍ଫୋରଣ...

ସାମ୍ନାକୁ ଆସିଛି। ଆତଙ୍କୀମାନେ ଦିଲ୍ଲୀକୁ ଦୋହଲାଇବା ପାଇଁ ବଡ ଷଡଯନ୍ତ୍ର କରୁଥିଲେ। ଦିଲ୍ଲୀରେ ରହି ରିତିମତ ଲାଲକିଲ୍ଲା ଆଖାପାଖ ଅଞ୍ଚଳରେ ରେକି କରିଥିଲେ। ୨୦୨୬ ଜାନୁଆରି ୨୬ରେ ବଡ ବିସ୍ଫୋରଣ କରିଥାନ୍ତେ ଆତଙ୍କୀ ଡାକ୍ତର। ଅନ୍ୟପଟେ ଉତ୍ତରପ୍ରଦେଶକୁ ଟାର୍ଗେଟରେ ରଖିବା ସହ ଗୁରୁତ୍ୱପୂର୍ଣ୍ଣ ସ୍ଥାନକୁ ନେଇ ଏକ ବ୍ଲୁ ପ୍ରିଣ୍ଟ ପ୍ରସ୍ତୁତ କରିଥିଲେ। ଯେଉଁଥିରେ ଥିଲା ଅଯୋଧ୍ୟା ରାମମନ୍ଦିର, କାଶୀ ବିଶ୍ୱନାଥ ମନ୍ଦିର। କେବଳ ସେତିକି ନୁହେଁ ଦୀପାବଳିରେ ଦିଲ୍ଲୀ ଓ ଏହାର ଆଖପାଖ ଭିଡ ସ୍ଥାନରେ ମଧ୍ୟରେ ଆକ୍ରମଣ ପାଇଁ ଯୋଜନା କରିଥିଲେ। କିନ୍ତୁ କୌଣସି କାରଣରୁ ଏହି ଆକ୍ରମଣ ଯୋଜନାକୁ ବାତିଲ କରାଯାଇଥିଲା। ତେବେ କିଛି ଦିନ ପରେ ଦିଲ୍ଲୀ ଓ ଉତ୍ତରପ୍ରଦେଶରେ ବଡ ଧମାକା ପାଇଁ ଯୋଜନା କରୁଥିବାବେଳେ ନେଟୱାର୍କର ପର୍ଦ୍ଦାଫାଶ କରିଛି ଜମ୍ମୁକାଶ୍ମୀର ଓ ହରିୟାଣା ପୁଲିସର ମିଳିତ ଟିମ।

ଅଲ ଫଲାହ ବିଶ୍ୱବିଦ୍ୟାଳୟରେ ମେଡିକାଲ ପାଠ ପଢ଼ାଯିବା ସହ ଏଠାରେ ଚାଲିଥିଲା ଆତଙ୍କୀ କାର୍ଯ୍ୟକଳାପ। ଯାହାର ଚେର ଲମ୍ବିଥିଲା କାଶ୍ମୀରରୁ ଫରିଦାବାଦ। ପରସ୍ପର ସହ ଟେଲିଗ୍ରାମରେ ଯୋଡି ହେଉଥିଲେ ଡାକ୍ତର। ଉଚ୍ଚଶିକ୍ଷିତ ଡାକ୍ତରମାନଙ୍କୁ ମୌଳବାଦୀ ଚିନ୍ତାଧାରାରେ ପ୍ରଭାବିତ କରାଯାଉଥିଲା। ଯାହା ସୂତ୍ରଧର ସାଜିଥିଲା ଶୋପିଆନର ଇମାମ ଇରଫାନ ଅହମଦ ୱାଘା। ଛକାପଞ୍ଝା ପରେ ମାଷ୍ଟରମାଇଣ୍ଡକୁ ଗିରଫ କରିଛି ଜମ୍ମୁକାଶ୍ମୀର ପୁଲିସ।

ଦିଲ୍ଲୀ ବିସ୍ଫୋରଣର କିଛି ଦିନ ପୂର୍ବରୁ ଦୁଇ ଆତଙ୍କୀ ଡାକ୍ତର ଉମର ଓ ମୁଜାମିଲ ବିସ୍ଫୋରଣର ତୁର୍କୀ ଯାଇଥିବା ସୂଚନା ମିଳିଛି। ସେଠାରେ ଜୈଶ ହ୍ୟାଣ୍ଡେଲରଙ୍କୁ ଭେଟିଥିଲେ। ତେବେ ତୁର୍କୀ ଯିବା ପୂର୍ବରୁ ଏମାନେ ଟେଲିଗ୍ରାମ ସହ ପରସ୍ପରର ଯୋଗାଯୋଗରେ ଆସିଥିଲେ। ଅନ୍ୟପଟେ ଏହି ଟେରର ନେଟୱାର୍କରେ ଆହୁରି କେତେଜଣ ଡାକ୍ତର ସାମିଲ ଅଛନ୍ତି ଏନେଇ ଗ୍ରାଉଣ୍ଡ ଜିରୋରୁ ତନାଘନା ଚାଲିଛି। ଦିଲ୍ଲୀ ଓ ହରିୟାଣା ପୁଲିସର ମିଳିତ ଟିମ ଅଲ-ଫଲାହ କଲେଜରେ ପହଞ୍ଚି ଯାଂଚ ଆରମ୍ଭ କରିଛି। ସେପଟେ ବିସ୍ଫୋରଣ ଆଇ ୨୦ କାର ସହ ଆଉ ଏକ ନାଲି ରଙ୍ଗର ଇକୋ ସ୍ପୋର୍ଟସ ଗାଡି ବ୍ୟବହାର କରାଯାଇଥିବା ପ୍ରାରମ୍ଭିକ ତଦନ୍ତରୁ ଜଣାପଡିଛି।

### ଭୟଙ୍କର ଶବ୍ଦରେ...

ଏହି ଗାଡି ୧୦-୧୧ ଦିନ ହେବ ଅଲ୍-ଫଲାହ ୟୁନିଭର୍ସିଟି କ୍ୟାମ୍ପସରେ ଥିଲା। ଏହା ସତ ନୁହେଁ। ଫରିଦାବାଦ ପୋଲିସ ଏହାର ସୂଚନା ଦେଇ ନାହିଁ। ଫରିଦାବାଦ ପୁଲିସ ଏହାକୁ ସମ୍ପୂର୍ଣ୍ଣ ଗୁଜବ ବୋଲି କହିଛି। ବିସ୍ଫୋରଣରେ ବ୍ୟବହାର ବିସ୍ଫୋରକର ପ୍ରକାର ଓ ସ୍ରୋତର ଯାଞ୍ଚ ପାଇଁ ଦିଲ୍ଲୀ ପୁଲିସର ସ୍ପେଶାଲ ସେଲ୍ ଓ ଫରେନସିକ୍ ଟିମ୍ ଘଟଣାସ୍ଥଳରୁ ମିଳିଥିବା ସାମ୍ପଲର ବିଶ୍ଳେଷଣ କରୁଛି। ଯାଞ୍ଚ ଏଜେନ୍ସି ଏହା ମଧ୍ୟ ଜାଣିବାକୁ ଚେଷ୍ଟା କରୁଛି ବିସ୍ଫୋରଣ ପଛରେ କୌଣସି ଆତଙ୍କୀ ଷଡଯନ୍ତ୍ର ରହିଛି କି ନାହିଁ ?

### ହାତୁଡ଼ିରେ...

ଶେଖ୍ ନୋରା ଆଲମ୍। ଜଣେ ଶ୍ରମିକଙ୍କ ସହ ନୋରାଙ୍କ ବଚସା ହୋଇଥିଲା। ଆଜି ନୋରା ଶୋଇଥିବା ସମୟରେ ତାଙ୍କୁ ଲେବର ଜଣକ ଅତି ନିର୍ମମ ଭାବେ ହତ୍ୟା କରି ଫେରାର ହୋଇଯାଇଥିବା ପ୍ରାଥମିକ ତଦନ୍ତରୁ ଜଣାପଡିଛି। ଘଟଣାକୁ ନେଇ ପୋଲିସ ଜଣକୁ ଅଟକ ରଖି ପଚରାଉଚରା କରୁଥିବା ବେଳେ ତଦନ୍ତ ପରେ ଘଟଣାର ପ୍ରକୃତ କାରଣ ସ୍ପଷ୍ଟ ହେବ ବୋଲି ପୋଲିସ ପକ୍ଷରୁ ସୂଚନା ମିଳିଛି।

### ତହସିଲଦାରଙ୍କୁ ପୁରୁଣା...

ସଂପୃକ୍ତ ତହସିଲଦାର ମାନେ କ୍ଷମତାପ୍ରାପ୍ତ ହେବେ। ଏହାଦ୍ୱାରା ସଂପୃକ୍ତ କ୍ରେତାମାନେ ବନ୍ଦୋବସ୍ତ ପ୍ରକ୍ରିୟା ପୂର୍ବରୁ ବୈଧ ଭାବେ କିଣିଥିବା ଜମିର ଜମିପଟ୍ଟା ନିଜ ନାମରେ କରିବା ପାଇଁ ସଂପୃକ୍ତ ତହସିଲଦାରଙ୍କ ପାଖରେ ଆବେଦନ କରିପାରିବେ। ସେମାନଙ୍କୁ ରାଜସ୍ୱ ପର୍ଷଦ ବା ଅନ୍ୟ କ୍ଷମତାପ୍ରାପ୍ତ ଡିଭିଜନ କୋର୍ଟରେ ଅପିଲ ବା ଆବେଦନ କରିବା ଆଉ ଦରକାର ହେବ ନାହିଁ।

### କିଏ କରିବ ଓଡ଼ିଶ...

ଶ୍ରୀ ମହାପାତ୍ର କମିଟି ଓ କମିଶନ ବ୍ୟବସ୍ଥା ମଧ୍ୟରେ ଥିବା ପାର୍ଥକ୍ୟକୁ ସାମ୍ନାକୁ ଆଣି କହିଛନ୍ତିଯେ କମିଶନ ବ୍ୟବସ୍ଥାର ବୈଧତା ଓ ବୈଧାନିକତା କମିଟି ବ୍ୟବସ୍ଥା ଠାରୁ ଢେର ଅଧିକ। କମିଟି ବ୍ୟବସ୍ଥା ସ୍ୱଳ୍ପକାଳୀନ ହୋଇଥିବାବେଳେ କମିଶନ ବ୍ୟବସ୍ଥା ଦୀର୍ଘକାଳୀନ। ଶାସନ ବ୍ୟବସ୍ଥାର ସଂସ୍କାର ପ୍ରକ୍ରିୟା ସରକାରଙ୍କର ଏକ ଦୀର୍ଘସୂତ୍ରୀ କାର୍ଯ୍ୟକ୍ରମ ହୋଇଥିବାରୁ ଭାରତରେ ଚଳିତ ଶତାବ୍ଦୀ ପ୍ରାରମ୍ଭରୁ ଅର୍ଥାତ ୨୦୦୫ରୁ କମିଶନ ବ୍ୟବସ୍ଥା ପ୍ରୟୋଗ କରାଯାଇଛି। କମିଶନ ଗଠନ ଏକ ସ୍ୱତନ୍ତ୍ର ପ୍ରକ୍ରିୟା ମାଧ୍ୟମରେ ହୋଇଥାଏ ଯାହା କମିଟି ଗଠନ ପାଇଁ ଆବଶ୍ୟକ ହୁଏନାହି। ତେଣୁ କମିଶନଙ୍କ କ୍ଷମତା କମିଟି କ୍ଷମତା ଠାରୁ ଢେର ଅଧିକ। ତେଣୁ କମିଶନଙ୍କ ସୁପାରିଶର ବୈଧତା କମିଟି ଠାରୁ ଅଧିକ। କମିଟି ଗଠନ ପ୍ରକ୍ରିୟା ଆକସ୍ମିକ କିନ୍ତୁ କମିଶନ ଗଠନ ପ୍ରକ୍ରିୟା ଆନୁଷ୍ଠାନିକ ଅଟେ। ଶାସନ ସଂସ୍କାର କାର୍ଯ୍ୟରେ ସଫଳ ହେବାପାଇଁ କମିଶନ ଯେତିକି ସକ୍ଷମ ତାହା କମିଟି କରିପାରିବ ନାହି। ତେଣୁ ଏଠାରେ ପ୍ରଶ୍ନ ଉଠୁଛି ସରକାର ଗଠନ କରିଥିବା ସଂସ୍କାର କମିଟି ପ୍ରଚଳିତ ଶାସନ ବ୍ୟବସ୍ଥାର ଦୋଷତ୍ରୁଟିକୁ ସଂଶୋଧନ କରିବାପାଇଁ ଯେଉଁ ନୂତନ ବ୍ୟବସ୍ଥା ସରକାରଙ୍କୁ ସୁପାରିଶ କରିବେ ତାହାର ବୈଧତା କେତେ ? ସରକାର କମିଟିର ପ୍ରସ୍ତାବଗୁଡିକୁ ମାନିବାକୁ ବାଧ କି ? କମିଟି ଗଠନରେ ଥିବା ଏପରି ବ୍ୟତିକ୍ରମ ପାଇଁ ଗଠିତ ଶାସନ ସଂସ୍କାର କମିଟି ବିକଶିତ ଓଡିଶା ଦୃଷ୍ଟିକୋଣ ୨୦୩୬ ଓ ୨୦୪୭ରେ ଧାର୍ଯ୍ୟ ଲକ୍ଷକୁ ସଫଳ କରିବାରେ ସନ୍ଦେହ ଉପୁଜିଛି। ଓଡିଶାରେ ଗୋଟେ ଲୋକ କଥା ଅଛି, 'ଘରେ ପସୁ ପସୁ ଚାଳ ବାଜିଲା'। ଶାସନ ବ୍ୟବସ୍ଥାକୁ ସଂସ୍କାର କରିବା ପାଇଁ ଓଡିଶା ସରକାରଙ୍କ କମିଟି ଗଠନ ନିଷ୍ପତି ଓ ପ୍ରକ୍ରିୟା ଠିକ ସେହିପରି ହୋଇଛି। ବହୁ ପ୍ରତିଖିତ ଓଡିଶା ଶାସନ ସଂସ୍କାର କାର୍ଯ୍ୟକୁ ସଫଳ କରିବା ପାଇଁ ଶ୍ରୀ ମହାପାତ୍ର କମିଟି ବ୍ୟବସ୍ଥାକୁ ଉଚ୍ଛେଦ କରି କମିଶନ ବ୍ୟବସ୍ଥା ପ୍ରୟୋଗ କରିବା ପାଇଁ ଓଡିଶା ସରକାରଙ୍କୁ ନିବେଦନ କରିଛନ୍ତି।

### ଦୁର୍ବଳ ଭିତ୍ତିଭୂମି...

ଯାନବାହାନର ଭିଡ଼ ସର୍ବାଧିକ। ଫଳରେ ଏହି ରାସ୍ତାକୁ ଜାତୀୟ ରାଜପଥର ମାନ୍ୟତା ଦେବା ସହିତ ଚାରି ଲାଇନ୍ ବିଶିଷ୍ଟ କରାଇବାକୁ ଦାବି ହୋଇ ଆସୁଥିଲେ ମଧ୍ୟ ସରକାର ଏଯାଏ କର୍ଣ୍ଣପାତ କରୁ ନାହାଁନ୍ତି। ଅଧିକନ୍ତୁ ଏହି ରାସ୍ତାରେ ବହୁ ବଡ଼ ବଡ଼ ମାଲବାହୀ ଟ୍ରକକୁ ଅବାଧରେ ଚଳାଚଳ ପାଇଁ ଅନୁମତି ଦେଇ ଦୁର୍ଘଟଣା ବୃଦ୍ଧିରେ ସହାୟକ ହୋଇ ଆସୁଛନ୍ତି। ଅନ୍ୟ ପକ୍ଷରେ ଜିଲ୍ଲାରେ ରାଜନୈତିକ ବଟି ଓ ବିଭାଗୀୟ ପିସିର ଭାରାରେ ଜିଲ୍ଲାର ଅନ୍ୟାନ୍ୟ ପ୍ରମୁଖ ରାସ୍ତା ଗୁଡ଼ିକ ବିପର୍ଯ୍ୟସ୍ତ ଅବସ୍ଥାରେ ଥିବା ଏବଂ ଏଥିରେ ଯାନବାହାନ ବଢୁଥିବା କାରଣରୁ ଦୁର୍ଘଟଣା ଘଟୁଛି। ସବୁଠାରୁ ବଡ଼ କଥାହେଲା ମଦର ବହୁଳ ପ୍ରସାର ଦୁର୍ଘଟଣା ବୃଦ୍ଧିରେ ସହାୟକ ହେଉଥିଲେ ମଧ୍ୟ ସରକାରଙ୍କ ଅବକାରୀ ରାଜସ୍ୱ ମୋହ ଏହାକୁ ରୋକିବାରେ ସମର୍ଥ ହେଉନାହିଁ। ତେଣୁ କ୍ରମ ବର୍ଦ୍ଧିଷ୍ଣୁ ଦୁର୍ଘଟଣା ରୋକିବା ସହିତ ବହୁ ପରିବାରର ଆର୍ଥୀକ ଓ ସାମାଜିକ ସୁରକ୍ଷାକୁ ସୁନିଶ୍ଚିତ କରିବା ସରକାରଙ୍କର ମୌଳିକ ଦାୟିତ୍ୱ ହୋଇଥିବାରୁ ସରକାର ଏଥିନେଇ ଠୋସ୍ ପଦକ୍ଷେପ ନେବାର ଆବଶ୍ୟକତା ରହିଛି। ଅନ୍ୟଥା ସରକାର ଖାଲି ମିଶନ ଘୋଷଣା କରିଦେବା ଓ ନେତା ଅଫିସର ମାନେ ସଭାସମିତିରେ ଏଥିନେଇ ଯେତେ ଭାଷଣ ମାରିଲେ ବି ସେଥିରୁ କିଛି ସୁଫଳ ମିଳିବାର ସମ୍ଭାବନା ନାହିଁ ବୋଲି କୁହାଯାଇଛି।

### ଅଭୟାରଣ୍ୟ ଅଞ୍ଚଳ...

କରାଗଲା କିପରି ? ଯାହା ତଦନ୍ତ ସାପେକ୍ଷ। ଏଠାରେ ଉଲ୍ଲେଖ ଯୋଗ୍ୟ, ସାତଭାୟା ମୌଜାରୁ ୧୦୦ଏକର, କହ୍ନୁପୁର ମୌଜାରୁ ୮୧ଏକର ଓ ଗୋବିନ୍ଦପୁର ମୌଜାରୁ ୨୩.୫୧ଏକର ଜମି ଯାହାକି ଅଧିକାଂଶ ବାଲିଚର ଓ ସମୁଦ୍ର କିଣାବିକା ହୋଇଥିବା ବେଳେ ତେନ୍ତୁଳିଆକୋହ୍ଲା ମୌଜାରୁ ୧୩୪.୭୯ଏକର ସମୁଦ୍ର ଓ ବାଲିଚର ହସ୍ତାନ୍ତରିତ ହୋଇଛି। ଆହୁରିମଧ୍ୟ ଗହୀରମଥା ମୌଜାରୁ ୨୮ଏକର ସମୁଦ୍ର ଓ ବାଲିଚର ଆଦି କମ୍ପାନୀକୁ ବିକ୍ରି ହୋଇଛି। ଯାହାଫଳରେ ଗହୀରମଥା ସାମୁଦ୍ରିକ ଅଭୟାରଣ୍ୟ ଅଂଚଳର ଉପରୋକ୍ତ ୫ଟି ରାଜସ୍ୱ ଗ୍ରାମରୁ ମୋଟ ୨ଶହ ୬୭ ଏକର ଜମି ବ୍ୟକ୍ତିଗତ ଓ କମ୍ପାନୀମାନେ କିଣି ନେଇଥିବାରୁ ଗହୀରମଥା ସାମୁଦ୍ରିକ ଅଭୟାରଣ୍ୟ ପ୍ରତି ବିପଦ ସୃଷ୍ଟି କରିବ ନାହିଁ ତ ? ଏହା ଭବିଷ୍ୟତରେ ଭିତରକନିକା ଜାତୀୟ ଉଦ୍ୟାନର ଜୈବବିବିଧତା, ପଶୁପକ୍ଷୀ ଓ ଗହୀରମଥା ସାମୁଦ୍ରିକ ଅଭୟାରଣ୍ୟର ଅଲିଭରିଡଲେ କଇଁଛ ଏବଂ ଡଲଫିନ ପାଇଁ ସମସ୍ୟା ହେବ ନାହିଁ ତ ? ଯାହାକୁ ନେଇ ପରିବେଶ ଓ ପ୍ରକୃତିପ୍ରେମୀଙ୍କ ମଧ୍ୟରେ ଆଶଙ୍କା ପ୍ରକାଶ ପାଇଛି। ରାଜ୍ୟ ସରକାର ଗହୀରମଥା ସାମୁଦ୍ରିକ ଅଭୟାରଣ୍ୟର ସୁରକ୍ଷା ପାଇଁ ବିଧିବଦ୍ଧ ପଦକ୍ଷେପ ଗ୍ରହଣ କରିବାକୁ ଅଂଚଳବାସୀ ଦାବୀ କରିଛନ୍ତି।

# ଜରାଜୀର୍ଣ୍ଣ ଅବସ୍ଥାରେ ନଅଙ୍କ ଦୁର୍ବିକ୍ଷର ମୂକସାକ୍ଷୀ ଗୋବରୀ କେନାଲ

## ଐତିହ୍ୟ ସଂପନ୍ନ କେନାଲର ରକ୍ଷଣା ବେକ୍ଷଣା ହେଉନାହିଁ

**କେନ୍ଦ୍ରାପଡ଼ା,୧୨।୧୧**
**ଏକ୍ସପ୍ରେସ୍ ନ୍ୟୁଜ୍**

୧୮୬୬ ମସିହାର ନଅଙ୍କ ଦୁର୍ବିକ୍ଷର ମୁକସାକ୍ଷୀ ଥିବା ଗୋବରୀ କେନାଲ ଏବେ ଜରାଜୀର୍ଣ୍ଣ ଅବସ୍ଥାରେ। କେନାଲଟିକୁ ସଫେଇ କରାଯାଉ ନାହିଁ କି ସଫାସୁତୁରା କରାଯାଉ ନାହିଁ। ସମୟ ଥିଲା ଏହି କେନାଲ ମାଧ୍ୟମରେ ରିଲିଫ ସାମଗ୍ରୀ ଆସି ନଅଙ୍କ ଦୁର୍ବିକ୍ଷ ସମୟରେ ଲୋକମାନଙ୍କୁ ପ୍ରଦାନ କରାଯାଇ ଲୋକଙ୍କ ଜୀବନ ବଞ୍ଚାଇ ଦିଆଯାଇଥିଲା। ଏହି କେନାଲଟି ଐତିହ୍ୟ ବହନ କରୁଛି। ହେଲେ ଏଥିପ୍ରତି କାହାରି ନଜର ନାହିଁ।

ଜଳସେଚନ ବିଭାଗ ନାଁକୁ ମାତ୍ର କେତେବେଳେ କେଉଁଠାରେ କେନାଲ ସଫେଇ କାଗଜ କଲମରେ କରେ। ହେଲେ ସର୍ବଦା କେନାଲଟି ଦଳପୂର୍ଣ୍ଣ ହୋଇଥାଏ। ଏହି କେନାଲ ୧୨ଟି ପଞ୍ଚାୟତର ହଜାର ହଜାର ଚାଷୀଙ୍କ ଜୀବନ ରେଖା ପାଲଟିଛି। କାରଣ କେନାଲ କଡ଼ରେ ହଜାର ହଜାର ହେକ୍ଟର ଚାଷ ଜମି ରହିଛି। କିନ୍ତୁ କେନାଲ ଦଳଭର୍ତ୍ତି ହୋଇଥିବାରୁ ଜଳସେଚନ ପ୍ରକ୍ରିୟାରେ ବାଧା ସୃଷ୍ଟି ହେଉଛି। କେନାଲ ଦଳଭର୍ତ୍ତି ହୋଇଥିବାରୁ ଉପରମୁଣ୍ଡରୁ ତଳ ମୁଣ୍ଡକୁ ପାଣି ଯାଇ ପାରୁନାହିଁ। ଫଳରେ ହଜାର ହଜାର ହେକ୍ଟର ଚାଷ ଜମି ଜଳସେଚିତ ହୋଇ ପାରୁନାହିଁ। ଐତିହ୍ୟ ସଂପନ୍ନ କେନାଲର ପୁନରୁଦ୍ଧାର ପାଇଁ ରାଜ୍ୟ ସରକାର ପଦକ୍ଷେପ ଗ୍ରହଣ କରୁଥିବା ବେଳେ ଜିଲ୍ଲା ସ୍ତରରେ ଏ ନେଇ ପଦକ୍ଷେପ ଗ୍ରହଣ କରାଯାଉନାହିଁ। ଯାହା ଫଳରେ ଐତିହ୍ୟ ସଂପନ୍ନ କେନାଲଟି ନିଶ୍ଚିହ୍ନ ହେବାକୁ ବସିଲାଣି।

ଏହି କେନାଲ ଜଗତପୁରରୁ ବାହାରିଥିବା ବେଳେ ଦାନପୁର ନିକଟରେ ଦୁଇ ଭାଗ ହୋଇଛି। ଗୋଟିଏ ମାର୍ଶଘାଇ କେନାଲ ଓ ଅନ୍ୟଟି ଗୋବରୀ କେନାଲ ଭାବେ ନାମିତ ହୋଇଛି। ଏହି କେନାଲ ଦାନପୁର, ବସପୁର, ଚକ୍ରୋଡ଼ା, ଭାଗବତପୁର, ଯମଧର, ଭରତପୁର, ଶ୍ୟାମସୁନ୍ଦରପୁର ପ୍ରମୁଖ ପଞ୍ଚାୟତ ଦେଇ କେନ୍ଦ୍ରାପଡ଼ା ସହରକୁ ଆସିଛି। କେନ୍ଦ୍ରାପଡ଼ା ସହର ଦେଇ କେନାଲଟି ଓସ୍ତପୁର, କଂସାର, ପୁରୁଷୋତ୍ତମପୁର ଓ ଆୟବା ପଞ୍ଚାୟତର ଗଣ୍ଡାକିଆ ପର୍ଯ୍ୟନ୍ତ ଯାଇଛି। କେନାଲର ଉଭୟ ପାର୍ଶ୍ୱରେ ହଜାର ହଜାର ହେକ୍ଟର ଚାଷ ଜମି ରହିଛି। ଏହି ଚାଷ ଜମିକୁ କେନାଲ ଜଳ ସେଚିତ କରିଥାଏ ବୋଲି କହିଛନ୍ତି କଂସାର ପଞ୍ଚାୟତର ସମାଜସେବୀ ପ୍ରଦ୍ୟୁମ୍ନ କୁମାର ଜେନା। ଶ୍ରୀ ଜେନା କହିଛନ୍ତି ଦିନ ଥିଲା ଏହି କେନାଲ ୧୨ରୁ ଅଧିକ ପଞ୍ଚାୟତର ଜୀବନ ରେଖା ଥିଲା। ସେହିପରି ନଅଙ୍କ ଦୁର୍ବିକ୍ଷ ସମୟରେ ଏହି କେନାଲଟି ବେଶ ସହାୟକ ହୋଇଥିଲା। ଏହି କେନାଲର ପୁନରୁଦ୍ଧାର କରାଯିବାର ଆବଶ୍ୟକତା ରହିଛି। କିନ୍ତୁ କେନ୍ଦ୍ରାପଡ଼ା ଜଳସେଚନ ବିଭାଗ ଏଥିପ୍ରତି ଆଖି ବୁଜି ଦେଇଛି। ଜଳସେଚନ ବିଭାଗ କେତେବେଳେ କେମିତି କେନାଲର କେଉଁଠାରେ କିଛି କିଛି ଦଳ ସଫା କରେ। ହେଲେ ସଂପୂର୍ଣ୍ଣ ଦଳ ସଫା ହୁଏ ନାହିଁ। ପୂର୍ବରୁ ଏହି କେନାଲର ପାଣି ଲୋକେ ପିଉଥିଲେ।

ସେହିପରି ଲୋକେ କେନାଲରେ ସ୍ନାନ କରୁଥିଲେ। ହେଲେ କିଛି ବର୍ଷ ହେବ କେନାଲର ରକ୍ଷଣା ବେକ୍ଷଣା ହେଲାନାହିଁ। ସେହିପରି କେନ୍ଦ୍ରାପଡ଼ା ସହର ଦେଇ କେନାଲ ଆସିଥିବାରୁ ଲୋକେ ନିଜର ପାଇଖାନା ଟାଙ୍କିର ପାଇପ କେନାଲ ମଧ୍ୟକୁ ଛାଡି ଦେଲେ। ଫଳରେ କେନାଲ ଜଳ ପ୍ରଦୂଷିତ ହେଲା। ତେଣୁ ଉଭୟ ପ୍ରଶାସନ ଓ ଜନସାଧାରଣ ଏଥିପ୍ରତି ସଚେତନ ହେବା ଉଚିତ। ଫଳରେ କେନାଲର ପୁନରୁଦ୍ଧାର ହୋଇପାରିବ। ଏହାସହ ଏହି କେନାଲ ଆମ ଉତ୍ତର ପୀଢିଙ୍କ ପାଇଁ ସଂରକ୍ଷିତ କରି ରଖାଯାଇ ପାରିବ। ଏ ନେଇ ସବୁ ସ୍ତରରେ ଉଦ୍ୟମ ହେବା ଉଚିତ ବୋଲି ସେ କହିଛନ୍ତି। ଓସ୍ତପୁର ଅଞ୍ଚଳର ବରିଷ୍ଠ ନାଗରିକ ଫକୀର ଚରଣ ଖଟୁଆ କହିଛନ୍ତି ଏହି କେନାଲର ପୁନରୁଦ୍ଧାର ପାଇଁ କୋଟି କୋଟି ଟଙ୍କା ଆସୁଛି। ହେଲେ ଏହାର ସଠିକ ବିନିଯୋଗ ହେବା ଦରକାର। ସେ କହିଛନ୍ତି ଦିନ ଥିଲା ଗୋବରୀ କେନାଲ ପାଣି କାଚ କେନ୍ଦୁ ପରି ଦିଶୁଥିଲା। ଆମ ପିଲାଦିନେ ଏହି ପାଣିକୁ ଆମେ ବ୍ୟବହାର କରୁଥିଲୁ। ଏଥିରେ ସ୍ନାନ କରୁଥିଲୁ। ଉଭୟ ପାର୍ଶ୍ୱରେ ଥିବା ଗ୍ରାମବାସୀ ଏହି ପାଣିକୁ ପାନୀୟ ଜଳ ଭାବେ ବ୍ୟବହାର କରୁଥିଲେ। ଗାଈ ଗୋରୁମାନେ ଖରାଦିନେ ଏହି କେନାଲ ପାଣି ପିଇ ଶୋଷ ମେଣ୍ଟାଉଥିଲେ। ଏହି ପାଣି ଏତେ ନିର୍ମଳ ଥିଲା ଯେ କେନାଲରେ ଥିବା ମାଛ ଦେଖା ଯାଉଥିଲା। କେନାଲରେ ଗୋଟିଏ ହେଲେ ଦଳ କିମ୍ବା ଘାସ ନ ଥିଲା। ହେଲେ ପରବର୍ତ୍ତୀ ସମୟରେ ଏହାର ରକ୍ଷଣା ବେକ୍ଷଣା ନ ହେବାରୁ ଏହା ପ୍ରଦୂଷିତ ହେବାରେ ଲାଗିଲା। ଏବେ ଚାଷ ଜମିକୁ ଏହି ପାଣି ମାଡି ପାରୁ ନାହିଁ। କାରଣ କେନାଲ ଦଳଭର୍ତ୍ତି ହୋଇଯାଇଛି। ତେଣୁ ଏହାର ପୁନରୁଦ୍ଧାର କରିବା ସହ ଏକ ଐତିହ୍ୟ ବହନ କରୁଥିବା କେନାଲ ହୋଇଥିବାରୁ ଏହାକୁ ଆମ ଉତ୍ତର ପୀଢି ପାଇଁ ସଂରକ୍ଷିତ କରି ରଖାଯାଉ। ଏହାସହ ଏଥିରେ କଟକ ତାଳଦଣ୍ଡା କେନାଲ ଭଳି ଜଳକ୍ରୀଡ଼ା ସୁବିଧା କରାଯାଉ ବୋଲି ସେ କହିଛନ୍ତି। ଏ ସଂକ୍ରାନ୍ତରେ କେନ୍ଦ୍ରାପଡ଼ା ଜଳସେଚନ ଡିଭିଜନର ଯନ୍ତ୍ରୀ ଇଂ ଉମେଶ ସେଠୀ କୁହନ୍ତି କେନାଲ ପୁନରୁଦ୍ଧାର ପାଇଁ ସରକାର ପଦକ୍ଷେପ ଗ୍ରହଣ କରୁଛନ୍ତି। ଗୋବରୀ କେନାଲର କିଛି ଅଂଶ କଂକ୍ରିଟ୍ ୱାଲ ହୋଇଛି। ବାକି ପୁନରୁଦ୍ଧାର କାର୍ଯ୍ୟ ଖୁବଶୀଘ୍ର କରାଯିବ ବୋଲି ସେ କହିଛନ୍ତି।

# ୬ଷ୍ଠ ଦିନରେ ଭାରତ ମସଲାର ଲକି ଡ୍ର ଜିତିଲେ ଭାଗ୍ୟଶାଳୀ ବିଜେତା

**କଟକ,୧୨।୧୧**
**ଏକ୍ସପ୍ରେସ୍ ନ୍ୟୁଜ୍**



ଭାରତ ମସଲା ପକ୍ଷରୁ ପ୍ରତିଦିନ ଉଠାଯାଇଥିବା ଲକି ଡ୍ର କାର୍ଯ୍ୟକ୍ରମର ଆଜି ଥିଲା ଷଷ୍ଠ ଦିବସ। ଆୟୋଜିତ ୬ଷ୍ଠ ଦିନର ଲକି ଡ୍ର ଭାଗ୍ୟଶାଳୀ ବିଜେତାମାନଙ୍କର ଭାଗ୍ୟର କୁପନଗୁଡିକୁ ସର୍ବସମ୍ମୁଖରେ ଉଠାଣ କରାଯାଇଥିଲା। ଏଥିରେ ପ୍ରଥମ ବିଜେତା ଜଣକ ହେଇଛନ୍ତି ଭୁବନେଶ୍ୱରର ସଞ୍ଜିବ ସିଂ ଯିଏକି ମୁଖ୍ୟ ଅତିଥି ଏଡିଏମ ଦିବ୍ୟଲୋଚନ ମହାନ୍ତଙ୍କ ଠାରୁ ପୁରସ୍କାର ସ୍ୱରୂପ ମାଇକ୍ରୋ ଓଭାନ୍ ଗ୍ରହଣ କରିଥିଲେ।

ସେହିପରି ୨ୟ ବିଜେତା କଟକ କଲ୍ୟାଣ ନଗରର ସୌଭାଗ୍ୟ ମଞ୍ଜରୀ ପ୍ରଧାନଙ୍କୁ ରେସିଙ୍ଗ ବାଇ ସାଇକେଲ। ୩ୟ ବିଜେତା ଜଗତପୁର କଟକର ରବୀନ୍ଦ୍ରନାଥ ସାହୁଙ୍କୁ ବାଉଲ୍ ସେଟ୍, ସ୍ୱାନ୍ତନା ମୂଳକ ବିଜେତା କଟକ ଦେଉଳ ସାହିର ଅନିତା ସ୍ୱାଇଁଙ୍କୁ ଫ୍ରାୟିଙ୍ଗ ପାନ୍ ମୁଖ୍ୟ ଅତିଥି ଶ୍ରୀ ମହାନ୍ତ ପୁରସ୍କାର ସ୍ୱରୂପ ପ୍ରଦାନ କରିଥିଲେ। ଆଜିର ଏହି କାର୍ଯ୍ୟକ୍ରମରେ, ତହସିଲଦାର କଟକ ସଦର, ତହସିଲଦାର ଟାଙ୍ଗୀ-ଚୌଦ୍ୱାର, ଭାରତ ମସଲାର ଅଧକ୍ଷ ସୁରେନ୍ଦ୍ର ନାଥ ପଣ୍ଡା, ନିର୍ଦ୍ଦେଶକ ଶ୍ରୀମନ୍ତ କୁମାର ପଣ୍ଡା, ଦିଗନ୍ତ କୁମାର ପଣ୍ଡା, ଆଶୁତୋଷ ପଣ୍ଡା, ଏସଏନ ମିଲେନିୟମ, ଜିଏମ୍ ଅପରେସନ ଅରୁଣ କୁମାର ନାୟକ, ଜିଏମ୍ ପ୍ରଡକ୍ସନ ନବକୃଷ୍ଣ ପ୍ରଧାନଙ୍କ ସମେତ ଭାରତ ମସଲା କମ୍ପାନୀର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ। ବାଲିଯାତ୍ରା ଆଉ ଗୋଟିଏ ଦିନ ବଢ଼ିଥିବାରୁ ଗ୍ରାହକମାନଙ୍କ ପାଇଁ ଭାରତ ମସଲା ପକ୍ଷରୁ ସମସ୍ତ ଅଫର ପୂର୍ବ ଦିନଗୁଡ଼ିକ ଭଳି ବଳବତ୍ତର ରହିବା ସହ ବମ୍ପର ପ୍ରାଇଜ୍‌ର ଉଠାଣ ହେବ ବୋଲି କମ୍ପାନୀ ପକ୍ଷରୁ ସୂଚନା ଦିଆଯାଇଛି।

Printed & Published by Gyanaranjan Behera on behalf of Radhakrushna Publications Pvt. Ltd. and Printed at Ricky Promotors, Plot No.6709, M.I.E., Rasulgarh, Bhubaneswar-751010 and Published at Janachetana Parisad Bhawan, At-Kajala, P.O/Dist -Kendrapara, Pin-754211, Ph. : 9439698412, 9583706460
Editor : Ambika Prasad Das ସମ୍ପାଦକ : ଅମ୍ବିକା ପ୍ରସାଦ ଦାସ
Chief Editor : Umapada Bose ମୁଖ୍ୟ ସମ୍ପାଦକ : ଉମାପଦ ବୋଷ